ବର୍ଷ-୨୬, ସଂଖ୍ୟା-୧୭୨
ଭୁବନେଶ୍ୱର
୨୮, ଜୁନ, ୨୦୨୬, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 172
Bhubaneswar
28, June, 2026, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

# ବିକାଶର ନେତୃତ୍ୱ ନେବେ ମହିଳା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୬(ମହାଭାରତ):** ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ରାଜ୍ୟ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି। ନୀତି ଆୟୋଗର ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ଲାଟ୍‌ଫର୍ମ' ( ୱୁମେନ ଏଂଟରପ୍ରୋନ୍ୟୋରସିପ ପ୍ଲାଟଫର୍ମ ଓଡ଼ିଶା ଚାପ୍ଟର ) କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମହିଳାମାନଙ୍କ ଅର୍ଥନୈତିକ ନେତୃତ୍ୱର ଏକ ମହା-ଅଭିଯାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ' ତଥା ଅନ୍ତର୍ଜାତୀୟ ଏମଏସଏମଇ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ଆମେ ଏମିତି ଏକ ଓଡ଼ିଶା ଗଠନ କରିବୁ, ଯେଉଁଠାରେ ମହିଳାମାନେ ଚାକିରି ଖୋଜିବେ ନାହିଁ, ବରଂ ଚାକିରି ସୃଷ୍ଟି କରିବେ, ବିଭିନ୍ନ ଉତ୍ପାଦର କେବଳ ଉପଭୋକ୍ତା ହେବେ ନାହିଁ, ବରଂ ଉତ୍ପାଦକୁ ନିଜେ ସୃଷ୍ଟି କରିବେ, ସେମାନେ ବିକାଶର କେବଳ ଅଂଶୀଦାର ହେବେ ନାହିଁ, ବରଂ ବିକାଶର ନେତୃତ୍ୱ ନେବେ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହାର ଏକ ବର୍ଷର ଆକ୍ସନ ପ୍ଲାନ୍ ର ମଧ୍ୟ ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳା ସଶକ୍ତିକରଣ କ୍ଷେତ୍ରରେ 'ସୁଭଦ୍ରା ଯୋଜନା'ର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଆଜି ଏକ କୋଟିରୁ ଅଧିକ ମହିଳା ଏହି



ଯୋଜନାରେ ସଶକ୍ତ ହୋଇ ସ୍ୱାବଲମ୍ବନ ପଥରେ ଅଗ୍ରସର ହେଉଛନ୍ତି।

ଆଇଆଇଏମ ସମ୍ବଲପୁର, ଏସବିଆଇ ଏବଂ ଏଆଇ ଭଏସ୍ ବଟ୍ ସର୍ଭେର ତଥ୍ୟ ଅନୁସାରେ ରାଜ୍ୟରେ ମହିଳା ପରିଚାଳିତ ଉଦ୍ୟୋଗ ସଂଖ୍ୟା ୨୫ ପ୍ରତିଶତରୁ ବୃଦ୍ଧି ପାଇ ୫୩ ପ୍ରତିଶତ, ଅର୍ଥାତ୍ ଦୁଇ ଗୁଣରୁ ଅଧିକ ହୋଇଛି। ଏହା ସହିତ ହିତାଧିକାରୀମାନଙ୍କର ହାରାହାରି ବ୍ୟାଙ୍କ ଜମା ମଧ୍ୟ ୬,୮୮୭ ଟଙ୍କା ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ନୂତନ ଭାବେ ଗଠିତ ପ୍ଲାଟଫର୍ମ ଜରିଆରେ ମିଶନ ଶକ୍ତି, ଏମଏସଏମଇ, ଷ୍ଟାର୍ଟଅପ୍ ଓଡ଼ିଶା, ବ୍ୟାଙ୍କ ଏବଂ ଶିକ୍ଷ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମହିଳାମାନଙ୍କୁ ଆର୍ଥିକ ସହାୟତା, ବଜାର ସୁବିଧା, ମେଣ୍ଟରସିପ୍ ଓ ସ୍କିଲ୍ ଡେଭଲପମେଣ୍ଟ ଆଦି ସମସ୍ତ ସୁବିଧା ଗୋଟିଏ ମଂଚରେ ଯୋଗାଇ ଦିଆଯିବ। ହସ୍ତତନ୍ତ, ସ୍କିଲ୍, ହୋମ୍ ଷ୍ଟେ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଅନେକ ନୂତନ ପାର୍ଟନରସିପ୍ ଓ କୋଲାବରେସନ୍ ମଧ୍ୟ ଆଜି ଆରମ୍ଭ କରାଯାଇଛି। ରାଜ୍ୟର ଅର୍ଥନୈତିକ ବିକାଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) କୁ ମୂଳ ଇଞ୍ଜିନ୍ ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଭିତ୍ତିଭୂମି ବିକାଶ ପାଇଁ ଅନେକ ନୂତନ ପଦକ୍ଷେପ ଆରମ୍ଭ କରିଛନ୍ତି। ଏହି ଅବସରରେ ବାଲେଶ୍ୱରଠାରେ ୨୪ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ 'ରାଇସ୍ ମିଲିଙ୍ଗ୍ କ୍ଲଷ୍ଟର'ର ଉଦ୍‌ଘାଟନ କରାଯାଇଛି, ଯାହା ରାଇସ୍ ବ୍ରାନ୍ ଅଏଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବ। ସେହିପରି ପାରମ୍ପରିକ ସୁସ୍ୱାଦୁ ଖାଦ୍ୟର ପ୍ରସାର ପାଇଁ ପାହାଲଠାରେ ୧୭ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ 'ରସଗୋଲା କ୍ଲଷ୍ଟର' ପାଇଁ ଶିଳାନ୍ୟାସ କରାଯାଇଛି। ଏହାଦ୍ୱାରା ପାହାଳର ଦୈନିକ ଉତ୍ପାଦନ କ୍ଷମତା ୭ ହଜାର କେଜିରୁ ୧୧ ହଜାର କେଜିକୁ ବୃଦ୍ଧି ପାଇବ। ଏହା ବ୍ୟତୀତ ଗଞ୍ଜାମର ବରପାଲ୍ଲି ଓ କଳାହାଣ୍ଡିର କେସିଙ୍ଗାଠାରେ ୧୦ କୋଟି ଟଙ୍କା ଲେଖାଏଁ ବ୍ୟୟରେ ୨ଟି 'ମଲ୍ଟି-ପ୍ରଡକ୍ଟ ଏମଏସଏମଇ ପାର୍କ'ର ଉଦ୍‌ଘାଟନ କରାଯାଇଛି। ଆଗାମୀ ଦିନରେ ଏକ ଇଞ୍ଜିନିୟରିଙ୍ଗ୍ କ୍ଲଷ୍ଟର, ମୁଦ୍ରଣ ଓ ପ୍ୟାକେଜିଙ୍ଗ୍ କ୍ଲଷ୍ଟର ଏବଂ କାଜୁ କ୍ଲଷ୍ଟରର ଶୁଭାରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ମଲ୍ଟି ପ୍ରଡକ୍ଟ ଏମଏସଏମଇ ପାର୍କ ସ୍ଥାପନ କରାଯାଉଛି ବୋଲି ସେ କହିଥିଲେ। ରାଜ୍ୟରେ ଏମଏସଏମଇ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଓଡ଼ିଶାର ୪ ଲକ୍ଷ ୩୨ ହଜାରରୁ ଅଧିକ ଏମଏସଏମଇ ଉପକୃତ ହୋଇଛନ୍ତି। ପିଏମଇଜିପି ଜରିଆରେ ୪,୯୦୦ କ୍ଷୁଦ୍ର ଉଦ୍ୟୋଗକୁ ୧୪୬ କୋଟି ଟଙ୍କାର ସବସିଡି ପ୍ରଦାନ କରାଯାଇଛି, ଯେଉଁଥିରେ ୪୨.୫ ପ୍ରତିଶତ ହିତାଧିକାରୀ ହେଉଛନ୍ତି ମହିଳା। କ୍ରେଡିଟ୍ ଗ୍ୟାରେଣ୍ଟି ଯୋଜନାରେ ୨୩ ହଜାର କୋଟିରୁ ଅଧିକ ଟଙ୍କାର ବନ୍ଧକମୁକ୍ତ ଋଣ ପ୍ରଦାନ କରାଯାଇଥିବା ବେଳେ ସିଏମ-ଏସଆରଆଇଏମ ଯୋଜନାରେ ସରକାର ସୁଧ ଭାର ବହନ କରୁଛନ୍ତି। ଓଡ଼ିଶାର ପଣ୍ୟଦ୍ରବ୍ୟ ରପ୍ତାନି ଗତ ବର୍ଷ ୯୫,୫୬୮ କୋଟି ଟଙ୍କାରେ ପହଂଚିଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ

୨୦୩୬ ସୁଦ୍ଧା ଓଡ଼ିଶାର ଅର୍ଥନୀତିକୁ ୫୦୦ ବିଲିୟନ ଡଲାରରେ ପହଂଚାଇବା ପାଇଁ ଏମଏସଏମଇ କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିବ । ସମସ୍ତଙ୍କ ମିଳିତ ଉଦ୍ୟମରେ ଏକ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନୀତି ଆୟୋଗର ଉପାଧକ୍ଷ ଡକ୍ଟର ଅଶୋକ କୁମାର ଲାହିରୀ କହିଛନ୍ତି ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ଯୋଜନା ଉପରେ ବିଶେଷ ଫୋକସ ରହିଥିବା ବେଳେ ଓଡ଼ିଶା ଆଜି ବିକାଶର ଏକ ନୂଆ କିରଣ ସାଜିବା ସହ ଏକ ଉଦୀୟମାନ ତାରକା ଭାବେ ଉଭା ହୋଇଛି।

## ଘର ଭିତରୁ ମା' ଝିଅଙ୍କ ମୃତଦେହ ଉଦ୍ଧାର



**ଠାକୁରମୁଣ୍ଡା,୨୭।୬(ମହାଭାରତ):** ମୟୂରଭଞ୍ଜରେ ମର୍ଡର। ମହୁଲଡିହା ଥାନା ଅନ୍ତର୍ଗତ ତରାମରା ଗ୍ରାମପଞ୍ଚାୟତ ଡକେଇପାଳ ଗ୍ରାମର ମୁକ୍ତାଝରୀସାହିରେ ମା' ଏବଂ ଝିଅଙ୍କୁ ହତ୍ୟା କରାଯାଇଛି। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇଯାଇଛି। ମୃତକାମାନେ ହେଲେ ସୀତାମଣି ଟୁଡୁ (୩୦) ଏବଂ ତାଙ୍କର ଝିଅ ଜବାମଣି ଟୁଡୁ (୮)। ସୂଚନା ଅନୁସାରେ ଡକେଇପାଳ ଗ୍ରାମର ଚୈତନ୍ୟ ଟୁଡୁ( ୩୫) ଆଜି ଦିନ ୧୦ଟା ବେଳେ କୋଦାଳ ପଜାଇବା ପାଇଁ ବିନ୍ଧାଣି ପାଖକୁ ଯାଇଥିଲା। ସେ ଦିନ ୨ଟାରେ ଘରକୁ ଫେରିଲା ବେଳକୁ ସବୁ କବାଟ ବନ୍ଦ ଅଛି। କବାଟ ବାଡାଇ ଡାକିଲା ବେଳକୁ ଘର ଭିତରୁ ସ୍ତ୍ରୀଙ୍କର ଶବ୍ଦ ଶୁଭୁ ନାହିଁ। ଶୋଇବା ଘର ଭିତର ପଟୁ ବନ୍ଦ ଥିଲା। ଏହା ପରେ ସେ ସିଡି ଲଗାଇ ସ୍କାଏଲାଇଟ ପଟେ ଉଠି ଦେଖିଥିଲେ।

ଘର ଉପରେ ସେ ଦେଖିଲେ ଯେ, ସୀତାମଣି ଏବଂ ଜବାମଣି ଶୋଇଛନ୍ତି। ଭିତର ପଟୁ କବାଟ ଖୋଲି ଦେଖନ୍ତିତ ଝିଅର ବେକ ଧାରୁଆ ଅସ୍ତ୍ରରେ କଟାଯାଇଛି ଓ ସ୍ତ୍ରୀ ସୀତାର ମଧ୍ୟ ମୃତ୍ୟୁ ହୋଇଛି। ସେ ୨ ଜଣକଙ୍କୁ ଲୁଗା ଢାଙ୍କି ଦେଇଥିଲେ। ଝିଅ ଜବାମଣୀ ଟୁଡୁ ପାରାଦୀପସ୍ଥିତ ଏକ ଆଶ୍ରମ ବିଦ୍ୟାଳୟରେ ଦିତୀୟ ଶ୍ରେଣୀରେ ପଢୁଥିଲା।ଖବର ପାଇ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକ, ମହୁଲଡିହା ଥାନା ଅଧିକାରୀ ତୁଷାର ନାୟକ, ଏଏସ୍‌ଆଇ ସନ୍ତୋଷ ନାୟକ, ପୁଲିସ୍ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଛି। ଆସନ୍ତାକାଲି ସାଇଣ୍ଟିଫିକ ଟିମ ଆସିଲା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଚୈତନ୍ୟ ଟୁଡୁଙ୍କୁ ପଚରାଉଚୁରା କରିଛି।

## ଓଟିଏଏସ ଭୀମସେନ ଚାକିରୀରୁ ବହିଷ୍କୃତ

**ଭୁବନେଶ୍ୱର,୨୭।୬ (ମହାଭାରତ):** ନୂଆ କରି ନିଯୁକ୍ତି ପାଇଥିବା ଓଟିଏଏସ ଅଧିକାରୀ ଭୀମସେନ ଟୁଡୁଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସରକାରୀ ସେବାରୁ ବହିଷ୍କାର କରିଛନ୍ତି। ଭବିଷ୍ୟତରେ ମଧ୍ୟ ଶ୍ରୀ ଟୁଡୁ ଆଉ କୌଣସି ସରକାରୀ ଚାକିରି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ନୂଆ କରି ଓଟିଏଏସ ପାଇଥିବା ଶ୍ରୀ ଟୁଡୁ ତାଙ୍କ ଇଣ୍ଡକ୍ସନ୍ ଟ୍ରେନିଙ୍ଗ୍ ସମୟରେ ୨୦୨୬ ଜୁନ୍ ୪ ତାରିଖଠାରୁ ଅନୁପସ୍ଥିତ ଥିଲେ। ମଧୁସୂଦନ ଦାସ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଂଟ ରେ ତାଙ୍କ ଶେଷ ପରୀକ୍ଷାରେ ମଧ୍ୟ ଯୋଗ ଦେଇନଥିଲେ। ସେହି ସମୟରେ ସେ ଏକ ମୃତ୍ୟୁ ମାମଲାରେ ବାରଙ୍ଗ ପୋଲିସ ଦ୍ୱାରା ଗିରଫ ହୋଇଥିଲେ ଏବଂ ତାଙ୍କୁ



ଜୁଡିସିଆଲ୍ କଷ୍ଟୋଡିକୁ ପଠାଯାଇଛି। ଅପରାଧିକ ମାମଲାରେ ୪୮ ଘଂଟାରୁ ଅଧିକ ସମୟଧରି ପୋଲିସ ଦ୍ୱାରା ଅଟକ ଥିବାରୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇ ତାଙ୍କୁ ସିଧାସଳଖ ସରକାରୀ ସେବାରୁ ବରଖାସ୍ତ କରାଯାଇଛି।

## ଆଗାମୀ ୭ ଦିନ ଭୀଷଣ ବର୍ଷା

**ଭୁବନେଶ୍ୱର,୨୭।୬ (ମହାଭାରତ):** ଆଗାମୀ ୭ ଦିନ ଅର୍ଥାତ୍ ଜୁନ୍ ୨୭ ତାରିଖ ସକାଳ ଠାରୁ ଜୁଲାଇ ୪ ତାରିଖ ସକାଳ ସକାଳ ସୁଦ୍ଧା ଭୀଷଣ ବର୍ଷା ନେଇ ରାଜ୍ୟର କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଭୀଷଣ ବର୍ଷା ନେଇ ଆଗାମୀ ୨୪ ଘଂଟା ପାଇଁ ୩ ଜିଲ୍ଲା (କେନ୍ଦୁଝର, କନ୍ଧମାଳ, କୋରାପୁଟ) ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି ।

ସେହିପରି ୨୮ ତାରିଖ ସକାଳ ଠାରୁ ୨୯ ତାରିଖ ସକାଳ ସୁଦ୍ଧା ୩ ଜିଲ୍ଲା (କନ୍ଧମାଳ, ରାୟଗଡ଼ା, କୋରାପୁଟ)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ୨୯ ତାରିଖ ସକାଳ ଠାରୁ ୩୦ ତାରିଖ ସକାଳ ସୁଦ୍ଧା କୋରାପୁଟ, ନବରଙ୍ଗପୁର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ୩୦ ତାରିଖ ସକାଳ ଠାରୁ ଜୁଲାଇ ୧ ତାରିଖ ସକାଳ ସୁଦ୍ଧା କୋରାପୁଟ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୧ ତାରିଖ ସକାଳ ଠାରୁ ୨ ତାରିଖ ସକାଳ ସୁଦ୍ଧା ସୁନ୍ଦରଗଡ଼ ଓ କୋରାପୁଟ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨ ତାରିଖ ସକାଳ ଠାରୁ ୩ ତାରିଖ ସକାଳ ସୁଦ୍ଧା କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୩ ତାରିଖ ସକାଳ ଠାରୁ ୪ ତାରିଖ ସକାଳ ସୁଦ୍ଧା ରାୟଗଡ଼ା, କୋରାପୁଟ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶନିବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## ଜଙ୍ଗଲରୁ ଶିଶୁପୁତ୍ର ଉଦ୍ଧାର

**ଗଞ୍ଜାମ,୨୭।୬ (ମହାଭାରତ):** ଗଞ୍ଜାମ ଜିଲ୍ଲା ଚିକିଟି ଅଂଚଳର କେ. ନୂଆଗାଁ ଥାନା ଅଧୀନ କେ. ନୂଆଗାଁ ଗ୍ରାମସ୍ଥିତ ରନଶ୍ୱେରୀ ମନ୍ଦିର ନିକଟ ଜଙ୍ଗଲରୁ ଏକ ଚାରି ମାସର ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। କେହି ଦୁର୍ବୃତ୍ତ ଶିଶୁଟିକୁ ସେଠାରେ ପରିତ୍ୟାଗ କରି ପଳାଇଯାଇଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ପ୍ରାୟ ୮ଟା ସମୟରେ ହାତିବାଡ଼ି ଗ୍ରାମର ଜଣେ ଶ୍ରମିକ କାମ ସାରି ଘରକୁ ଫେରୁଥିବା ବେଳେ ଜଙ୍ଗଲ ମଧ୍ୟରୁ ଶିଶୁର କାନ୍ଦ ଶୁଣିଥିଲେ। ସେ ତୁରନ୍ତ ସେଠାରେ ଥିବା କିଛି ବାଟୋଇଙ୍କ ସହାୟତାରେ ଶିଶୁଟିକୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ଖବର ପାଇ କେ. ନୂଆଗାଁ ଥାନା ଅଧିକାରୀ ବିଶ୍ୱଜିତ ନାୟକ ଘଟଣାସ୍ଥଳରେ ପହଂଚି ଶିଶୁଟିକୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାହାର ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରାଯାଇଥିଲା।

# ସେସେଲ୍ସ ଗସ୍ତରେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୭।୬(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ପୂର୍ବ ଆଫ୍ରିକାର ଦ୍ୱୀପରାଷ୍ଟ୍ର ସେସେଲ୍ସ ଗସ୍ତ ପାଇଁ ନୂଆଦିଲ୍ଲୀରୁ ଯାତ୍ରା ଆରମ୍ଭ କରିଛନ୍ତି । ସେ ଜୁନ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ତିନି ଦିନିଆ ସରକାରୀ ଗସ୍ତରେ ସେସେଲ୍ସରେ ଅବସ୍ଥାନ କରିବେ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁସାରେ, ସେସେଲ୍ସର ରାଷ୍ଟ୍ରପତି ଡ. ପାଟ୍ରିକ୍ ହର୍ମିନିଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଆୟୋଜିତ ହେଉଛି। ସେସେଲ୍ସ ନିଜର ଜାତୀୟ ଦିବସର ସ୍ୱର୍ଣ୍ଣ ଜୟନ୍ତୀ (୫୦ତମ ବାର୍ଷିକୀ) ପାଳନ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହା ପୂର୍ବରୁ ସେ ୨୦୧୫ ମସିହାରେ ସେସେଲ୍ସ ଗସ୍ତ କରିଥିଲେ। ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ସେସେଲ୍ସର ରାଷ୍ଟ୍ରପତି ଡ. ପାଟ୍ରିକ୍ ହର୍ମିନିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ। ଏହି ବୈଠକରେ ଉଭୟ ନେତା ଭାରତ-ସେସେଲ୍ସ ସହଯୋଗର ସମସ୍ତ କ୍ଷେତ୍ରର ସମୀକ୍ଷା କରିବା ସହ ଆଂଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ। ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ସେସେଲ୍ସର ନ୍ୟାସନାଲ୍ ଆସେମ୍ବଲି କୁ ମଧ୍ୟ ସମ୍ବୋଧିତ କରିବେ। ଏହି ସମ୍ମାନ ପାଇବାରେ ସେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ହେବେ। ଏହା ସହିତ ସେ ସେସେଲ୍ସରେ ବସବାସ



କରୁଥିବା ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହ ମଧ୍ୟ ସାକ୍ଷାତ କରିବେ। ଭାରତ ଓ ସେସେଲ୍ସ ମଧ୍ୟରେ ଦୃଢ଼ ବନ୍ଧୁତ୍ୱ, ସାମୁଦ୍ରିକ ସହଯୋଗ ଏବଂ ଦ୍ୱିପାକ୍ଷିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବା ଦିଗରେ ଏହି ଗସ୍ତକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମଓ) ପକ୍ଷରୁ ପ୍ରକାଶିତ ବିବୃତ୍ତି ଅନୁସାରେ, ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ସେସେଲ୍ସ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଡ଼ୋଶୀ ଦେଶ ଏବଂ 'ମହାସାଗର' ଦୃଷ୍ଟିକୋଣ ତଥା ବିଶ୍ୱ ଦକ୍ଷିଣ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାର ଏକ ପ୍ରମୁଖ ଅଂଶୀଦାର। ସେ କହିଛନ୍ତି ଯେ, ଚଳିତ ବର୍ଷ ଉଭୟ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୫୦ତମ ବାର୍ଷିକୀ ପାଳନ କରାଯାଉଛି, ଯାହା ପରସ୍ପର ବିଶ୍ୱାସ, ସାଧାରଣ ଗଣତାନ୍ତ୍ରିକ ମୂଲ୍ୟବୋଧ, ବିବିଧତା ପ୍ରତି ସମ୍ମାନ ଏବଂ ଦୁଇ ଦେଶର ଜନସାଧାରଣଙ୍କ ମଧ୍ୟରେ ଥିବା ଆତ୍ମୀୟ ସମ୍ପର୍କ ଉପରେ ଆଧାରିତ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଫେବୃଆରୀ ୨୦୨୬ରେ ରାଷ୍ଟ୍ରପତି ଡ. ପାଟ୍ରିକ୍ ହର୍ମିନିଙ୍କ ସଫଳ ଭାରତ ଗସ୍ତ ପରେ ଦୁଇ ଦେଶର ଚିରସ୍ଥାୟୀ ବନ୍ଧୁତ୍ୱକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ହେବାକୁ ଥିବା ଆଲୋଚନାକୁ ନେଇ ସେ ଆଶାବାଦୀ ଅଛନ୍ତି। ଉଭୟ ଦେଶ ନିଜ ନିଜ ନାଗରିକଙ୍କ କଲ୍ୟାଣ, ଉନ୍ନତି ଏବଂ ହିନ୍ଦ ମହାସାଗର ଅଂଚଳରେ ସୁରକ୍ଷା ଓ ସମୃଦ୍ଧି ବୃଦ୍ଧି ପାଇଁ ମିଳିତ ଭାବେ କାର୍ଯ୍ୟ କରିବେ।

## ସ୍ନାନଯାତ୍ରା ପାଇଁ ପୁରୀରେ କଡ଼ା ସୁରକ୍ଷା

**ପୁରୀ,୨୭।୬(ମହାଭାରତ):** ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରାକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପୁରୀରେ ବ୍ୟାପକ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି। ଏନେଇ ପୁରୀ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।



ସେ କହିଛନ୍ତି ଯେ, ଭକ୍ତଙ୍କ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି । ଏଥିପାଇଁ ୭୯ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ। ଉଚ୍ଚ ଅଟ୍ଟାଳିକାଗୁଡ଼ିକ ଉପରେ ସୁରକ୍ଷାକର୍ମୀ ମୁତୟନ ହୋଇ ସମଗ୍ର ଅଂଚଳ ଉପରେ କଡ଼ା ନଜର ରଖିବେ।

ସ୍ନାନଯାତ୍ରାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା ଲାଗୁ କରାଯାଇଛି। ନିର୍ଦ୍ଧାରିତ ଟ୍ରାଫିକ୍ ନିୟମ ଅନୁଯାୟୀ ପାର୍କିଂ ବ୍ୟବସ୍ଥା କରାଯାଇଥିବା ବେଳେ ଶ୍ରୀମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ସାଧାରଣ ଯାନବାହନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଭକ୍ତମାନଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ସିଂହଦ୍ୱାର ଦେଇ ପ୍ରବେଶ ଏବଂ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଶ୍ରୀମନ୍ଦିର ଓ ବଡ଼ଦାଣ୍ଡକୁ ଅତ୍ୟାଧୁନିକ ସିସିଟିଭି କ୍ୟାମେରାର ନଜରରେ ରଖାଯିବ। ଶ୍ରୀମନ୍ଦିର ଭିତରେ ୫୨ଟି ଏବଂ ବାହାରେ ୨୫୦ଟି ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଛି। ଏହାବ୍ୟତୀତ ପୁରୀ ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଆହୁରି ୩୦ଟି ସିସିଟିଭି କ୍ୟାମେରା ଲଗାଯିବ। ପୁରୀ ପୋଲିସ ପକ୍ଷରୁ ଭକ୍ତମାନଙ୍କ ସହାୟତା ପାଇଁ ୮୭୬୩୧୯୯୪୦୦ ନମ୍ବର ବିଶିଷ୍ଟ ଏକ ହ୍ୱାଟସ୍‌ଆପ୍ ହେଲ୍ପଲାଇନ୍ ଜାରି କରାଯାଇଛି। ସେହିପରି ଯେକୌଣସି ଜରୁରି ପରିସ୍ଥିତିରେ ୧୧୨ ନମ୍ବରକୁ କଲ୍ କରି ସହାୟତା ନିଆଯାଇପାରିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ମହାନଦୀ ଜଳ ବିବାଦରେ ସରକାରଙ୍କ ପ୍ରତିବଦ୍ଧତା କୁଆଡେ ଗଲା ?

**ଭୁବନେଶ୍ୱର,୨୭।୬ (ମହାଭାରତ):** ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଛତିଶଗଡ ଓ କର୍ପୋରେଟ୍ ସଂସ୍ଥାଙ୍କ ସ୍ୱାର୍ଥରେ କାମ କରୁଛି ଓଡିଶା ବିଜେପି ସରକାର । ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଗତ ମାସରେ ଯୁଗ୍ମ ବୈଷୟିକ କମିଟି ଦେଇଥିବା ରିପୋର୍ଟ ଓଡିଶାର ସ୍ୱାର୍ଥ ବିରୋଧରେ ଯାଉଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି ।

ଆଜି ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଶ୍ରୀ ରୋହିତ ପୂଜାରୀ ଓ ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ, ଗତବର୍ଷ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଏବଂ ଗତ ମାସରେ ଟ୍ରିବ୍ୟୁନାଲରେ ଦାଖଲ ହୋଇଥିବା ତଥ୍ୟ ମଧ୍ୟରେ କୌଣସି ତାଳମେଳ ନାହିଁ ।

ଶ୍ରୀ ବକ୍ସିପାତ୍ର କହିଥିଲେ ଯେ, ଛତିଶଗଡ ଏବଂ କର୍ପୋରେଟ୍ ସଂସ୍ଥାମାନଙ୍କୁ ସୁହାଇଲା ଭଳି ଭୂମିକା ଓଡିଶା ସରକାର ନେବା ଦୁର୍ଭାଗ୍ୟଜନକ । ଟ୍ରିବ୍ୟୁନାଲ ନିକଟରେ ଗତ ମାସରେ ଯୁଗ୍ମ ବୈଷୟିକ କମିଟି ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ, ମହାନଦୀର ଅବବାହିକାରେ ୬୨.୩୬ ନିୟୁତ ଏକର ଫୁଟ୍



ପାଣି ଉପଲବ୍ଧ ଅଛି, ଛତିଶଗଡ ଓ ଓଡିଶା ସୀମାନ୍ତରେ ୨୮.୪୮, ହୀରାକୁଦ ନିକଟରେ ୩୨.୮୩ ଓ ନରାଜ ନିକଟରେ ୫୬.୨୯ ନିୟୁତ ଏକର ଫୁଟ ପାଣି ଉପଲବ୍ଧ । ଏଥିରୁ ସ୍ପଷ୍ଟ ହେଉଛି ଯେ, ଓଡିଶାରେ ମହାନଦୀରେ ପ୍ରଚୁର ପାଣି ରହିଛି ଏବଂ ଛତିଶଗଡ ସହିତ ବିବାଦର କୌଣସି ଯର୍ଥାଥତା ନାହିଁ । ଏହି ରିପୋର୍ଟକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ଅପରପକ୍ଷରେ ୨୦୨୫ ଅଗଷ୍ଟ ୨୫ତାରିଖରେ ଓଡିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ ମହାନଦୀର ଉପରମୁଣ୍ଡରେ ଛତିଶଗଡ ବନ୍ଧ ବାନ୍ଧିବା କାରଣରୁ ଅଣମୌସୁମୀ ସମୟରେ ଓଡିଶାରେ ଜଳ ପ୍ରବାହ ହ୍ରାସ ପାଇଛି । ସରକାରକୁ ଆସିଲା ପରେ ତୁରନ୍ତ ମହାନଦୀ ଜଳ ବଣ୍ଟନ ସମସ୍ୟା ସମାଧାନ କରିଦେବୁ ବୋଲି ବାହାସ୍ଫୋଟ ମାରୁଥିବା ବିଜେପି ସରକାର ଆଜି ଛତିଶଗଡ ନିକଟରେ ମୁଣ୍ଡ ବିକିଦେଇଛି । ତୁରନ୍ତ ରାଜ୍ୟ ସରକାର ଏ ସଂପର୍କରେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ।

ଅନ୍ୟପଟେ ଶ୍ରୀ ପୂଜାରୀ କହିଥିଲେ, ହୀରାକୁଦ ବନ୍ଧ ନିର୍ମାଣ ସମୟରେ ଲକ୍ଷାଧିକ ସ୍ଥାନୀୟ ବାସିନ୍ଦା ବିସ୍ଥାପିତ ହୋଇଥିଲେ । ଆଜି ସୁଦ୍ଧା ସେମାନଙ୍କ ସମସ୍ୟାର ସମାଧାନ ହୋଇନଥିବା ବେଳେ ରାଜ୍ୟ ବିଜେପି ସରକାର, ଟ୍ରିବ୍ୟୁନାଲ ନିକଟରେ ଓଡିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛି । ଚୁଟ୍କିରେ ସମାଧାନ ହେଇଯିବ ବୋଲି କହୁଥିବା ରାଜ୍ୟ ବିଜେପି ସରକାର ଆଜି ଓଡିଶାର ସ୍ୱାର୍ଥ ଟ୍ରିବ୍ୟୁନାଲ ନିକଟରେ ସଠିକ୍ ଢଙ୍ଗରେ ଉପସ୍ଥାପନ କରିବା ପରିବର୍ତ୍ତେ ଛତିଶଗଡ ଦେଇଥିବା ତଥ୍ୟକୁ ସ୍ୱୀକାର କରିନେଇଛି । ୨୦୧୮ ମସିହାରେ ତତ୍କାଳୀନ ବିଜେଡି ସରକାର ସୁପ୍ରିମକୋର୍ଟ ଓ ଟ୍ରିବ୍ୟୁନାଲରେ ଛତିଶଗଡ ମହାନଦୀରେ ପାଣି ଅଟକାଇବା ନେଇ ଦୃଢ ଦାବି ଉପସ୍ଥାପନ କରିଥିଲା ବେଳେ ବର୍ତ୍ତମାନର ବିଜେପି ସରକାର ଛତିଶଗଡ ଦେଇଥିବା ତଥ୍ୟକୁ ଯୁଗ୍ମ ବୈଷୟିକ କମିଟି ନିକଟରେ ଅନୁମୋଦନ କରି ଓଡିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛନ୍ତି । ମହାନଦୀ ଶୁଖିଲା ପଡିଥିଲା ବେଳେ ପର୍ଯ୍ୟାପ୍ତ ପାଣି ଉପଲବ୍ଧ ଅଛି ବୋଲି ଟ୍ରିବ୍ୟୁନାଲ ନିକଟରେ ସହମତି ପ୍ରକାଶ କରିବା, ଡବଲ ଇଂଜିନ ସରକାରର ରାଜ୍ୟବାସୀଙ୍କ ପ୍ରତି ଚରମ ଉପହାସ ବୋଲି ବିଜେଡି କହିଛି ।

## ଅଟଳ ବସ୍‌ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର,୨୭।୬ (ମହାଭାରତ):** ରାଜ୍ୟର ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଆଜି ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ରେ ନିର୍ମାଣ ହେବାକୁ ଥିବା ଅଟଳ ବସ୍‌ଷ୍ଟାଣ୍ଡର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଧୁନିକ ସୁବିଧାସମ୍ପନ୍ନ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା ପରେ ସ୍ଥାନୀୟ ଜନସାଧାରଣ ଏବଂ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଅଧିକ ଉନ୍ନତ, ସୁରକ୍ଷିତ ଓ ସୁବିଧାଜନକ ପରିବହନ ସେବା ପାଇପାରିବେ। ଏହି ପ୍ରକଳ୍ପ କେବଳ ଯାତାୟାତ ବ୍ୟବସ୍ଥାକୁ ସହଜ କରିବ ନାହିଁ, ବରଂ ସ୍ଥାନୀୟ ବ୍ୟବସାୟ, ବାଣିଜ୍ୟିକ କାର୍ଯ୍ୟକଳାପ ଓ ଆର୍ଥିକ ବିକାଶକୁ ମଧ୍ୟ ଅଧିକ ଗତିଶୀଳ କରିବ। ଏହା ମାଧ୍ୟମରେ ପାଟଣାଗଡ଼ ଓ ଏହାର ଆଖପାଖ ଅଂଚଳର ସାମଗ୍ରିକ ବିକାଶରେ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ' ।



**ଖବର**

## ପ୍ରଥମ ଦିନରେ ଅକ୍ଷୟ କୁମାରଙ୍କ ୨୯ଟି ଫିଲ୍ମର ରେକର୍ଡ ଭାଙ୍ଗିଲା 'ୱେଲକମ୍ ଟୁ ଦି ଜଙ୍ଗଲ୍'



ବଲିଉଡର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାରଙ୍କ ବହୁ ପ୍ରତୀକ୍ଷିତ କମେଡି ଚଳଚ୍ଚିତ୍ର 'ୱେଲକମ୍ ଟୁ ଦି ଜଙ୍ଗଲ୍' ମୁକ୍ତି ପାଇବା ସହିତ ବକ୍ସ ଅଫିସରେ ଭଲ ଆରମ୍ଭ କରିଛି। ପ୍ରଥମ ଦିନରେ ଦେଶବ୍ୟାପୀ ଫିଲ୍ମଟି ପ୍ରାୟ ୧୮.୭୫ କୋଟି ଟଙ୍କା ଆୟ କରିଥିବା ବେଳେ ସାରା ବିଶ୍ୱରେ ଏହାର ମୋଟ ଆୟ ୨୯ କୋଟି ଟଙ୍କାରୁ ଅଧିକ ହୋଇଛି। ଏହି ଜବରଦସ୍ତ ଆରମ୍ଭ ଫିଲ୍ମ ନିର୍ମାତାଙ୍କ ସହ ଅକ୍ଷୟ କୁମାରଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବଢ଼ାଇ ଦେଇଛି।ପ୍ରଥମ ଦିନର ଏହି ଆୟ ସହ 'ୱେଲକମ୍ ଟୁ ଦି ଜଙ୍ଗଲ୍' ଅକ୍ଷୟ କୁମାରଙ୍କ ପୂର୍ବରୁ ମୁକ୍ତିଲାଭ କରିଥିବା ୨୯ଟି ଚଳଚ୍ଚିତ୍ରର ପ୍ରଥମ ଦିନର ଆୟକୁ ପଛରେ ପକାଇଛି। ଏଥିରେ 'କକଟେଲ୍', 'ଭୂତ ବଙ୍ଗଲା' ଭଳି ଚର୍ଚ୍ଚିତ ଫିଲ୍ମ ମଧ୍ୟ ସାମିଲ ରହିଛି। ଏହା ଅକ୍ଷୟଙ୍କ ଚଳଚ୍ଚିତ୍ର ଜୀବନର ଆଉ ଏକ ସଫଳ ଆରମ୍ଭ ବୋଲି କୁହାଯାଉଛି।ଏହି ଚଳଚ୍ଚିତ୍ରରେ ଅକ୍ଷୟ କୁମାରଙ୍କ ସହ ସୁନୀଲ ସେଟ୍ଟି, ପରେଶ ରାୱଲ, ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍, ଦିଶା ପଟାନୀ, ଅର୍ଶଦ ୱାରସି, ତୁଷାର କପୁର, ଶ୍ରେୟସ ତଲପଡେ ଓ ଅନ୍ୟାନ୍ୟ କଳାକାର ଅଭିନୟ କରିଛନ୍ତି। ହସ, ମଜା ଓ ଭରପୂର ମନୋରଞ୍ଜନ ଯୋଗୁଁ ପରିବାର ସହ ଦେଖିବା ଭଳି ଏକ ଚଳଚ୍ଚିତ୍ର ବୋଲି ଦର୍ଶକ ମତ ଦେଉଛନ୍ତି।ଚଳଚ୍ଚିତ୍ରକୁ ନେଇ ପୂର୍ବରୁ ଥିବା ଉତ୍ସାହ ପ୍ରଥମ ଦିନର ଆୟରେ ସ୍ପଷ୍ଟ ଦେଖିବାକୁ ମିଳିଛି।

## କେଶ ଝଡୁଥିଲେ ଆପଣାନ୍ତୁ ମେଥି

ଦିନକୁ ଦିନ ବଦଳୁଥିବା ଜୀବନଶୈଳୀ, ଖାଦ୍ୟ, ପ୍ରଦୂଷଣ, ଧୂଳି କେବଳ ସ୍ୱାସ୍ଥ୍ୟ ଏବଂ ଚର୍ମ ଉପରେ ପ୍ରଭାବ ପକାଇ ନଥାଏ, ବରଂ ଏଥିପାଇଁ କେଶ ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି ଆଜିକାଲି କେଶ ଝଡ଼ିବା ହେଉ କି କେଶ ଧଳା ପଡିଯିବା ଭଳି ସମସ୍ୟା ଅନେକଙ୍କ ସହ ଘଟୁଛି ବିଶେଷ କରି ଖରାଦିନରେ ରୁପି ସମସ୍ୟା ମଧ୍ୟ ବଢ଼ିଯାଇଥାଏ । ଏହି କେଶ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଲୋକମାନେ ଅନେକ ପ୍ରକାରର ସାମ୍ପୁ ବ୍ୟବହାର କରନ୍ତି, କିନ୍ତୁ କେମିକାଲ ଯୋଗୁଁ ଏହା ଲାଭ ଦେବା ବଦଳରେ କେଶର କ୍ଷତି କରିଥାଏ ଯଦି ଆପଣ କେଶ ଝଡ଼ିବା ସମସ୍ୟାକୁ ନେଇ ଚିନ୍ତାରେ ପଡିଯାଇଛନ୍ତି। ତେବେ ଆଜି ଆମେ ଆପଣଙ୍କୁ ଏକ ସ୍ୱତନ୍ତ୍ର ଘରୋଇ ଉପଚାର କହିବାକୁ ଯାଉଛୁ ଏଥିପାଇଁ ଆପଣଙ୍କୁ କେଶରେ ମେଥି ପାଣି ଲଗାଇବାକୁ ପଡିବ । ଏହାଦ୍ୱାରା ଆପଣଙ୍କ କେଶ ଝଡ଼ିବା କମିଯିବା ସହ ପତଳା କେଶ ମୋଟା ହୋଇଯାଇଥାଏ। କାରଣ ମେଥିରେ



ଥିବା ଲୌହର ପରିମାଣ ରକ୍ତ ସଞ୍ଚାଳନକୁ ଠିକ କରିବା ସହ କେଶକୁ ମଜଭୁତ କରିବା ସହ ରୁପିକୁ ମଧ୍ୟ ଦୂରେଇଦେଇଥାଏ କିଭଳି ଓ କେମିତି ବ୍ୟବହାର କରିବେ ?ଏଥିପାଇଁ ସର୍ବପ୍ରଥମେ ଏକ ବଡ଼ ପାତ୍ରରେ ଏକ ଗ୍ଲାସ୍ ପାଣି ନିଅନ୍ତୁ ଏହି ପାଣିରେ ମେଥି ରଖନ୍ତୁ ଏବଂ ରାତିସାରା ଭିଜିବା ପାଇଁ ଛାଡିଦିଅନ୍ତୁ ସକାଳେ ମେଥିକୁ ଅଲଗା କରି ଏହି ପାଣିକୁ ଅଲଗା ପାତ୍ରରେ ରଖନ୍ତୁ। ବର୍ତ୍ତମାନ ଏହି ପାଣିରେ କିଛି ବୁନ୍ଦା କେଶ ତେଲ ମିଶାଇ ଏହି ଜଳକୁ ଏକ ସ୍ପ୍ରେ ବୋତଲରେ ରଖନ୍ତୁ ଆପଣଙ୍କ କେଶରେ ମେଥି ପାଣି ସିଞ୍ଚନ କରିବା ପୂର୍ବରୁ ସାମ୍ପୁ ଲଗାନ୍ତୁ । ସାମ୍ପୁ ଲଗାଇବା ଦ୍ୱାରା କେଶ ମୂଳ ସଫା ହୋଇଯାଇଥାଏ । ଭଲ ଭାବରେ ମୁଣ୍ଡ ଧୋଇବା ପରେ ସେଥିରେ ମେଥି ମିଶା ପାଣି ସ୍ପ୍ରେ କରନ୍ତୁ । ଏହିପରି କେଶକୁ ଅତି କମରେ ୧ ଘଣ୍ଟା ଛାଡିଦିଅନ୍ତୁ । ଏହା ପରେ କେଶକୁ ପାଣିରେ ଧୋଇ ଦିଅନ୍ତୁ ।

## ଗଜ ଉଦ୍ଧାରଣର କଥା

ଗଜ-ଉଦ୍ଧାରଣ ଭଗବାନ ବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କର ଏକ ପ୍ରସିଦ୍ଧ ଲୀଳା। ଚକ୍ର ଆୟୁଧରେ ଗ୍ରାହ (କୁମ୍ଭୀର)ର ଶିରଚ୍ଛେଦ କରି ଭଗବାନ ଗଜେନ୍ଦ୍ରକୁ ଉଦ୍ଧାର କରିଥିଲେ। ତାହା ଫଳରେ କୁମ୍ଭୀର ତା'ର ପୂର୍ବଜନ୍ମର ଗନ୍ଧର୍ବରୂପ ଫେରିପାଇଥିଲା। ଗଜେନ୍ଦ୍ର ମଧ୍ୟ ସାରୂପ୍ୟ ମୁକ୍ତି ପାଇ, ବିଷ୍ଣୁଙ୍କ ପରି ଚତୁର୍ଭୁଜ ହୋଇ ବିଷ୍ଣୁଲୋକ ଗମନ କରିଥିଲା। କିନ୍ତୁ ଏହି ଅବସରରେ ଭଗବାନ ବିଷ୍ଣୁ ଗଜେନ୍ଦ୍ରକୁ ଯାହା କହିଥିଲେ, ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ସଂସ୍କୃତ 'ଶ୍ରୀମଦ୍ଭାଗବତ' ଅନୁସାରେ, ଭଗବାନ ବିଷ୍ଣୁ ଗଜେନ୍ଦ୍ର ଉପରେ ପ୍ରସନ୍ନ ହୋଇ କହିଥିଲେ- ହେ ଗଜେନ୍ଦ୍ର!



ଯେଉଁମାନେ ମୋର ଶ୍ରୀବତ୍ସ ଚିହ୍ନ, କୌସ୍ତୁଭ ମଣି, ମାଳା, କୌମାଦକୀ ଗଦା, ସୁଦର୍ଶନ ଚକ୍ର, ପାଞ୍ଚଜନ୍ୟ ଶଙ୍ଖ, ପକ୍ଷୀରାଜ ଗରୁଡ଼, ମୋର ସୂକ୍ଷ୍ମ ଅଂଶରୂପୀ ଅନନ୍ତ, ମୋର ଆଶ୍ରିତା ଲକ୍ଷ୍ମୀଦେବୀ, ବ୍ରହ୍ମା, ଶିବ, ନାରଦମୁନି, ପ୍ରହ୍ଲାଦ, ମତ୍ସ୍ୟ, କୂର୍ମ ଓ ବରାହ ପ୍ରଭୃତି ମୋର ଅନନ୍ତ ପୁଣ୍ୟମୟ ଅବତାରମାନଙ୍କର ଲୀଳା ଏବଂ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିଙ୍କୁ ମୋର ରୂପଭାବେ ସ୍ମରଣ କରନ୍ତି; ଓଁକାର, ସତ୍ୟ, ମୂଳପ୍ରକୃତି, ଗୋ, ବ୍ରାହ୍ମଣ, ଅକ୍ଷୟ ସନାତନଧର୍ମ, ସୋମ, କଶ୍ୟପ ଓ ଧର୍ମଙ୍କର ପତ୍ନୀ ଦକ୍ଷ କନ୍ୟାଗଣଙ୍କୁ ଏବଂ ଭକ୍ତରାଜ ଧ୍ରୁବ, ମରୀଚି ଆଦି ସପ୍ତଋଷିଙ୍କୁ, ପୁଣ୍ୟଶ୍ଳୋକ ମନୁଷ୍ୟ (ଯଥା ଯୁଧିଷ୍ଠିର, ଜନକ, ନଳରାଜା ଆଦି)ଙ୍କୁ ମଧ୍ୟ ମୋର ରୂପ ଭାବରେ ସ୍ମରଣ କରନ୍ତି, ସେମାନେ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି! କେବଳ ଏତିକି ନୁହେଁ; ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ସେ ଗଜେନ୍ଦ୍ରକୁ ଆହୁରି ମଧ୍ୟ କହିଥିଲେ- ହେ ଗଜେନ୍ଦ୍ର! ଯେଉଁମାନେ ତୁମକୁ ଓ ମୋତେ, ଏବଂ ଏହି ଗିରିକନ୍ଦର, ବନ, ସରୋବର, ବେତବାଉଁଶ ଆଦିର ବୁଦା ଏବଂ ଦେବଦାରୁ ଆଦି ବୃକ୍ଷଙ୍କୁ ଏବଂ ସମସ୍ତ ଗିରିଶୃଙ୍ଗଙ୍କୁ, ମୋର ପ୍ରିୟ କ୍ଷୀରସାଗର ଓ ଶ୍ୱେତଦୀପକୁ ଏବଂ ଗଙ୍ଗା, ସରସ୍ୱତୀ, ଅଳକାନନ୍ଦା ଓ ଯମୁନା ଆଦି ନଦୀଙ୍କୁ ମୋର ରୂପ ଭାବରେ ସ୍ମରଣ କରନ୍ତି, ସେମାନେ ମଧ୍ୟ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି। 'ଶ୍ରୀମଭାଗବତ'ର ଏହି ଉକ୍ତି ଆମକୁ ସ୍ପଷ୍ଟ ରୂପେ ସୂଚାଏ, ଯେ ଏ ସମସ୍ତ ହେଉଛନ୍ତି ଭଗବାନଙ୍କର ସ୍ୱରୂପ। ଏଣୁ ଆମେ ସେମାନଙ୍କୁ ସ୍ୱୟଂ ଭଗବାନ ବିଷ୍ଣୁଙ୍କ ପରି ଉପାସନା କରିବା ଉଚିତ।

## ବ୍ରହ୍ମାଙ୍କ ବଂଶ

ହିନ୍ଦୁ ଧର୍ମର ପ୍ରମୁଖ ଦେବତାଙ୍କ ମଧ୍ୟରେ ବ୍ରହ୍ମା ପରିଗଣିତ ହୋଇଥା'ନ୍ତି। ସେ ହିନ୍ଦୁମାନଙ୍କ ତିନି ପ୍ରମୁଖ ଦେବତା ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ମଧ୍ୟରୁ ଅନ୍ୟତମ। ଭଗବାନ ବିଷ୍ଣୁଙ୍କ ନାଭିରୁ ଯାଇଥିବା ପଦ୍ମରୁ ବ୍ରହ୍ମାଙ୍କ ଉତ୍ପତ୍ତି ହୋଇଥିଲା। ବ୍ରହ୍ମାଙ୍କୁ ସୃଷ୍ଟିର ରଚୟିତା ବୋଲି କୁହାଯାଇଛି। ସେ ଜୀବଜନ୍ତୁଙ୍କ ସୃଷ୍ଟି କରିଥିଲେ। ପ୍ରମୁଖ ଦେବତା ହୋଇଥିଲେ ମଧ୍ୟ ତାଙ୍କ ପୂଜା ଖୁବ କମ ହୋଇଥାଏ। ଏହାର ଭିନ୍ନ ଭିନ୍ନ କାରଣ ରହିଛି। ପ୍ରଥମତଃ ସେ ସରସ୍ୱତୀଙ୍କ ଠାରୁ ଅଭିଶାପ ପାଇଥିଲେ, ଦ୍ୱିତୀୟରେ ଭଗବାନ ଶିବଙ୍କୁ ଅସତ୍ୟ କହିଥିବା କାରଣରୁ ବ୍ରହ୍ମାଙ୍କ ପୂଜା ବର୍ଜିତ ହୋଇଥିବା ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି। ବ୍ରହ୍ମାଙ୍କର ଏକମାତ୍ର ତଥା ପ୍ରମୁଖ ମନ୍ଦିର ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ରହିଛି। ଅନେକ ଲୋକ ବ୍ରହ୍ମାଙ୍କୁ 'ବ୍ରହ୍ମ' ବୋଲି ଭୁଲବଶତଃ କହିଥା'ନ୍ତି। ବାସ୍ତବରେ 'ବ୍ରହ୍ମ' ଶବ୍ଦର ଅର୍ଥ ହେଉଛି 'ଈଶ୍ୱର'। ପୁରାଣରେ ବ୍ରହ୍ମାଙ୍କ ମାନସ ପୁତ୍ରଙ୍କ ବିଷୟରେ ଉଲ୍ଲେଖ



ରହିଛି। ବ୍ରହ୍ମାଙ୍କ ମନରୁ ମରିଚି, ନେତ୍ରରୁ ଅତ୍ରି, ମୁଖରୁ ଅଙ୍ଗିରସ, କାନରୁ ପୁଲସ୍ତ୍ୟ, ନାଭିରୁ ପୁଲହ, ହାତରୁ କ୍ରତୁ, ଚର୍ମରୁ ଭୃଗୁ, ପ୍ରାଣରୁ ବଶିଷ୍ଠ, ଆଙ୍ଗୁଠିରୁ ଦକ୍ଷ, ଛାଇରୁ କନ୍ଦର୍ଭ, କୋଳରୁ ନାରଦ, ଇଚ୍ଛାରୁ ସନକ, ସନନ୍ଦନ, ସନାତନ, ସନତକୁମାର ଏବଂ ଶରୀରରୁ ସ୍ୱୟମ୍ଭୁ ମନୁ, ଧ୍ୟାନରୁ ଚିତ୍ରଗୁପ୍ତ ଆଦି ପ୍ରକଟ ହୋଇଥିଲେ। ପୁରାଣରେ ବ୍ରହ୍ମା-ପୁତ୍ରମାନଙ୍କୁ "ବ୍ରହ୍ମ ଆତ୍ମା ବୈ ଜାୟତେ ପୁତ୍ର" ବୋଲି କୁହାଯାଇଛି। ବ୍ରହ୍ମା ସର୍ବପ୍ରଥମେ ଯେଉଁ ଚାରି ଜଣ ପୁତ୍ର-ସନକ, ସନନ୍ଦନ, ସନାତନ ଏବଂ ସନତକୁମାରଙ୍କୁ ସୃଷ୍ଟି କରିଥିଲେ, ସେମାନଙ୍କର ସୃଷ୍ଟି ରଚନା କାର୍ଯ୍ୟରେ କୌଣସି ରୁଚି ନଥିଲା। ସେମାନେ ବ୍ରହ୍ମଚର୍ଯ୍ୟ ପାଳନ କରି ବ୍ରହ୍ମତତ୍ତ୍ୱରେ ମଗ୍ନ ହୋଇଗଲେ। ଏପରି ବୀତରାଗ ପୁତ୍ରମାନଙ୍କର ନିରପେକ୍ଷ ବ୍ୟବହାର ଦେଖି ବ୍ରହ୍ମାଙ୍କୁ ଅତ୍ୟନ୍ତ କ୍ରୋଧ ଉତ୍ପନ୍ନ ହେଲା। ବ୍ରହ୍ମାଙ୍କ ସେହି କ୍ରୋଧରୁ ଏକ ପ୍ରଚଣ୍ଡ ଜ୍ୟୋତି ଜନ୍ମ ନେଲା। ସେହି ସମୟରେ କ୍ରୋଧରେ ଜଳୁଥିବା ବ୍ରହ୍ମାଙ୍କ ମସ୍ତକରୁ ଅର୍ଦ୍ଧନାରୀଶ୍ୱର ରୁଦ୍ର ଉତ୍ପନ୍ନ ହେଲେ। ବ୍ରହ୍ମା ସେହି ଅର୍ଦ୍ଧନାରୀଶ୍ୱର ରୁଦ୍ରଙ୍କୁ ସ୍ତ୍ରୀ ଏବଂ ପୁରୁଷ ଦୁଇ ଭାଗରେ ବିଭକ୍ତ କଲେ। ପୁରୁଷଙ୍କ ନାମ 'କା' ଏବଂ ସ୍ତ୍ରୀଙ୍କ ନାମ 'ୟା' ରଖାଗଲା। ପ୍ରଜାପତ୍ୟ କଳ୍ପରେ ବ୍ରହ୍ମା ଏହି ପୁରୁଷ ଏବଂ ସ୍ତ୍ରୀଙ୍କୁ ସ୍ୱୟମ୍ଭୁ ମନୁ ଏବଂ ସ୍ତ୍ରୀଙ୍କୁ ଶତରୂପା ରୂପରେ ପ୍ରକଟ କଲେ। ଏହି ଦୁହିଁଙ୍କ ଠାରୁ ପ୍ରିୟବ୍ରତ, ଉତ୍ତାନପାଦ, ପ୍ରସୂତି ଏବଂ ଆକୂତି ନାମରେ ସନ୍ତାନ ଜନ୍ମ ନେଲେ। ଏହାପରେ କନ୍ୟା ଆକୂତିଙ୍କ ବିବାହ ରୁଚିଙ୍କ ସହିତ ଏବଂ ପ୍ରସୂତିଙ୍କ ବିବାହ ଦକ୍ଷଙ୍କ ସହିତ ହୋଇଗଲା। ଦକ୍ଷ-ପ୍ରସୂତିଙ୍କ ଠାରୁ ୨୪ କନ୍ୟା ଜନ୍ମ ନେଲେ। ସେମାନଙ୍କ ମଧ୍ୟରୁ ଶ୍ରଦ୍ଧା, ଲକ୍ଷ୍ମୀ, ପୁଷ୍ଟି, ଧୃତି, ତୃଷ୍ଟି, ମେଧା, କ୍ରିୟା, ବୁଦ୍ଧି, ଲଜ୍ଜା, ବପୁ, ଶାନ୍ତି, ଋଦ୍ଧି ଏବଂ କିର୍ତ୍ତୀ ଆଦି ୧୩ ଜଣ କନ୍ୟାଙ୍କ ବିବାହ ଧର୍ମଙ୍କ ସହିତ ହୋଇଥିଲା ଏବଂ ଏହାପରେ ଭୃଗୁଙ୍କ ସହିତ ଖ୍ୟାତି, ଶିବଙ୍କ ସହିତ ସତୀ, ମରିଚିଙ୍କ ସହିତ ସମ୍ଭୂତି, ଅଙ୍ଗିରଙ୍କ ସହିତ ସ୍ମୃତି, ପୁଲସ୍ତ୍ୟଙ୍କ ସହିତ ପ୍ରିତି, ପୁଲହଙ୍କ ସହିତ କ୍ଷମା, କୃତିଙ୍କ ସହିତ ସନ୍ତତିଙ୍କର, ଅତ୍ରିଙ୍କ ସହିତ ଅନସୂୟା, ବଶିଷ୍ଠଙ୍କ ସହିତ ଉର୍ଜା, ବ୍ରହ୍ମଙ୍କ ସହିତ ସ୍ୱାହା ତଥା ପିତରଙ୍କ ସହିତ ସ୍ୱଧାଙ୍କର ବିବାହ ହେଲା। ପରବର୍ତ୍ତୀ କାଳରେ ଏମାନଙ୍କ ଠାରୁ ହିଁ ସୃଷ୍ଟି ବିକଶିତ ହୋଇଥିଲା।

## ପୂଜାରେ ପତ୍ରର ଗୁରୁତ୍ୱ

ପର୍ବପର୍ବାଣି ସମୟରେ ଏବଂ ସାଧାରଣ ପୂଜା ବେଳେ ଫୁଲ ଏବଂ ପତ୍ରର ଆବଶ୍ୟକତା ପଡ଼ିଥାଏ। ସାଧାରଣ ପୂଜା ପ୍ରସଙ୍ଗରେ ମଧ୍ୟ କଳସର ସ୍ଥାପନା କରାଯାଇଥାଏ । ପୂଜା ବେଳେ



କଳସ ଉପରେ ଆମ୍ବ ପତ୍ର ରଖାଯାଇଥାଏ। ମଣ୍ଡପ ଆଦିର ସଜାଇବା ସମୟରେ ଆମ୍ବ ପତ୍ର, ପଳାସ, ଜାମୁ, ବାଉଁଶ ଆଦି ପତ୍ରର ପ୍ରୟୋଗ କରାଯାଇଥାଏ। ସେହିପରି ବ୍ରତ-ଉତ୍ସବରେ, ଶିବ-ପାର୍ବତୀଙ୍କ ପୂଜା ସମୟରେ, ଏକାଦଶୀ ଏବଂ ପୂର୍ଣ୍ଣିମାର ପୂଜା ସମୟରେ, ପୂଜାପାଠ କରିବା ସମୟରେ ମଧ୍ୟ ବେଲପତ୍ର, ଦୁଦୁରା ତଥା ମନ୍ଦାର ପତ୍ର ବ୍ୟବହାର କରାଯାଏ। ପୂଜା-ପାଠରେ ପତ୍ରର ପ୍ରୟୋଗ ଦ୍ୱାରା ଘରେ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ। ବାହାରୁ ଆସୁଥିବା ବାୟୁ ଯେତେବେଳେ ଏହି ପତ୍ରକୁ ସ୍ପର୍ଶ କରି ଘରେ ପ୍ରବେଶ କରିଥାଏ, ତାହା ବାତାବରଣରେ ସକାରାତ୍ମକ କଣିକା ଖେଳାଇ ଦେଇଥାଏ। ସକାରାତ୍ମକତା ଘରେ ସୁଖ-ଶାନ୍ତି ଏବଂ ସମୃଦ୍ଧି ଆଣିଥାଏ। ବସନ୍ତ ଋତୁରେ ଗଛରୁ ଝଡୁଥିବା ପତ୍ର ମଧ୍ୟ ଉପଯୋଗୀ ହୋଇଥାଏ। ଏଗୁଡ଼ିକ ଭୂମି ଉପରେ ଖସିପଡ଼ି, ମାଟି-ପାଣିରେ ମିଶି ଖତ ଭଳି କାମ କରିଥାଏ। ଗଛ ବଢ଼ିବାରେ ପତ୍ର ସବୁଠୁ ଅଧିକ ସହାୟକ ହୋଇଥାଏ। ପତ୍ରଗୁଡ଼ିକ ଗଛ ପାଇଁ ଭୋଜନ ପ୍ରସ୍ତୁତ କରିଥାନ୍ତି। ସେଗୁଡ଼ିକ ସୂର୍ଯ୍ୟଙ୍କ ଆଲୋକକୁ ଶକ୍ତିରେ ପରିବର୍ତ୍ତନ କରିଥାନ୍ତି। ପତ୍ର ଅଙ୍ଗାରକାମ୍ଳ ବାଷ୍ପ ଶୋଷଣ କରି ଅମ୍ଳଜାନ ସଂଚରଣ କରିଥାନ୍ତି । ଦେବତାମାନଙ୍କୁ ଭୋଗ ଅର୍ପଣ କରିବା ସମୟରେ ମଧ୍ୟ ପତ୍ରର ଉପଯୋଗ କରାଯାଇଥାଏ। ନିମ୍ବ, ତୁଳସୀ ଆଦି ପତ୍ରର ଅନେକ ଔଷଧୀୟ ତଥା ଆଧ୍ୟାତ୍ମିକ ଗୁଣ ରହିଛି । ଏହି କାରଣରୁ ଏସବୁ ବୃକ୍ଷ ଘରେ ରଖାଯାଇ ପୂଜା କରାଯାଇଥାଏ। ପତ୍ର ପ୍ରାକୃତିକ ହୋଇଥିଲେ ହେଁ ଏହା ଧର୍ମ ସହିତ ଯୋଡ଼ି ହୋଇରହିଛି ।

# ସହରାଂଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୭।୬ (ମହାଭାରତ): ଏକ ସ୍ୱଚ୍ଛ, ନାଗରିକ-କେନ୍ଦ୍ରିକ ଏବଂ ଭବିଷ୍ୟତ ଉପଯୋଗୀ ସହରୀ ଶାସନ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ, ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ପୁରୀ ମହାନଗର ନିଗମଠାରେ "ବିକାଶ ର ଧାରା ଓଡ଼ିଶା ସାରା" ଆଭିମୁଖ୍ୟରେ ରାଜ୍ୟସ୍ତରୀୟ ସହରାଂଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ୨୦୨୬ ଟାଉନହଲ ଠାରେ ଆୟୋଜିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାର ସହରାଂଚଳରେ ହୋଇଥିବା ରୂପାନ୍ତରଣକାରୀ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା ଏବଂ ନାଗରିକ, ହିତାଧିକାରୀ ଓ ସରକାରୀ ପ୍ରତିନିଧିମାନଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପାଇଁ ଏକ ମଂଚ ପ୍ରଦାନ କରାଯାଇଥିଲା। ସମାବେଶକୁ ସମ୍ବୋଧିତ କରି ମାନ୍ୟବର ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ସହରୀ ଭିତିଭୂମି, ଗୃହନିର୍ମାଣ, ଯାତାୟାତ, ପାନୀୟ ଜଳ ଯୋଗାଣ, ପରିମଳ ଏବଂ ଡିଜିଟାଲ ଶାସନ କ୍ଷେତ୍ରରେ ପୁଞ୍ଜିନିବେଶ ମାଧ୍ୟମରେ ସ୍ୱଚ୍ଛ,




ସ୍ମାର୍ଟ, ଅଧିକ ସମାବେଶୀ ଓ ସୁଦୃଢ଼ ସହର ଗଠନ ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ।ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ବିକାଶର ସୁଫଳ ଯେପରି ସହରର ପ୍ରତ୍ୟେକ ପରିବାର ଏବଂ ନାଗରିକ ପାଖରେ ପହଂଚିପାରିବ, ତାହା ସରକାର ନିଶ୍ଚିତ କରୁଛନ୍ତି। ଏଥିସହିତ ପୁରୀକୁ ଭୁବନେଶ୍ୱର-କଟକ- ପୁରୀ- ପାରାଦୀପ ଅର୍ଥନୈତିକ ଅଂଚଳ ଆଧାରରେ ସାମିଲ କରାଯିବା ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ସେ ପ୍ରକାଶ କରିଥିଲେ।ଏହି ବୃହତ ଆଂଚଳିକ ବିକାଶର ମୁଖ୍ୟ ମୁଖ୍ୟ ଶକ୍ତି ଭାବେ, ପୁରୀ ଏକ ପ୍ରମୁଖ ସାଂସ୍କୃତିକ ଓ ଐତିହ୍ୟ କେନ୍ଦ୍ର ରୂପେ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ, ଆତିଥ୍ୟ ଏବଂ ଉପକୂଳବର୍ତ୍ତୀ ଭିତିଭୂମି ପ୍ରକଳ୍ପଗୁଡ଼ିକୁ ଆଗକୁ ବଢ଼ାଇବ, ଯାହା ରାଜ୍ୟର ଅର୍ଥନୀତିକୁ ବିକାଶ କେନ୍ଦ୍ରରେ ପରିଣତ କରିବାରେ ସହାୟକ ହେବ।ପୁରୀ ସହରରେ ଏକ ହଜାର ରୁ ଉର୍ଦ୍ଧ୍ୱ ସଂଖ୍ୟା ବିଶିଷ୍ଟ ଆଧୁନିକ କନଭେନସନ ହଲ କରାଯିବ। ରାଜ୍ୟର ୫୦ ଟି ସହରାଂଚଳ କୁ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ଯୋଜନା ରେ ସାମିଲ କରାଯିବ।ପୁରୀ ମହାନଗର ନିଗମ କୁ ବିଶ୍ୱ ସ୍ତରୀୟ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରମୁଖ ସହରୀ ପଦକ୍ଷେପଗୁଡ଼ିକୁ ନେଇ କେତେକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା, ଯେଉଁଥିରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ପିଏମ୍ ସ୍ୱନିଧି, ପିଏମ୍ଏୱାଇ (ସହରାଂଚଳ), ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ମିଶନ ଶକ୍ତି ଦ୍ୱାରା ପରିଚାଳିତ ଜଳସାଥୀ କାର୍ଯ୍ୟକ୍ରମ, କ୍ଲଟ୍, ଆମ ବସ୍, ଓଡ଼ିଶା ଯାତ୍ରୀ, ଷ୍ଟ୍ରିଟ୍ ଲାଇଟ୍, ବର୍ଜ୍ୟବସ୍ତୁ ପରିଚାଳନା, ଗରିମା, ସହଯୋଗ (ଝଇଐଇଔଙଏ) ନାଗରିକ ସେବା ଏବଂ ଡିଜିଟାଲ ଶାସନ ସଂସ୍କାର ସାମିଲ ଥିଲା। ଉଠା ଦୋକାନୀ, ଚଗଇଣ ହିତାଧିକାରୀ, ପାନୀୟ ଜଳ ଗ୍ରାହକ ଏବଂ ସହରୀ ଭିତିଭୂମିର ଉପଭୋକ୍ତାଙ୍କ ସମେତ ବିଭିନ୍ନ ଯୋଜନାର ହିତାଧିକାରୀମାନେ ସେମାନଙ୍କର ସଫଳତାର କାହାଣୀ ଓ ଅନୁଭୂତି ବାଂଟିଥିଲେ ଏବଂ ସରକାରୀ ସହାୟତା ସେମାନଙ୍କ ଜୀବନରେ କିପରି ସକାରାତ୍ମକ ପ୍ରଭାବ ପକାଇଛି, ତାହା ଉଲ୍ଲେଖ କରିଥିଲେ। ହିତାଧିକାରୀଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ ଏବଂ ନୂତନତା, ନାଗରିକ ସହଭାଗିତା ଓ ପ୍ରଯୁକ୍ତିବିଦ୍ୟା-ଆଧାରିତ ସେବା ପ୍ରଦାନ ମାଧ୍ୟମରେ ସହରୀ ଶାସନକୁ ସୁଦୃଢ଼ କରିବା ପାଇଁ ବିଭାଗର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ।

# ଝାରପଡା ଜେଲରେ କଡା ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର, ୨୭।୬ (ମହାଭାରତ): ଭୁବନେଶ୍ୱର ଝାରପଡ଼ାସ୍ଥିତ ସ୍ୱତନ୍ତ୍ର କାରାଗାରରେ ହଠାତ୍ ୫ରୁ ଉର୍ଦ୍ଧ୍ୱ କଏଦୀ ଅସୁସ୍ଥ ହୋଇପଡିଛନ୍ତି। ମଙ୍ଗଳବାର ରାତିରେ ଅସୁସ୍ଥ କଏଦୀମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅସୁସ୍ଥଙ୍କ ମଧ୍ୟରୁ ୩ ଗୁରୁତର ଥିବା ସୂଚନା ମିଳିଛି। ନିମ୍ନମାନର ଖାଦ୍ୟ ଖାଇ କଏଦୀମାନେ ଅସୁସ୍ଥ ହୋଇପଡିଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ଜେଲରେ କଏଦୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଆଉ କିଛି କଏଦୀମାନେ ମଧ୍ୟ ସାମାନ୍ୟ ଅସୁସ୍ଥତା ଅନୁଭବ କରୁଛନ୍ତି। ତେବେ ସୁରକ୍ଷା ଦୃଷ୍ଟିରୁ କ୍ୟାପିଟାଲ ହସ୍ପିଟାଲରେ କମିଶନରେଟ୍ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବନ୍ଧୁକଧାରୀ ପୋଲିସ କର୍ମୀ ହସ୍ପିଟାଲ ପରିସରରେ ଜଗି ରହିଛନ୍ତି। ଏପରିକି ଭୁବନେଶ୍ୱର ଡିସିପି ଜଗମୋହନ ମୀନା ହସ୍ପିଟାଲ ଯାଇ ସ୍ଥିତି ପରଖିବା ସହ ଘଟଣା ବିଷୟରେ ପଚାରି ବୁଝିଛନ୍ତି। ଅନ୍ୟପକ୍ଷରେ ଏନେଇ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। କଏଦୀମାନେ ହସ୍ପିଟାଲରେ ଭର୍ତ୍ତି ହେବା ପରେ ଏଠାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ନେଇ ଡିସିପି ସୂଚନା ଦେଇଛନ୍ତି । ଏନେଇ ଡିସିପି ମୀନା କହିଛନ୍ତି, ଅସୁସ୍ଥଙ୍କ ମଧ୍ୟରୁ ୪ ଜଣ ବିଚାରଧୀନ କଏଦୀ ଥିବାବେଳେ ଜଣେ ଦଣ୍ଡ ଭୋଗୁଥିବା ଦୋଷୀ କଏଦୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଆଇସିୟୁରେ ଅଛନ୍ତି। କାହିଁକି ଏଭଳି ସ୍ଥିତି ଉପୁଜିଲା ସେନେଇ ଆମେ ଜାଣିବାକୁ ଚେଷ୍ଟା କରୁଛୁ। ଡାକ୍ତରମାନେ ମଧ୍ୟ ଜାଣିବାକୁ ଚେଷ୍ଟା କରୁଛନ୍ତି। ଜେଲରେ ଆଉ ଦୁଇ ଜଣ କଏଦୀ ମଧ୍ୟ ଅସୁସ୍ଥ ଅଛନ୍ତି। ସେମାନେ ହସ୍ପିଟାଲ ଆସିପାରନ୍ତି। ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲରେ ସୁରକ୍ଷାକର୍ମୀ ନିୟୋଜିତ କରିବାକୁ କୁହାଯାଇଥିଲା। ତେଣୁ ସୁରକ୍ଷା ଦୃଷ୍ଟିରୁ ହସ୍ପିଟାଲରେ ସ୍ୱତନ୍ତ୍ର ପୋଲିସ ଟିମ୍ ନିୟୋଜିତ କରାଯାଇଛି ବୋଲି ଡିସିପି କହିଛନ୍ତି।

# ରାଜ୍ୟରେ ଏସଆଇଆର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ

ଭୁବନେଶ୍ୱର, ୨୭।୬ (ମହାଭାରତ): ରାଜ୍ୟବ୍ୟାପୀ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଂଚିଛି। ଏହି ବୃହତ୍ ଅଭିଯାନ ସମାପ୍ତ ହେବାକୁ ଆଉ ମାତ୍ର ୬ ଦିନ ବାକି ରହିଥିବାବେଳେ, ଆସନ୍ତା ୨୮ ଜୁନ ଏହାର ଶେଷ ତାରିଖ। ଅବଶିଷ୍ଟ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ସମସ୍ତ ଜିଲ୍ଲାରେ କାର୍ଯ୍ୟକଳାପକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ରାଜ୍ୟର ୯୯.୮୬ ପ୍ରତିଶତ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ପହଞ୍ଚାଇ ଦିଆଯାଇଛି। ସଂଖ୍ୟା ଦୃଷ୍ଟିରୁ ଏହା ୩ କୋଟି ୩୩ ଲକ୍ଷ ୫୧ହଜାର ୯୬୭ ଜଣ ଭୋଟରଙ୍କୁ ଫର୍ମ ବଂଟନ କରାଯାଇଛି। ଶତପ୍ରତିଶତ ବଣ୍ଟନ ଲକ୍ଷ୍ୟ ହାସଲ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀ ମାନେ ଅବଶିଷ୍ଟ ଭୋଟରଙ୍କ ସହ ନିରନ୍ତର ସମ୍ପର୍କ ରକ୍ଷା କରି ଫର୍ମ ବଣ୍ଟନ କାର୍ଯ୍ୟ ଜାରି ରଖିଛନ୍ତି। ଏହି ସଂଶୋଧନ ପ୍ରକ୍ରିୟାରେ ଡାଟାର ସଠିକତା, ସ୍ୱଚ୍ଛତା ଏବଂ ଦ୍ରୁତ ପ୍ରକ୍ରିୟାକରଣ ପାଇଁ ଡିଜିଟାଇଜେସନକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ଆଜି ସୁଦ୍ଧା ୮୬.୧୨ ପ୍ରତିଶତ ଫର୍ମର



ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇଛି। ଅର୍ଥାତ୍ ୨ କୋଟି ୮୭ଲକ୍ଷ ୬୩ହଜାର ୪୧୭ ଜଣ ଭୋଟରଙ୍କ ସୂଚନା ସଫଳତାର ସହ ଡିଜିଟାଇଜ କରାଯାଇଛି ଅବଶିଷ୍ଟ ଫର୍ମଗୁଡ଼ିକର ଡିଜିଟାଲ୍ ଏଣ୍ଟ୍ରି କାର୍ଯ୍ୟ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ମାଧ୍ୟମରେ ସଂଗୃହୀତ ତଥ୍ୟ ଆଧାରରେ ରାଜ୍ୟ ପାଇଁ ଏକ ଅଧିକ ସ୍ୱଚ୍ଛ, ନିର୍ଭୁଲ ଓ ଅଦ୍ୟତନ ମତଦାତା ସୂଚୀ ପ୍ରସ୍ତୁତ କରାଯିବ। ଅବଶିଷ୍ଟ ୬ ଦିନ ମଧ୍ୟରେ ଶତପ୍ରତିଶତ ଫର୍ମ ସଂଗ୍ରହ ଓ ଡିଜିଟାଇଜେସନ ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତ ଜିଲ୍ଲା ପ୍ରଶାସନ, ନିର୍ବାଚକ ପଞ୍ଜୀକରଣ ଅଧିକାରୀ , ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ସମସ୍ତ ଭୋଟରଙ୍କୁ ଅନୁରୋଧ କରିଛନ୍ତି ଯେ, ଯଦି ଏପର୍ଯ୍ୟନ୍ତ ପରିଗଣନା ଫର୍ମ ଦାଖଲ କରିନାହାନ୍ତି, ତେବେ ଜୁନ୍ ୨୮ ପୂର୍ବରୁ ନିଜ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ଫର୍ମ ପ୍ରଦାନ କରନ୍ତୁ କିମ୍ବା ଇସିଆଇନେଟ୍ ମାଧ୍ୟମରେ ଅନଲାଇନରେ ଦାଖଲ କରନ୍ତୁ।

# ବିଧାନସଭାରେ ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୭।୬ (ମହାଭାରତ): ମହାନ ବିପ୍ଳବୀ, ସର୍ବୋଦୟ ନେତା, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ଓ ସଫଳ ବ୍ୟକ୍ତିତ୍ୱର ଅଧିକାରୀ । ସେ ସର୍ବଦା ଦରିଦ୍ର ଅବହେଳିତ, ଦଳିତଙ୍କ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ । ଜଣେ ନିଷ୍ଠାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା । ସେ ସଂଭ୍ରାନ୍ତ ଓ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ସମାଜର ଦଳିତ ଓ ନିଷ୍ପେସିତ ବର୍ଗର ଲୋକଙ୍କ ପାଇଁ ସାରା ଜୀବନ ସଂଗ୍ରାମ ଜାରି ରଖିଥିଲେ । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ସେ ଯୋଗଦେଇଥିଲେ । ସେତେବେଳେ ଓଡ଼ିଶାର ଛାତ୍ର ଓ ଯୁବକମାନଙ୍କ ଭିତରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଥିଲା ।



ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶ ଦେଶସେବକ ଓ ନିଷ୍ଠାପର କର୍ମୀ ତଥା ଓଡ଼ିଶାର ଦଳିତ, ଅବହେଳିତ, ନିଷ୍ପେସିତଙ୍କ ପ୍ରକୃତ ବନ୍ଧୁ ଏବଂ ଜଣେ ବିପ୍ଳବୀ ଜନନାୟକ । ଦୀନହୀନ ଅବସ୍ଥାରେ କାଳାତିପାତ କରୁଥିବା ଚାଷୀମୂଲିଆଙ୍କ ସେବା କରି ନିଜକୁ ଧନ୍ୟ ମନେ କରୁଥିଲେ । କ୍ଷମତା ନବକୃଷ୍ଣ ଚୌଧୁରୀଙ୍କ ପରି ବ୍ୟକ୍ତିତ୍ୱଙ୍କୁ କରାୟତ କରିପାରିନଥିଲା ଓ ଦୁର୍ନୀତି ତାଙ୍କୁ ସ୍ପର୍ଶ କରିପାରି ନଥିଲା।

ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଗ୍ରାମ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ, ଉପମୁଖ୍ୟ ସଚେତକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ଶ୍ରୀ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଶ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ବିଧାନସଭା ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀବୃନ୍ଦଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ।

# ସ୍କାଉଟସ୍ ଓ ଗାଇଡସ୍ ରାଜ୍ୟ ପରିଷଦ ବୈଠକ

ଭୁବନେଶ୍ୱର, ୨୭।୬ (ମହାଭାରତ): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ ତା୨୩.୦୬.୨୦୨୬ରିଖ ଦିନ ପୂର୍ବାହ୍ନ ୧୧.୩୦ ମିନିଟ୍ ସମୟରେ ରାଜ୍ୟ ମୁଖ୍ୟାଳୟ ସଭାଗୃହରେ ଆୟୋଜିତ ହୋଇଥିଲା । ମାନ୍ୟବର ରାଜ୍ୟ ବରିଷ୍ଠ ଉପସଭାପତି ଜଷ୍ଟିସ୍ ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ର, ସଭାପତି ଓଡିଶା କୋ-ଅପରେଟିଭ୍ ବ୍ୟାଙ୍କ ତଥା ଉପସଭାପତି ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଶ୍ରୀଯୁକ୍ତ ଟି. ପ୍ରସାଦ ରାଓ ଦୋରା, ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ରାଜ୍ୟ କମିଶନର (ସ୍କାଉଟ୍) ଡଃ. ବିଶ୍ୱଜିତ୍ ଘୋଷ,




ଅଶୋକ କୁମାର ରଥ, ଡଃ. ଧ୍ରୁବ ଚରଣ ପରିଡା, ନଗେନ୍ଦ୍ର କୁମାର ଦ□, ରାଜ୍ୟ କମିଶନର (ଗାଇଡ୍) ଡଃ. ସିପ୍ରା ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶାର ଉପନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା, ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ, ରାଜ୍ୟ କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ, ଶାରୀରିକ ଶିକ୍ଷା ନିରୀକ୍ଷକଙ୍କ ସମେତ ରାଜ୍ୟ ତଥା ଜିଲ୍ଲାସ୍ତରୀୟ ରାଜ୍ୟପରିଷଦର ବହୁ ସଭ୍ୟ ସଭ୍ୟା ଯୋଗଦେଇଥିଲେ। ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ ବିଗତ ଦିନମାନଙ୍କରେ ରାଜ୍ୟ ସଂସ୍ଥା ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଷ୍ଠା ଲାଭ କରିଥିବାର ଅବତାରଣା କରି ସଦସ୍ୟମାନଙ୍କର ସକ୍ରିୟ ସହଯୋଗର ଉଚ୍ଚପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହାକୁ ଆହୁରି ଦୃଢ଼ୀଭୂତ କରିବା ପାଇଁ ଆଶା ବ୍ୟକ୍ତ କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଗତବର୍ଷର ଆୟ ବ୍ୟୟର ଅଟକଳ ପରିଷଦ ଦ୍ୱାରା ଅନୁମୋଦନ ଲାଭ କରିଥିଲା । ଏତଦ୍‌ବ୍ୟତୀତ ବିଭିନ୍ନ କମିଟି ତଥା କାର୍ଯ୍ୟକାରିଣୀ କମିଟି ଦ୍ୱାରା ଆଗତପ୍ରସ୍ତାବ ଗୁଡିକ ବିଷୟରେ ସବିଶେଷ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଅନୁମୋଦିତ ହୋଇଥିଲା । ଚଳିତ ରାଜ୍ୟ ପରିଷଦ ବୈଠକରେ ପୂର୍ବ ନିଷ୍ପ□ ଅନୁସାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଅନିବାର୍ଯ୍ୟ କାରଣ ବଶତଃ ବନ୍ଦ ହୋଇଥିବାରୁ ସଭ୍ୟ ସଭ୍ୟାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏଥିରେ ହସ୍ତକ୍ଷେପ କରି ଅତିଶିଘ୍ର ବ୍ୟବସ୍ଥିତ ନିୟମ ଅନୁସାରେ ପରିଷଦର ସଭାପତି ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି ନିର୍ବାଚନ କରାଯିବାର ପ୍ରତିଶ୍ରୁତି ରଖିଥିଲେ । ପରିଶେଷରେ ରାଜ୍ୟ କମିଶନର ଡଃ. ଧ୍ରୁବ ଚରଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳବିଦ୍ୟୁତ୍ ନିଗମ କର୍ତ୍ତୃପକ୍ଷଙ୍କ ସହ କର୍ମଚାରୀ ଫେଡେରେସନ୍‌ର ଆଲୋଚନା

ଭୁବନେଶ୍ୱର, ୨୭।୬ (ମହାଭାରତ): ଜଳ ବିଦ୍ୟୁତ୍ ନିଗମରେ କର୍ତ୍ତୃପକ୍ଷଙ୍କ ଅହେତୁକ କାଳକ୍ଷେପଣ ନୀତି ହେତୁ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କର ଅନେକ ସମସ୍ୟା ଯଥା ଓପିଟିସିଏଲ୍ ଓ ବିତରଣ କମ୍ପାନୀମାନଙ୍କରେ ୨୦୨୨ ମସିହାଠାରୁ ଲାଗୁ ହୋଇସାରିଥିବା କ୍ୟାଡର ରିଆରେଞ୍ଜମେଣ୍ଟ ବ୍ୟବସ୍ଥାର ପ୍ରଚଳନ, ଏନ୍‌ଇ-୪ବର୍ଗରେ ଗତ ୪ବର୍ଷ ତଳେ ନିଯୁକ୍ତ କର୍ମଚାରୀମାନଙ୍କର କ୍ୟାଡର ନିର୍ଦ୍ଧାରଣ ଓ ପ୍ରମୋଶନର ବ୍ୟବସ୍ଥା, ବିଗତ ୩୦ବର୍ଷ ଧରି କାର୍ଯ୍ୟରତ ଏନ୍‌ଏମ୍‌ଆର୍ ଓ କଣ୍ଟିଜେଣ୍ଟ ଖଲାସୀମାନଙ୍କର ଦରମା ଓ ଭତ୍ତାର ବିଶେଷତଃ ଚିକିତ୍ସା ବ୍ୟବସ୍ଥାର ପୁନର୍ବିଚାର, ୨୦ବର୍ଷ ଧରି କାର୍ଯ୍ୟକରି ଆସୁଥିବା ଏନ୍‌ଇ-୧ବର୍ଗ କର୍ମଚାରୀଙ୍କର ପ୍ରମୋଶନ, ୨୦୦୫ ମସିହାଠାରୁ ନିଯୁକ୍ତି ପ୍ରାପ୍ତ କର୍ମଚାରୀମାନଙ୍କ ନିମନ୍ତେ ପେନ୍‌ସନ୍‌ର ବ୍ୟବସ୍ଥା, କଣ୍ଟ୍ରାକ୍ଟ କର୍ମଚାରୀମାନଙ୍କର ଇଏସ୍‌ଆଇର ବ୍ୟବସ୍ଥା, ସମସ୍ତ ଜଳବିଦ୍ୟୁତ୍ କେନ୍ଦ୍ରରେ ଉପୁଜିଥିବା କ୍ୱାର୍ଟରସ୍ ସମସ୍ୟାର ନିରାକରଣ ଇତ୍ୟାଦି ବହୁକାଳ ଧରି ଅନିର୍ଣ୍ଣିତ ହୋଇ ରହିଅଛି। ବାରମ୍ବାର ଏହି ବିଷୟରେ ଆଲୋଚନା ସରିଥିଲେ



ମଧ୍ୟ ସମସ୍ୟା ସମାଧାନ ନିମନ୍ତେ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ମାନ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ ଯାହାକି କର୍ମଚାରୀମହଲରେ ଘୋର ଅଶାନ୍ତି ଓ ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି। ଅତଏବ ଏ ସମସ୍ୟାମାନଙ୍କ ସମ୍ପର୍କରେ ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେସନର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ରାମକୃଷ୍ଣ ପଣ୍ଡା, ସାଧାରଣ ସମ୍ପାଦକ ସତ୍ୟବାଦୀ ବାଘ, ଅନ୍ୟାନ୍ୟ କର୍ମକର୍ତ୍ତା ଶମ୍ଭୁ ମହାପାତ୍ର, ସନ୍ତୋଷ ପଣ୍ଡା, କମଳେଶ ଦାସ, ଦେବେନ୍ଦ୍ର ମିଶ୍ର, ଲଛମନ ରାଓ, ରଞ୍ଜିତ ପାତ୍ର ଓ ସୁଶାନ୍ତ ନାୟକ ଜଳବିଦ୍ୟୁତ୍ ନିଗମର ମାନବସମ୍ବଳ ନିର୍ଦ୍ଦେଶକଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ।

# ସ୍ନାତକ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ

ଭୁବନେଶ୍ୱର, ୨୭।୬ (ମହାଭାରତ): ଶିକ୍ଷାବର୍ଷ ୨୦୨୬-୨୭ ସ୍ନାତକ ପାଠ୍ୟକ୍ରମ ନାମଲେଖାର (ଫେଜ୍-୧ ଆଡ଼ମିଶନ)ପ୍ରଥମ ମେଧା ତାଲିକା ସୋମବାର ପ୍ରକାଶିତ ହୋଇଛି। ପ୍ରଥମ ମେଧା ତାଲିକାରେ ରାଜ୍ୟର ୧,୭୮,୭୮୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ରାଜ୍ୟର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକ ପାଠ୍ୟକ୍ରମ ପାଇଁ ମୋଟ୍ ୨,୮୭,୩୨୭ଟି ଆସନ ରହିଥିବାବେଳେ ୨,୩୭,୨୦୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ସେଥିମଧ୍ୟରୁ ପ୍ରଥମ ମେଧା ତାଲିକାରେ ୧,୭୮,୭୮୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କମାନଙ୍କ ମଧ୍ୟରେ ୬୯,୧୮୨ ଜଣ ପୁଅ, ୧,୦୯,୫୯୧ ଜଣ ଝିଅ ଏବଂ ୯ ଜଣ ଟ୍ରାନ୍ସଜେଣ୍ଡର ଛାତ୍ରଛାତ୍ରୀ ଅଛନ୍ତି।

ପ୍ରଥମ ମେଧା ତାଲିକାରେ କଳାରେ ୧,୧୨,୮୨୨ ଜଣ, ବିଜ୍ଞାନରେ ୪୩,୬୯୩ ଜଣ, ବାଣିଜ୍ୟରେ ୧୫,୬୨୪ ଜଣ, ଶାସ୍ତ୍ରୀ ପାଠ୍ୟକ୍ରମରେ ୩,୩୭୧ଜଣ, ସେଲ୍ଫ ଫାଇନାନ୍‌ସିଂ ପାଠ୍ୟକ୍ରମରେ ୩,୨୪୫ଜଣ ଏବଂ ଲ' (ଆଇନ) ପାଠ୍ୟକ୍ରମ ପାଇଁ ୧୬୭ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। କଳା ପାଠ୍ୟକ୍ରମରେ ରାଜନୀତି ବିଜ୍ଞାନ ପାଇଁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୪.୫୦% ପ୍ରତିଶତ କଟ୍ ଅଫ ମାର୍କ ରହିଛି। ସେହିପରି ଫିଜିକାଲ ସାଇନ୍ସରେ ଫିଜିକ୍ସ ପାଇଁରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୬.୫୦% ପ୍ରତିଶତ ଏବଂ ବାୟୋଲୋଜିକାଲ ସାଇନ୍ସରେ ଜୁଲୋଜି (ପ୍ରାଣୀ ବିଜ୍ଞାନ) ପାଇଁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୪.୮୩% ପ୍ରତିଶତ କଟ୍ ଅଫ ମାର୍କ ରହିଛି। ବାଣିଜ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ୮୯.୧୭%, ଶାସ୍ତ୍ରୀ ପାଠ୍ୟକ୍ରମରେ ବ୍ରଜକିଶୋର ସଂସ୍କୃତି ଡିଗ୍ରୀ ମହାବିଦ୍ୟାଳୟ, ଗଡ଼ବିଷ୍ଣୁପୁର ପାଇଁ ୬୭.୫୭%, ସେଲ୍ଫ ଫାଇନାନ୍ ?ସିଂ ପାଠ୍ୟକ୍ରମରେ କମ୍ପ୍ୟୁଟର ସାଇନ୍ସ ପାଇଁ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂ ଶାସିତ) ମହାବିଦ୍ୟାଳୟ ପାଇଁ ୯୨%, ଲ' (ଆଇନ) ପାଠ୍ୟକ୍ରମରେ ମଧୁସୂଦନ ଆଇନ ବିଶ୍ୱ ବିଦ୍ୟାଳୟର ୫ ବର୍ଷିଆ ଇଂଟିଗ୍ରେଟେଡ଼ ବିଏ ଏଲଏଲବି ପାଠ୍ୟକ୍ରମ ପାଇଁ ୮୯.୪୦% କଟ୍ ଅଫ ମାର୍କ ରହିଛି।

# ପୋଲିସ୍ ଭଳି ମନ୍ତବ୍ୟ ଦେବାରୁ କ୍ଷାନ୍ତ ରୁହନ୍ତୁ ମନ୍ତ୍ରୀ ବିଭୂତି ଜେନା

ଭୁବନେଶ୍ୱର, ୨୭।୬ (ମହାଭାରତ): ଗୋଳନ୍ଥରାରେ ଏକ ଘରୋଇ କଲେଜରେ ଜଣେ ନିରୀହ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରାଙ୍କ ସମ୍ପୃକ୍ତି ଅଛି ବୋଲି ମୃତ ଛାତ୍ରୀଙ୍କ ପରିବାରବର୍ଗ ଅଭିଯୋଗ କରିଥିଲେ । ଏହି ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ପୋଲିସ୍ ଅଭିଯୁକ୍ତଙ୍କ ନିକଟରେ ନ ପହଞ୍ଚିବା ନେଇ ବିଜୁ ଜନତା ଦଳ ପ୍ରଶ୍ନ ଉଠାଇଥିଲା । ବିଜେଡିର ସାମ୍ବାଦିକ ସମ୍ମିଳନୀ ପରେ ପୋଲିସ୍ ଗତକାଲି ରାତିରେ ଅଭିଯୁକ୍ତ ବିଶ୍ୱଜିତ ଜେନାକୁ ଗିରଫ କରିଥିଲା । ଏହି ଘଟଣାରେ ଉତ୍କ୍ଷିପ୍ତ ହୋଇ ମନ୍ତ୍ରୀ ଶ୍ରୀ ବିଭୂତି ଜେନାଙ୍କ ମନ୍ତବ୍ୟକୁ ବିଜୁ ଜନତା ଦଳ ଦୃଢ଼ ନିନ୍ଦା କରିଛି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ଶ୍ରୀମତୀ ରଞ୍ଜିତା ସାହୁ କହିଥିଲେ ଯେ, ଗଞ୍ଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗୁଡ଼ି ଥିବାବେଳେ



ମନ୍ତ୍ରୀଙ୍କ ପୁତୁରା ବିଶ୍ୱଜିତ ଜେନାଙ୍କ ଯୋଗୁଁ ଜଣେ ନିରୀହ ଛାତ୍ରୀଙ୍କ ଜୀବନ ଯିବା ଦୁର୍ଭାଗ୍ୟଜନକ । ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ପୋଲିସ୍ ଅଭିଯୁକ୍ତ ନିକଟରେ ନ ପହଞ୍ଚିବା ଯୋଗୁଁ ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହାର କିଛି ଘଣ୍ଟା ପରେ ଅଭିଯୁକ୍ତକୁ ପୋଲିସ୍ ଗିରଫ କରିଥିଲା । ଆଜି ମନ୍ତ୍ରୀ ବିଭୂତି ଜେନା ବିଜେଡିର ସାମ୍ବାଦିକ ସମ୍ମିଳନୀକୁ ନେଇ ପ୍ରଶ୍ନ ଉଠାଇବା ସହ ଅତ୍ୟନ୍ତ ଉତ୍କ୍ଷିପ୍ତ ହୋଇ ନିଜ ପଦର ଗାରିମା ଭୁଲି କରିଥିବା ଟିପ୍ପଣୀ ଆଦୌ ଗ୍ରହଣୀୟ ନୁହେଁ ।

ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଗଞ୍ଜାମ ଜିଲ୍ଲାରେ ବାଲି, ମୋରମ, ଗୋଡ଼ି ବ୍ୟାପକ ଭାବେ ଚୋରାଚାଲାଣ ହେଉଥିବାର ଅଭିଯୋଗ ଥିଲେ ମଧ୍ୟ ବିଭାଗୀୟ ମନ୍ତ୍ରୀ ଭାବେ ବିଭୂତି ବାବୁ ତାହାକୁ ନିୟନ୍ତ୍ରଣ କରିପାରୁ ନାହାନ୍ତି । ଗୋଚର ଜମି ମାଡ଼ି ବସିବା ଭଳି ଅଭିଯୋଗ ତାଙ୍କ ନାମରେ ଅଛି । ଶ୍ରୀ ଜେନା ପ୍ରଥମଥର ବିଧାୟକ ଭାବେ ନିର୍ବାଚିତ ହୋଇ ମନ୍ତ୍ରୀ ହେବା ପରଠାରୁ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଓ ଗଞ୍ଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିର ଚରମ ଅଧୋଗତି ଘଟିଛି । ନିଜ ବିଭାଗ ଦାୟିତ୍ୱ ସମ୍ଭାଳି ପାରୁନଥିବା ବିଭୂତି ବାବୁ ଅନ୍ୟ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସମୀଚୀନ ନୁହେଁ । ଆଜି ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି ଯେ, ବ୍ରହ୍ମପୁର ପୋଲିସ୍ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ତାଙ୍କ ନିୟନ୍ତ୍ରଣରେ ରହିଛି । ବିରୋଧୀଙ୍କ ଉପରେ ମିଥ୍ୟା ଆରୋପ କରିବା ପରିବର୍ତ୍ତେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରନ୍ତୁ । ଶ୍ରୀମତୀ ରଞ୍ଜିତା ସାହୁ କହିଥିଲେ ଯେ, କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିମିନା ଗାଁରେ ଜଣେ ବିବାହିତ ମହିଳାଙ୍କ ସହିତ ହୋଇଥିବା ଦୁଷ୍କର୍ମ ଦୁର୍ଭାଗ୍ୟଜନକ।

## କର୍ମ ସଂସ୍କୃତି ବିକଶିତ

ଯେ ପର୍ଯ୍ୟନ୍ତ ଭାରତରେ କର୍ମ ସଂସ୍କୃତି ବିକଶିତ ନହୋଇଛି, ଯୋଗ୍ୟତାକୁ ସ୍ୱୀକୃତି ନମିଳିଛି ସେ ପର୍ଯ୍ୟନ୍ତ ଏହା ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ ନାହିଁ। ଭାରତରେ ଗତ କିଛି ବର୍ଷ ହେବ ମାଗଣା ବଣ୍ଟନ ଯୋର ଧରିଛି। ଭାରତ ଏକ ଜନକଲ୍ୟାଣକାରୀ ଦେଶ। ଏଠାରେ ସରକାର ଲାଭ କ୍ଷତିର ହିସାବ ନରଖି କେବଳ ଲୋକକଲ୍ୟାଣକୁ ଗରୁିତ୍ୱ ଦିଅନ୍ତି। ସେଥିପାଇଁ ଲୋକେ ଟିକସ ଦିଅନ୍ତି। ଏହା ସ୍ୱାଗତ ଯୋଗ୍ୟ। କିନ୍ତୁ ଜନକଲ୍ୟାଣ ଅର୍ଥ ନୁହେଁ ଯେ, ଲୋକଙ୍କୁ ମାଗଣା ସେବା ଏବଂ ସାମଗ୍ରୀ ଯୋଗାଇ ଦିଆଯିବ। କିନ୍ତୁ ରାଜନୈତିକ ଦଳମାନେ ଭୋଟ ବ୍ୟାଙ୍କ ପାଇଁ ଏଭଳି କରୁଛନ୍ତି। ଆମ ଲୋକଙ୍କ ମାନସିକତା ବି ତଦ୍ରୁପ। ସେମାନେ ଚାହାଁନ୍ତି ତତ୍କାଳ ଲାଭ। ଯିଏ ସେମାନଙ୍କୁ ନିର୍ବାଚନ ବେଳେ ଟଙ୍କା, ଚାଉଳ, ଭୋଜିଭାତରେ ଆପ୍ୟାୟିତ କଲା, ତାଙ୍କୁ ଲୋକେ ଭୋଟ ଦେଲେ। ଲୋକଙ୍କ ଏଭଳି ମାନସିକତାକୁ ଦେଖି ରାଜନୈତିକ ଦଳମାନେ ବିଭିନ୍ନ ସମୟରେ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଇ ଭୋଟ କିଣିବାରେ ଅଭ୍ୟସ୍ତ ହୋଇଗଲେଣି। ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ଲୋକଙ୍କୁ ମାଗଣା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦେବାର ଦାୟିତ୍ୱ ସରକାରଙ୍କର। ଏହା ସେମାନଙ୍କର ମୌଳିକ ଅଧିକାର। କିନ୍ତୁ ମାଗଣା ଜୋତା, ମାଗଣା ସାଇକେଲ ଲାପଟପ, ସୁନା ଚେନ, ଲୋକଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଯିବ ଜନକଲ୍ୟାଣ ନୁହେଁ, ଏହା ଏକ ପ୍ରକାର ଲାଞ୍ଚ କାରବାର ବୋଲି କୁହାଯାଇପାରିବ। ଏଥିରେ ସବୁ ଦଳ ସମ୍ପୃକ୍ତ। ଯିଏ ଯେତେବେଳେ ଯେଉଁଠି ଶାସନ କ୍ଷମତା ଦଖଲ କଲା, ସେଠାରେ ସେ ଏଭଳି ମାଗଣା ଯୋଜନା କାର୍ଯ୍ୟକାରୀ କଲା। ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନେ ନିଜ ନିଜ ଭିତରେ ପ୍ରତିଯୋଗିତା କରି ଲୋଭନୀୟ ପ୍ରତିଶ୍ରୁତି ଦେଉଛନ୍ତି। ଭୋଟରମାନେ ନିର୍ବାଚନ ଇସ୍ତାହାରକୁ ଦେଖି ଖୋଜୁଛନ୍ତି କେଉଁ ଦଳ କ'ଣ ଦେବେ। ଏହାକୁ ଆଧାର କରି ସାଧାରଣ ଲୋକେ ଭୋଟ ଦେଉଛନ୍ତି। ଲୋକେ ଭୋଟ ଦେବା ବେଳେ ବ୍ୟକ୍ତିଗତ ଲାଭକୁ ଦେଖୁଛନ୍ତି। ଦେଶର ବିକାଶ ଏବଂ ସୁଶାସନକୁ ସେମାନେ ଗୁରୁତ୍ୱ ଦେଉ ନାହାଁନ୍ତି। ଏଥିପାଇଁ ଲୋକଙ୍କୁ ଦୋଷ ଦେଇ ଲାଭ ନାହିଁ। ଆମ ଦେଶର ନେତା, ରାଜନୈତିକ ଦଳମାନେ ଲୋକଙ୍କୁ ଏଭଳି ମାନସିକତା ଗ୍ରହଣ କରିବାକୁ ବାଧ୍ୟ କରିଛନ୍ତି। ସେମାନେ ନିଜ ଫାଇଦା ପାଇଁ ଲୋକଙ୍କୁ ଏପରି ନୀତି ଗ୍ରହଣ କରିବାକୁ ପରିସ୍ଥିତି ସୃଷ୍ଟି କରିଛନ୍ତି। ଦିଲ୍ଲୀରେ ୨୦୦ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଇ ଅରବିନ୍ଦ କେଜରିୱାଲ ନିର୍ବାଚନ ଜିତିଥିଲେ। ଏହାକୁ ଦେଖି ଅନ୍ୟ ଦଳମାନେ ମଧ୍ୟ ଭିନ୍ନ ମିନ୍ନ ରାଜ୍ୟରେ ଏଭଳି ପ୍ରତିଶ୍ରୁତି ଦେବାକୁ ଚାହିଁଲେ। ଲୋକେ ମଧ୍ୟ କହୁଛନ୍ତି, ଯଦି ଦିଲ୍ଲୀରେ ମାଗଣା ବିଜୁଳି ଦିଆଯାଉଛି, ଓଡ଼ିଶାରେ କାହିଁକି ଏହା ସମ୍ଭବ ନୁହେ? କିନ୍ତୁ ବିଜୁଳି ଉତ୍ପାଦନ ଲାଗି ବିପୁଳ ଅର୍ଥ ବ୍ୟୟ ହେଉଛି। ଏହାକୁ କିଏ ଭରଣା କରିବ? ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଭଳି ଏହା ଲୋକଙ୍କ ମୌଳିକ ଅଧିକାର ପରିସରଭୁକ୍ତ ନୁହେଁ। ଏହା ଏକ ସେବା ଯାହାର ଗୁଣାତ୍ମକ ମାନ ବଜାୟ ରହିବା ଉଚିତ। ଏଥିପାଇଁ ସର୍ବନିମ୍ନ ଅର୍ଥ ପ୍ରଦାନ ଜରୁରୀ। ସମ୍ପୂର୍ଣ୍ଣ ମାଗଣା ବିଜୁଳି ସବୁଦିନ ସମ୍ଭବ ନୁହେଁ। ସେହିପରି ମହିଳାଙ୍କ ଖାତାକୁ ସମର ବୋନାଞ୍ଜା ନାମରେ ୨ ହଜାର ଟଙ୍କା ଲେଖାଏଁ ପଠାଇବା ଜନକଲ୍ୟାଣ ନୁହେଁ। କୋଭିଡ ସମୟରୁ କେନ୍ଦ୍ର ସରକାର ଦେଶର ୮୦ କୋଟି ଗରିବଙ୍କୁ ପ୍ରତି ମାସରେ ମୁଣ୍ଡପିଛା ୫ କେଜି ରାସନ ଦେଉଛନ୍ତି। କୋଭିଡ ମହାମାରୀ ଚାଲିଯିବା ପରେ ମଧ୍ୟ ଏହା ଜାରି ରହିଛି। ଏହା ହେଉଛି ସମସ୍ୟା।

## ଜୈବପ୍ରଯୁକ୍ତି ଓ ଛାତ୍ର ଛାତ୍ରୀଙ୍କ କର୍ମନିଯୁକ୍ତି

**॥ ପ୍ରଫେସର ହୃଦୟନାଥ ଆଟୋଇ ॥**

> “ ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି।

ଜୈବପ୍ରଯୁକ୍ତି ବିଦ୍ୟାରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲାପରେ ଛାତ୍ରଛାତ୍ରୀଙ୍କ ପାଇଁ କେଉଁ ସବୁ ନିଯୁକ୍ତି ଓ ଉଚ୍ଚତର ଶିକ୍ଷାର ସୁଯୋଗ ରହିଛି ସେ ରହିଛି ସେ ବିଷୟରେ ଆଲୋକପାତ କରିବା ଏ ପ୍ରବନ୍ଧର ଲକ୍ଷ୍ୟ। ସ୍ନାତୋକର ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କ ପାଇଁ ମୁଖ୍ୟତଃ ୪ ପ୍ରକାର ବିକଳ୍ପ ରହିଛି। ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେଲା ପରେ ଛାତ୍ର ଛାତ୍ରୀମାନେ ଏମ.ଫୀଲ ଓ ପିଏଚଡି ଶିକ୍ଷା ଲାଭ ପାଇଁ ଯୋଗଦେଇ ପାରିବେ। ମାତ୍ର ଏମ.ଫୀଲ ଏ ବର୍ଷରୁ ୟୁଜିସି ଦ୍ୱାରା ବନ୍ଦ୍ କରି ଦିଆଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ଜାତୀୟ ଗବେଷଣା ଅନୁଷ୍ଠାନ ଯଥା ଏନଆଇଟି, ସିଟିସିଆରଆଇ, ଆଇଏମଟି, ଆରପିଆରସି, ସିଡିଆରଆଇ, ଏନବିଆରଆଇ ଇତ୍ୟାଦି ପ୍ରତିଷ୍ଠାନରେ ଉଦ୍ଦିଷ୍ଟ ଲାବରଟୋରୀରେ ଅଥବା ପ୍ରୋଜେକ୍ଟ ବା ରିସର୍ଚ ସହାୟକ ହିସାବରେ ଯୋଗଦାନ କରି ପାରିବେ। ବିଭିନ୍ନ ଜୈବ ପ୍ରଯୁକ୍ତି ଶିଳ୍ପ ଯଥା-ବାୟୋକନ, ଇଣ୍ଡୋହାଇବ୍ରିଡସିଡ, ଭାରତ ବାୟୋଟେକ, ରିଲଆନସ, ଲାଇଫ୍ ସାଇନ୍ସ, ବିଭିନ୍ନ ଫର୍ମାସ୍ୟୁଟିକାଲ ଶିଳ୍ପ ଯଥା ଡକ୍ଟର ରେଡି, ଟୋରେଟଂ ତଥା ବିଭିନ୍ନ ମେଡିକାଲ ଡାଇଗ୍ନୋଷ୍ଟିକ୍ ସେଟଂର, ଫୁଡ ଇଣ୍ଡଷ୍ଟ୍ରିଜ୍, ଫିସ୍ ପ୍ରୋସେସିଂ ଇତ୍ୟାଦିରେ ବୈଜ୍ଞାନକି ବା ଟେକ୍ନିକାଲ କର୍ମଚାରୀ ଓ ଗୁଣବତା ନିୟନ୍ତ୍ରକ ଅଧିକାରୀ ଭାବେ କାର୍ଯ୍ୟ କରି ପାରିବେ।

ବିଭିନ୍ନ ସରକାରୀ ଚାକରି ଯଥା ଓଡିଶା ଅଥବା ଭାରତୀୟ ବନ ବିଭାଗ ଅଧିକାରୀ, ବିଭିନ୍ନ ଓପିଏସି ଓ ୟୁପିଏସି ଚାକିରୀ ଯେଉଁ ଗୁଡିକ ସ୍ନାତୋକର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ସେ ସବୁ ଚାକୀରିରେ ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପାଇ ପାରିବେ। ଜୈବ ପ୍ରଯୁକ୍ତି ବିଭାଗରେ ସ୍ନାତୋକତର ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ମୁଖ୍ୟତଃ କଲେଜ ଓ ୟୁନିଭରସିଟି ଗୁଡିକରେ ଅଧ୍ୟାପକ ବା ବିଭିନ୍ନ ସରକାରୀ ଓ ଅଣସରକାରୀ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକ ରୁପେ ଯୋଗଦେବାକୁ ଅଧିକ ପସନ୍ଦ କରି ଥାଆନ୍ତି। ଏଥିପାଇଁ ଛାତ୍ର ଛାତ୍ରୀଙ୍କୁ ଜାତୀୟ ସ୍ତରୀୟ ପରୀକ୍ଷା ଯେପରିକି ସିଏସଆଇଆର ବା ୟୁଜିସି ନାସନାଲ ଏଲିଜିବିଲିଟି ଟେଷ୍ଟ ଫର୍ (ଏନଇଟି)ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡିଥାଏ। ଏତଦବ୍ୟତୀତ ଗ୍ରାଜୁଏଟ ଆର୍ପଟିଚ୍ୟୁଟ ଟେଷ୍ଟ ଫରି ଇଞ୍ଜିନିୟରିଂ (ଜିଏଇଟି) , ଇଣ୍ଡିଆନ କାଉଁସିଲ ଅଫ୍ ଏଗ୍ରିକଲଚରାଲ ରିସର୍ଚ ନାସନାଲ ଏଲିଜିବିଲିଟି ଟେଷ୍ଟ (ଆଇସିଏଆର), ବାୟୋଟେକ୍ନୋଲୋଜି ଏଲିଜବିଲିଟି ଟେଷ୍ଟ (ବିଇଟି), ଡିପାର୍ଟମେଣଟଂ ଅଫ୍ ବାୟୋଟେକ୍ନୋଲୋଜି ଟେଷ୍ଟ (ଡିବିଟି) ଇତ୍ୟାଦିରେ ଉତୀର୍ଣ୍ଣ ହେବା ପରେ ନିହାତି ଛାତ୍ର ଛାତ୍ରୀମାନେ ୟୁନିଭରସିଟି, ଇଞ୍ଜିନିୟରିଂ କଲେଜ, ଏନଆଇଟି ଓ ଆଇଆଇଟି ମାନଙ୍କରେ ଗବେଷଣା କରିବାକୁ ଯୋଗ ଦେଇଥାଆନ୍ତି। ଏହି ସବୁ ପରୀକ୍ଷାରେ ଉତୀର୍ଣ୍ଣ ହେଲେ ଛାତ୍ର ଛାତ୍ରୀମାନଙ୍କୁ ଗବେଷଣା କରିବାକୁ ସରକାରଙ୍କଠାରୁ ଛାତ୍ରବୃତି ସହିତ ଅନୁସନ୍ଧାନ ସହାୟତା ରାଶି ମଧ ମିଳିଥାଏ। ବର୍ତମାନ ସିଏସଆଇଆର ଓ ୟୁଜିସି ଉତୀର୍ଣ୍ଣ ଛାତ୍ର ଛାତ୍ରୀମାନେ ସପ୍ତମ ବେତନ କମିଶନ ସୁପାରିଶ ଅନୁସାରେ ପ୍ରଥମ ଦୁଇ ବର୍ଷ ୩୧ ହଜାର ଟଙ୍କା ଏବଂ ଘରଭଡା ବାବଦକୁ ସ୍ଥାନ ଅନୁସାରେ ୫% ରୁ ୧୫% ପାଇଥାଆନ୍ତି। ମାତ୍ର ପରବର୍ତୀ ୩ ବର୍ଷ ବରିଷ୍ଠ ରିସର୍ଚ ସ୍କଲାର ହିସାବରେ ୩୫ ହଜାର ଟଙ୍କା ସହିତ ଘରଭଡା ମଧ ପାଇଥାଆନ୍ତି। ଏତଦବ୍ୟତତ ଗବେଷଣା କରିବା ପାଇଁ ଅନୁସନ୍ଧାନ ସହାୟତା ରାଶି ବର୍ଷକୁ ୨୫ ହଜାର ଟଙ୍କା ପାଇଥାଆନ୍ତି। ସିଏସଆଇଆର ନେଟ ପରୀକ୍ଷାରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ପ୍ରଥମ କିଛି ମେଧାବୀ ଛାତ୍ର ଛାତ୍ରୀଙ୍କୁ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଫେଲୋସିପ୍ ମିଳିଥାଏ। ଏହି ଫୋଲୋସିପ ର ମୂଲ୍ୟ ପ୍ରଥମ ଦୁଇ ବର୍ଷ ୩୬ ହଜାର ଓ ପରବର୍ତୀ ୩ ବର୍ଷ ୪୨ ହଜାର ପ୍ରତିମାସ ମିଳିଥାଏ। ସିଏସଆଇଆର ଫେଲୋସିପ୍ ଦୁଇ ପ୍ରକାରର ଅଛି। ଯଥା କେବଳ ଏଲିଜିବିଲିଟି ଫର ଲେକ୍ଚରସିପ୍ ଓ ଅନ୍ୟଟି ଜେଆରଏଫ। ଏହି ପରୀକ୍ଷାରେ ଉତୀର୍ଣ୍ଣ ଲିଷ୍ଟର ପ୍ରଥମ କିଛି ପିଲାଙ୍କୁ ଫେଲୋସିପ ମିଳିଥାଏ। ଯେଉଁମାନଙ୍କୁ ସରକାରଙ୍କ ଠାରୁ ସିଧା ସଳଖ ଉପରୋକ୍ତ ଫେଲୋସିପ ମିଳିଥାଏ। ମାତ୍ର ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପଛୁଆ କିଛି ପିଲାଙ୍କୁ କେବଳ ଲେକଚରସିପ ଆୱାର୍ଡ କରାଯାଇଥାଏ। ସେହି ଛାତ୍ରଛାତ୍ରୀମାନେ ସାରା ଦେଶରେ କଲେଜ ଓ ୟୁନିଭରସିଟିରେ ଲେକଚର ହେବାକୁ ଯୋଗ୍ୟ ହୋଇ ଥାଆନ୍ତି।

ଏତଦବ୍ୟତୀତ ସେମାନେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ଅନୁଷ୍ଠାନରେ ବିଭିନ୍ନ ଜାତୀୟ ପ୍ରୋଜେକ୍ଟରେ ଯୋଗ ମଧ କରିଥାଆନ୍ତି ଓ ସମପରିମାଣର ଫେଲୋସିପ ରିସର୍ଚ ପ୍ରୋଜେକ୍ଟ ଫେଲୋସିପରୁ ପାଇଥାଆନ୍ତି। ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସ୍ନାତୋକତରରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାଙ୍କୁ ପିଏଚଡି ଶିକ୍ଷା ଲାଭ କରିବା ପାଇଁ ରିସର୍ଚ ଫେଲୋସିପ ଡିଏସଟି ଇନସ୍ପାୟାର ଦିଆଯାଇଥାଏ। ଏହାର ଫେଲୋସିପ ବାବଦକୁ ପ୍ରଥମ ଦୁଇ ବର୍ଷ ୩୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ୨୦ ହଜାର ଟଙ୍କା ପ୍ରତିବର୍ଷ ପ୍ରଦାନ କରାଯାଇଥାଏ। ଏହାର ବରିଷ୍ଠ ରିସର୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ମିଳିଥାଏ। ଏତଦବ୍ୟତୀତ ସ୍ନାତୋକତର ଉତୀର୍ଣ୍ଣ କିଛି ଛାତ୍ରଛାତ୍ରୀ ରାଜ୍ୟ ସରକାରଙ୍କ ରିସର୍ଚ ଫେଲୋସିପ ଯେପରିକି ଆମ ରାଜ୍ୟ ଓଡିଶାରେ ବିଜୁ ପଟ୍ଟନାୟକ ରସର୍ଚ ଫେଲୋସିପ୍ ଦିଆଯାଇଥାଏ। ବିଜୁ ପଟ୍ଟନାୟକ ରିସର୍ଚ ଫେଲୋସିପ ଜରିଆରେ ମାସକୁ ୧୨ ହଜାର ଟଙ୍କା ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୫ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ପାଇଁ ପ୍ରଦାନ କରାଯାଇଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ ଫେଲୋସିପ ବାବଦକୁ ୧୫ ହଜାର ଟଙ୍କା ଓ କଟିଂଜେନ୍ସି ପ୍ରଦାନ କରାଯାଇଥାଏ। ସେହିପରି ଆଇସିଏଆର ଏନଇଟିରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ମାସିକ ୩୧ ହଜାର ଟଙ୍କା ପ୍ରଥମ ଦୁଇ ବର୍ଷ ଫେଲୋସିପ ମିଳିଥାଏ। ପରବର୍ତୀ ଏକ ବର୍ଷ ବରିଷ୍ଠ ରିସର୍ଚ ଫେଲୋସିପ ବାବଦକୁ ମାସିକ ୩୫ ହଜାର ଟଙ୍କା ଫେଲୋସିପ ଓ କଟିଂଜେନ୍ସି ବାବଦକୁ ବର୍ଷକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଜିଏଟିଇ ପରୀକ୍ଷାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନେ ଆଇଆଇଟି ତଥା ଏନଆଇଟି ଓ ଇଞ୍ଜିନିୟରିଂ କଲେଜ୍‌ରେ ସ୍କଲାରସିପ ସହିତ ଏମଟେକ୍ ପଢିବା ଅଥବା ପ୍ରୋଜେକ୍ଟରେ ଜେଆରଏଫ/ପ୍ରୋଜେକ୍ଟ ଫେଲୋ ହିସାବରେ କାର୍ଯ୍ୟ କରିବାରେ ସୁଯୋଗ ମିଳିଥାଏ। ସେମାନେ ପ୍ରୋଜେକ୍ଟ ସ୍ଥିରିକୃତ ନିୟମ ହିସାବରେ ଫେଲୋସି ପାଇଥାଆନ୍ତି। ବାୟୋଟେକ୍ନୋଲୋଜି କନସରଟିୟମ(ବିସିଆଇଏଲ), ନୂଆଦିଲ୍ଲୀ ମଧ ୬ ମାସର ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ପାଇଁ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତୀଙ୍କୁ ଚୟନ କରି ବିଭିନ୍ନ ଇଣ୍ଡଷ୍ଟ୍ରିଜ ମାନଙ୍କୁ ପଠାଇଥାଏ। ଏମାନେ ମାସକୁ ୧୦ ହଜାର ଟଙ୍କା ଫେଲୋଶିପ ପାଇଥାଆନ୍ତି। ଏତଦବ୍ୟତୀତ କଟିଂଜେନ୍ସି ବାବଦକୁ ଇଣ୍ଡଷ୍ଟ୍ରିମାନଙ୍କୁ କିଛି ଅର୍ଥ ମିଳିଥାଏ। ପରବର୍ତୀ ସମୟରେ ଏହି ଛାତ୍ର ଛାତ୍ରୀମାନେ ନିଯୁକ୍ତି ପାଇବାର ସୁଯୋଗ ଲାଭ କରିଥାଆନ୍ତି। ଉପରଲିକ୍ଷିତ ଆଲୋଚ ସୁଯୋଗ ବ୍ୟତୀତ ବିଭିନ୍ନ ସ୍ନାତକୋତର ଉତୀର୍ଣ୍ଣ ଛାତ୍ରଛାତ୍ରୀ ନିଜର ଷ୍ଟାର୍ଟ ଅପ ବା ଏଟଂରପ୍ରେନୁୟର ପ୍ରତିଷ୍ଠା କରି ଆତ୍ମନିଯୁକ୍ତି ପାଇ ପାରନ୍ତି। ଏଥିପାଇଁ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କ ଓ ସରକାରୀ ପ୍ରୋଗାମରୁ ସହାୟତା ମିଳିଥାଏ। ଜୀବ ବିଜ୍ଞାନ ପାଠ୍ୟକ୍ରମରେ ଜୈବପ୍ରଯୁକ୍ତି ବିଦ୍ୟା ଏକ ବୈଷୟିକ ବିଭାଗ ଯାହା ଅନ୍ୟାନ୍ୟ ମୌଳିକ ବିଭାଗ ଯଥା ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ପରିବେଶ ବିଜ୍ଞାନ, ଅଣୁଜୀବ ବିଜ୍ଞାନ ଠାରୁ ଅଧିକ ଯୁଗୋପଯୋଗୀ ଓ ଛାତ୍ରଛାତ୍ରୀମାନଙ୍କ ଅଧିକ ପସନ୍ଦର ବିଭାଗ। କାରଣ ଏଥିରେ ନିଯୁକ୍ତି, ଗବେଷଣା ଓ ଉଚ୍ଚତର ଶିକ୍ଷା ନିମନ୍ତେ ପ୍ରଭୂତଃ ସୁବିଧା ସୁଯୋଗ ରହିଛି। ମାତ୍ର ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରମାନଙ୍କୁ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ପଡିଥାଏ ଓ ବିଭିନ୍ନ ଗବେଷଣାଗାର ଥିବା ବଡବଡ ଲାବୋରୋଟୋରିରୁ ଅଧିକରୁ ଅଧିକ ତାଲିମ ନେଇ ଦକ୍ଷତା ହାସଲ କରିବାକୁ ପଡିଥାଏ। ଏହି ଛାତ୍ରଛାତୀମାନେ ବିଦେଶ ବିଶ୍ୱବିଦ୍ୟାଳୟ ଓ ରିସର୍ଚ ଅନୁଷ୍ଠାନ ମାନଙ୍କରେ ଗବେଷଣା ଓ ଉଚ୍ଚତର ଶିକ୍ଷାଲାଭ କରିବାକୁ ପ୍ରୋତ୍ସାହନ ମିଳିଥାଏ।

**ଜୈବପ୍ରଯୁକ୍ତି ବିଦ୍ୟା ମୁଖ୍ୟ
ମହାରାଜା ଶ୍ରୀମରାଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦାଳୟ, ବାରିପଦା।**

## ହୁଅନ୍ତୁ ପିଲାର ବନ୍ଧୁ

**॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥**

ବର୍ତ୍ତମାନର ମୋବାଇଲଧରା ବ୍ୟସ୍ତ ସମୟ ଭିତରେ ଆପଣଙ୍କ ପିଲା ଏକା ଏକା ରହିବାକୁ ଚେଷ୍ଟା କରୁଛି କି? ବେଳେ ବେଳେ ଚୁପଚାପ, ଉଦାସ ଏହିପରି ମନୋଭାବ ତାର ଦେଖୁଛନ୍ତି କି? ସ୍କୁଲ ଖୁବ ହେଲେ ଘର ଏହାରି ଭିତରେ ସେ ନିଜକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଛି କି? ଯଦି ହିଁ ତେବେ ଏହା ଅବୁଝା ନୁହେଁ ଯେ ସେ ନିଜର ବନ୍ଧୁଟିଏ ପାଇପାରୁନାହିଁ ଖୁସି, ସୁଖ, ଆନନ୍ଦକୁ ବାଣ୍ଟିବା ପାଇଁ। ତେବେପ ଏହାକୁ ଛୋଟିଆ କଥା ଭାବନ୍ତୁ ନାହିଁ। ଏହା ନିଶ୍ଚିନ୍ତ ଭାବେ ବଡ଼ କଥା। କାରଣ ଏହା ପିଲାର ଶାରୀରିକ, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧିର ବାଧକ ନିଶ୍ଚୟ। ଏହିପରି ଉଦାସ ରହୁଥିବା ପିଲାଙ୍କ ହାବଭାବ ପରବର୍ତ୍ତୀ ସମୟ ପାଇଁ ଭଲ ହୋଇନଥାଏ। କାରଣ ପିଲାଟି ତାର ଜଣେ ବନ୍ଧୁ ପାଇଲେ ପ୍ରଥମତଃ ଏକଲାପଣକୁ ଦୂରେଇ ପାରିବ ଦ୍ୱିତୀୟତଃ ତା ମନକଥା ବାଣ୍ଟପାରିବ ଆଉ ନିଜ ଜୀବନକୁ ନେଇ ସେ ଖୁବ ଖୁସିରେ ଆଗେଇ ପାରିବ ମଧ୍ୟ। ବର୍ତ୍ତମାନର ସମୟରେ ଅନେକ ପିଲା ବାହାରକୁ ନଯାଇପାରି ପ୍ରାୟତଃ ଅନେକ ସମୟ ଘର ଭିତରେ ଏକ ପ୍ରକାର ଆବଦ୍ଧ ହୋଇ ରହୁଥିବାରୁ, ପିଲାଟିର ମାନସିକ, ଶାରୀରିକ ଓ ବୌଦ୍ଧିକ ସ୍ଥିତି ସମ୍ପର୍କରେ ଅନେକ ବାପାମାଆ ଅଜଣା ଥାଆନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି କୋମଳମତି ପିଲାଟିର ମନକୁ ବୁଝି ତା'ପାଇଁ କିଛି ସମୟ କାଢ଼ିଲେ ତାର କଅଁଳ ମନ ଆସନ୍ତା କାଲିର ଏକ ଉଜ୍ଜ୍ୱଳ ସମାଜ ପାଇଁ କ୍ଷେତ୍ର ଯେ ସୃଷ୍ଟି ନକରିପାରିବ ତାହା କିଏ ବା ନ କହିବ? ଅନେକ ସମୟରେ ପାରିବାରିକ ଝଡ଼ଝଞ୍ଜା, ବାପା-ମାଆ ବା ଆତ୍ମୀୟ ସ୍ୱଜନଙ୍କ ଭିତରେ ମନାନ୍ତର, ମତାନ୍ତର ଏପରି ଅଘଟଣ ପିଲାମାନଙ୍କୁ ଯଥେଷ୍ଟ ଆଘାତ ଦେଇଥାଏ।

ଶିଶୁ ନିଷ୍ପାପ ଚକ୍ଷୁଯୁଗଳରେ ଲୁଚି ରହିଥାଏ ଆଗାମୀ ଭବିଷ୍ୟତର ଗୁଚ୍ଛଗୁଚ୍ଛ ସ୍ୱପ୍ନ । ମନରେ ଅନାବନା ଅନେକ ପ୍ରଶ୍ନ, କିଏ କ'ଣ କାହିଁକି, କିପରି - କିଏ ବା ସମର୍ଥ ହେବ ସେ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ । ସାଂପ୍ରଦାୟିକତା, ଜାତିଗତ ବିଦ୍ୱେଷ, ଅନ୍ଧ ପରମ୍ପରା ଓ ପ୍ରଦୂଷିତ ପରିବେଶ ଭିତରେ ଅହରହ ଜୀବନ ପାଇଁ ସଂଗ୍ରାମ କରୁଥିବା ସାଧାରଣ ମଣିଷ କ'ଣ ଜିତିପାରିବ ଶିଶୁମାନଙ୍କର ଚଳଚଞ୍ଚଳ ମନ ଓ ଚିନ୍ତାଧାରାକୁ । ଜୀବନର ପ୍ରାରମ୍ଭରୁ ଶିଶୁ, ପ୍ରକୃତି, ସମାଜ ଓ ପରିବେଶ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ଥାଏ । ତାର, ଭାଷା, ବ୍ୟବହାର, ଚାଲିଚଳଣୀ ଓ ସଦାଚାର ଶିକ୍ଷା କରିଥାଏ ପରିବାରରୁ ବିଶେଷତଃ ସମାଜ ତଥା ପରିବେଷ୍ଟିନୀ ମାନଙ୍କ ଠାରୁ । ଗ୍ରାମାଞ୍ଚଳର ଶିଶୁଟିଏ ଶିକ୍ଷିତ ପରିବାର ଶିଶୁଠାରୁ ନିଶ୍ଚୟ ପୃଥକ ଓ ଭିନ୍ନ ଗୁଣର କେବଳ ପରିବେଶ ପାଇଁ । ଉପଯୁକ୍ତ ପରିବେଶ ଶିଶୁଟିକୁ ଉପଯୁକ୍ତ ମଣିଷ କରି ଗଢ଼ିତୋଳେ - ଏହା ନିରାଟ ସତ୍ୟ । ତେବେ ଶିଶୁ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେଲେ ଆବଶ୍ୟକ ଉପଯୁକ୍ତ ଶିକ୍ଷାର ପ୍ରସାର । ସହରାଞ୍ଚଳ ଶିଶୁମାନଙ୍କ ଠାରୁ ପ୍ରାରମ୍ଭ କରି ଗ୍ରାମାଞ୍ଚଳର ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କିପରି ଉପଯୁକ୍ତ ଭାଷା, ଶିକ୍ଷା ଓ ଜ୍ଞାନ ପହଞ୍ଚିପାରିବ ସେଥିପାଇଁ ସମାଜ ଓ ସରକାର ସଚେତନ ହେବା ଉଚିତ । ପ୍ରତ୍ୟେକ ପରିବାର ନିଜ ନିଜ ଶିଶୁଙ୍କର ଜ୍ଞାନ ବୃଦ୍ଧି, ଚାଲିଚଳଣୀ ଓ ସୁବ୍ୟବହାର ପ୍ରତି ନଜର ଦେବା ସହ ସେମାନଙ୍କର ଜ୍ଞାନର ବିକାଶ କିପରି ସମ୍ଭବ ହେବ, ସେଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ। ପିଲାମାନଙ୍କର ସାମାଜିକ ବ୍ୟବହାର ଉପରେ ଧ୍ୟାନ ଦେଇ ତାର ମନ ଭିତରର ଲାଜକୁଳା ଗୁଣକୁ ପ୍ରଥମତଃ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ପିଲାମାନଙ୍କୁ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା ମିଳାମିଶା କରିବା ସର୍ବୋପରି ନିଜର ସମସ୍ୟା ଜଣାଇବା ଏହିପରି ଗୁଣକୁ ଶିଖାନ୍ତୁ। ମନେରଖନ୍ତୁ ପିଲାମାନଙ୍କୁ କେବେ ସେମାନଙ୍କର ଭାଇଭଉଣୀ ହୁଅନ୍ତୁ ବା ପଡ଼ୋଶୀ କିମ୍ବାର ସେମାନଙ୍କର କ୍ଲାସମେଟ କସ୍ମିନ କାଳେ ତୁଳନା କରନ୍ତୁ ନାହିଁ। ଏପରିକି ନିଜ ପିଲାଦିନର କୌଣସି ଘଟଣା କହି ପିଲାମାନଙ୍କ ଭିତରେ ତୁଳନାର ଚିତ୍ର ଦିଅନ୍ତୁ ନାହିଁ। ଏହା ଅପେକ୍ଷା ତାକୁ ବେଶ ସ୍ୱାଭାବିକ ଓ ଖୋଲା ହୃଦୟର ଶିଖାନ୍ତୁ। ବନ୍ଧୁ ତିଆରି କରିବା, ନିଜ ସୁଖଦୁଃଖ ବାଣ୍ଟିବା, ସମସ୍ତଙ୍କ ସହିତ ମିଳିମିଶି ସଦଭାବର ସହ ବଞ୍ଚିବା ଏହି କଳା ହିଁ ପିଲାଟିକୁ ଶିକ୍ଷା ଦିଅନ୍ତୁ।

ପିଲାଟିର ବାପା-ମାଆ ସେମାନଙ୍କର ରୋଲ ମଡ଼େଲ ହୁଅନ୍ତୁ। ସବୁବେଳେ ପିଲାମାନଙ୍କ ସାମ୍ନାରେ ନିଜେ ବେଶ ଖୋଲା ଭାବେ ସମୟ ବିତାନ୍ତୁ। ପିଲାଟି ସାମାଜିକ ଭାବେ କାହା ସହିତ ନ ମିଶି ପାରୁଥିଲେ ତାକୁ ମନସ୍ତାତ୍ତ୍ୱିକ ଭାବେ ପ୍ରେରଣା ଦେଇ ତାର ସହପାଠୀ ବା ବନ୍ଧୁ ମାନଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରନ୍ତୁ। ଅନେକ ବାପା-ମାଆ ନିଜେ ଚୁପ ଚାପ ସ୍ୱଭାବର ହୋଇଥିବାରୁ ପିଲାମାନେ ଜନ୍ମରୁ ପ୍ରାୟତଃ ସେହି ଗୁଣକୁ ଆଦରି ଥାଆନ୍ତି। ତେଣୁ ପିଲାମାନଙ୍କୁ ସମୟ ଦିଅନ୍ତୁ କେବଳ ମୋବାଇଲ, ପଇସା ବା ତାଙ୍କ ଆବଶ୍ୟକତା ଯୋଗାଇ ଦେଲେ ଆପଣ ପିଲାର କେବେ ହେଲେ ବନ୍ଧୁ ହୋଇପାରିବେ ନାହିଁ କାରଣ ଛୋଟ ପିଲାଟି ଭିତରେ ଅନେକ ପ୍ରଶ୍ନ, ଅନେକ ଘଟଣାର ଉତ୍ତର ସେ ଖୋଜିଥାଏ। ଏପରି କ୍ଷେତ୍ରରେ ସେ ଜଣେ ନିଶ୍ଚିନ୍ତ ଓ ସତ ପରାମର୍ଶ ପାଉଥିବା ବନ୍ଧୁଟି ଆବଶ୍ୟକ କରିଥାଏ ଯେଉଁ କାର୍ଯ୍ୟଟି ବା ତାର ପ୍ରଥମ ବନ୍ଧୁ ଭାବେ ତା ମାଆ ବାପା ରହିବେ। ଆଉ ଗୋଟିଏ ବଡ଼ କଥା ମନେରଖନ୍ତୁ, ଅନେକ ସମୟରେ ଶିଶୁ ଅବାଧ ହେଲେ ଆମେ ତାକୁ ବିଭିନ୍ନ ଭୟ ଦେଖାଇଥାଉ, ଏହାଫଳରେ ତା'ଉପରେ ମାନସିକ ଚାପ ପଡ଼ିଥାଏ । ଫଳରେ ଅନେକ ସମୟରେ ଶିଶୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର ସାହାସ ହରାଇ ବସେ । ସେହିପରି ପିଲା ଭୁଲ୍ କରି ବସିଲେ ଆମେ ତାକୁ ମାଡ଼ ଦେଉ ଓ ଆଉ ଭୁଲ୍ ନକରିବା ପାଇଁ ନିର୍ଦ୍ଦେଶ ଦେଉ । ତାଦ୍ୱାରା ପିଲା ଭୁଲ୍ କରେନି ସତ କିନ୍ତୁ ସେ ଆଉ ଠିକ୍ କରିବା ପାଇଁ ମଧ ଅଗ୍ରସର ହୁଏନାହିଁ ମନରେ ରହିଯାଏ ଭୟ ଆଶଙ୍କା । ଏପରି ନକରି ପିଲାକୁ ନିର୍ଦ୍ଦିଷ୍ଟ ବିଷୟ ଉପରେ ତନ୍ନ ତନ୍ନ କରି ବାରମ୍ବାର ବୁଝାଇବା ଦରକାର । ଶିଶୁର ମନ ଚଳଚଞ୍ଚଳ ସେ ଯାହା କରି ବସେ ତାହା ଭୁଲ କି ଠିକ୍ ସେ ଚିନ୍ତା କରିନଥାଏ । ଅନୁକରଣ ପ୍ରୀୟ ହୋଇଥିବାରୁ ଯାହା ସମାଜରୁ ଗ୍ରହଣ କରେ ତାହା ନିଜପାରୁ ପର୍ଯ୍ୟନ୍ତ ସେ କରିବାକୁ ସକ୍ଷମ ହୋଇଥାଏ । ପରିବେଶର ପ୍ରଭାବ ତା ଉପରେ ଚାପ ସ୍ୱରୂପ ଲଦି ହୋଇପଡ଼େ । ଆପଣ କେବେ ଭୁଲିଯାଆନ୍ତୁ ନାହିଁ ପିଲାଟି ହେଉଛି ଆପଣଙ୍କର ପ୍ରତୀକ। ଆପଣଙ୍କର ଶାରୀରିକ ଓ ମାନସିକ ପ୍ରତିଫଳନର ସେ ଚିତ୍ର। ତେଣୁ ପିଲାଟି ଦିନରୁ ହିଁ ତାକୁ ସତ୍ ଶିକ୍ଷା ଓ ସତ୍ ପରାମର୍ଶ ଦେବା ସହ ଉତ୍ତମ ଜୀବନ ଗଢ଼ିବା ନିଜ ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ପାଇଁ ନିଜ ଉତ୍ତମ ସେବା ମନୋଭାବ ସୃଷ୍ଟି କରାଇବାର ପ୍ରାଥମିକ ଦାୟିତ୍ୱ ବାପା ମାଆଙ୍କର। ବାପାମାଆ ମାନେ ନିଜେ ଆଗେ ସଦଗୁଣର ଅନୁଶୀଳ କରି ପିଲାମାନଙ୍କୁ ସେହି ରାସ୍ତାରେ ଆଗେଇ ନେଲେ ପିଲାମାନେ ଉତ୍ତମ ବନ୍ଧୁ ପାଇପାରିବେ ଆଉ ଉତ୍ତମ ଜୀବନ ସେମାନଙ୍କ ଜୀବନ ଅଭିବୃଦ୍ଧି ବିକାଶର ଆଲୋକବର୍ତ୍ତିକା ସାଜିବ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪

## ଜ୍ୟେଷ୍ଠ ପୁତ୍ର ଓ ପୃଥିବୀ ମାଆ

**॥ ଅଜୟ କୁମାର ବେହେରା ॥**

ବସୁମତୀ, ଅନେକ ମାଆଙ୍କ ଭିତରୁ ଜଣେ ଦେବୀ ମାଆ। ପୃଥିବୀ ମାଆ ହିଁ ବସୁମତୀ ମାଆ। ତାଙ୍କର ପ୍ରଥମ ସନ୍ତାନ ହେଉଛି ସାଗର। ଯେ ମହାଦାମ୍ଭିମ ଓ ଗର୍ବୀ। ପୁଣି ତାଙ୍କ ଠାରୁ କେହି କ୍ଷେତ୍ରବଳୀ ନାହାଁନ୍ତି। କ୍ଷେତ୍ରର ଅଧିଶ୍ୱରମାନେ ଜମିଦାର ଏଥିରେ ସବୁଠାରୁ ବଡ଼ ଜମିଦାରୀରେ ସାଗର, ସପ୍ତସମୁଦ୍ରଙ୍କର ନାମ ରହିଛି। ରସାତଳ କୁହନ୍ତୁ ପାତାଳ କୁହନ୍ତୁ ଆଉ ପୃଥିବୀର ସର୍ବତ୍ର ନିଷ୍ଫେ ଭୂମି ଅଛି। ପାତାଳ ମାନେ ନିମ୍ନ ସ୍ଥାନ ପାଦତଳ, ରସାତଳ ମାନେ ରସର ତଳ ଏଠାରେ ଜଳକୁ ଆଧାର କରିଥିବା ମାଟି। ସମୁଦ୍ର ପତନ କହିଲେ ସମୁଦ୍ରର ଜଳ ଶୂନ୍ୟସ୍ଥାନରୁ ଉପରରୁ ଉପରୁ ଉଠିଥିବା ସ୍ଥାନ।

ଏହି ସମୁଦ୍ର ସାଗର ମହାରୁ ଉପ ପର୍ଯ୍ୟନ୍ତ ଅନେକ ନାମକରଣ ହେଲେ ମୋଟ ଧରିଲେ ସାଗର। ଏଇ ସାଗର ପୃଥି ମାତାଙ୍କର ପ୍ରଥମ ସନ୍ତାନ। ପୃଥିମାତାଙ୍କର ବ୍ୟାପକ ଭୂ ସମ୍ପତ୍ତି ଗର୍ଭରେ ଅନେକ ମୂଲ୍ୟବାନ ଖଣିଜ ପଦାର୍ଥ, ଗ୍ୟାସ ରହିଛି। ସବୁ ମାଆଙ୍କ ପରି ପୃଥି ମାଆ ତାଙ୍କ ପିଲାଙ୍କ ପାଇଁ ମାଟିତଳେ ପିଲାଙ୍କ ଭବିଷ୍ୟତ ପାଇଁ ଦ୍ରବ୍ୟ ରଖିଛନ୍ତି। ହେଲେ ଏସବୁ ଗୋପନ ଧନକୁ ଜୁଲମ କରି ଭୟଦେଖାଇ ଛଡ଼ାଇ ନେଇଛନ୍ତି ସାଗର। କୁହାଯାଏ ତିନିଭାଗ ଜଳ ଏକ ଭାଗ ମାଟି ପୃଥିବୀରେ ରହିଛି। ମାଆ ବସୁମତୀ ସନ୍ତାପରେ ସମୟ କାଟୁଛନ୍ତି। ସାଗରରେ ତୋର ପର ଭାଇଭଉଣୀଙ୍କ ପାଇଁ ମୁଁ କଣ ସମ୍ପତ୍ତି ଦେବୀ ତୁ ଏତେ ନେ ନା। ହେଲେ ସାଗରଙ୍କର ଜିଦ ଦାବୀରେ ଆହୁରି ନେବେ, ସମୁଦ୍ରଙ୍କୁ ଅର୍ଥ ତୃଷ୍ଣା ଛାଡୁନାହିଁ।

ମାଆଙ୍କର ମନ କଥାରୁ ଅନୁମାନ କରି ସାଗର କହୁଛନ୍ତି ମାଆ ମୁଁ ଅମର ହେଲେ ପରେ ପରେ ଯେ ଜନ୍ମ ସେମାନେ ମର। ସେମାନେ କଣ ପରମାୟୁ ମୋରି ପରି ପାଇଛନ୍ତି କି? କି ପାଇବେ କି? ସେମାନେ ବଂଶ ବୃଦ୍ଧି କଲେ ବି ସେ ବଂଶ ବି ସମୟୋନୁସାରେ କ୍ଷୟ ହେବ ହେଲେ ମୁଁ ଅକ୍ଷୟ। ମୁଁ ତୋ ଥିବା ଯାଏ ତୋର ସେବା କରିବି ସେମାନେ ଏପରି ଭରଷାଶୀଳ ନୁହଁ। ସନ୍ତାନ ମାୟା ସବୁ ସ୍ତ୍ରୀଲୋକଙ୍କର ଅଛି। ଏଥିରୁ ଆଦି ମାତାଙ୍କର କେମିତି ନରହିବ? ଦେବୀ ମାଆ ଜ୍ୟେଷ୍ଠପୁତ୍ର ଦ୍ୱାରା ସଦା ଚାପରେ ତପରେ ସାଗର ସର୍ବଦା ତଟରେ ଭୟଙ୍କର ଭାବରେ ପିଟି ହୋଇ ମାଟିକୁ ତା ଆଡ଼କୁ ଭିଡ଼ି ନେଉଛି। ଦେବୀ ମାଆଙ୍କର କ୍ରନ୍ଦନ ନିତ୍ୟ ଠାକୁରେ ଶୁଣ ଶୁଣ ଏହାର ପ୍ରତିକାର କର। ଭଗବାନ ଶୁଣିଲେ ସାଗର ତ୍ରାସ ଜନ୍ମ ନେଲେ। ତାଙ୍କ ନାମ ଅଗସ୍ତ୍ୟ। ଲୋକେ ତାଙ୍କୁ ଅଗସ୍ତୀ କହୁଛନ୍ତି। ଦିବ୍ୟ ବ୍ରାହ୍ମଣ ମହାତେଜସ୍ୱୀ ସ୍ଥିରଚେତ ଦୃଢ଼ ଧୈର୍ଯ୍ୟର ସେ ଜୀବନ୍ତ ରୂପ। ସେ ଏପରି ସାଧନ ବ୍ରତୀ ହେଲେ ସମୁଦ୍ର ଜଳକୁ ମନ୍ତ୍ରପୁତ କରି ଗୁଣ୍ଡୁଷେ ଜଳରେ ନିଶେଷ କରିଦେଲେ।

ଏବେ ସାଗର ଜାଣିଲେ ନରଙ୍କ ମଧରେ ବି ଏମିତି ବ୍ୟକ୍ତି ଆସିଲେ ଯେ ଅମାପ ଜଳକୁ ନିଶେଷ କରିଦେଲେ। ଏଇ ସାଗର ପ୍ରତ୍ୟକ୍ଷରେ ନହେଲେ ବି ପରୋକ୍ଷରେ ବର୍ଷାର କାରଣ ସାଗରରେ ଜଳ ନରହିଲେ ଜୀବଜଗତ ବୃକ୍ଷଲତା କେହି ବଞ୍ଚି ପାରିବେ ନାହିଁ। ଏପାଇଁ ଅଗସ୍ତୀ ଦେବ ରକ୍ଷ ଅନୁରୋଧରେ ସାଗରଙ୍କୁ ମୁଖରୁ ପୁଣି କାଢ଼ିଦେଲେ। ଏ ସାଗର ଜଳ ବ୍ରାହ୍ମଣ ଅଇଣ୍ଠା ଏ ତୀର୍ଥଜଳରେ ଆସେ ମାତ୍ର ଗଙ୍ଗା ଯମୁନା ଗୋମତୀ ନର୍ମଦା ଜଳ ପରି ପବିତ୍ର ନୁହଁନ୍ତି। ପୃଥିମାତାଙ୍କ ଆଶ୍ୱାସନା ମିଳିଲା ଯେ ସାଗରକୁ ତ୍ରାସ ଏମିତି ବି ତାଙ୍କର ପିଲା ଜଣେ ଜନ୍ମ ନେଇଛି। ସାଗରଙ୍କ ଡର ହେଲା ସେ ତାଙ୍କର ସ୍ଥିତି ପରିସୀମା ବୁଝିଗଲେ। ସେ ବି ବଡ଼ଭାଇ ନାମ ମଣିଷଙ୍କ ପାଇଁ କରିଚାଲିଛନ୍ତି। ସାଗର ନଥିଲେ ଅନେକ ଅସୁବିଧା ସଂସାରରେ ହୁଅନ୍ତା। ମାଆ ଖୁସି ତାଙ୍କର ପୁଅମାନେ ଏମିତି ହେବେ ଏକଥା ସେ ସଦା ସେ ବ ଚାଲିଲେ। ସାଗରରେ ତରୀ ଗଲାଣି, ପୋତ, ଜାହାଜ କେତେ କଣ? ସାଗର ବଡ଼ଭାଇ କମାରେ ବି ଅଛନ୍ତି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବାଲିପାଟଣା ବ୍ଲକରେ ରାସନ କାର୍ଡରେ ବ୍ୟାପକ ଦୁର୍ନୀତି

ବାଲିପାଟଣା, (ମହାଭାରତ) : ରାଜ୍ୟ ସରକାର ଗରିବ ଲୋକଙ୍କୁ ଶସ୍ତାରେ ଖାଦ୍ୟଶସ୍ୟ ଯୋଗାଇ ଦେବା ପାଇଁ ଅନେକ ଯୋଜନା କରୁଛନ୍ତି, ହେଲେ ତୃଣମୂଳ ସ୍ତରରେ ଏହି ଯୋଜନା ପ୍ରଶାସନିକ ଅବହେଳା ଯୋଗୁଁ ଅପହଞ୍ଚ ହୋଇପଡ଼ିଛି। ନୂଆ ରାସନ କାର୍ଡ ଖଣ୍ଡିଏ ପାଇଁ ଆବେଦନ କରି ମାସ ମାସ ଧରି ଲୋକେ ଚାହିଁ ରହିଥିବା ବେଳେ, କାର୍ଡରେ ତ୍ରୁଟି ସଂଶୋଧନ ପାଇଁ ଲୋକଙ୍କୁ ବ୍ଲକ ଯୋଗାଣ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି ନୟାନ୍ତ ହେବାକୁ ପଡୁଛି। ଅନ୍ୟପଟେ ନିର୍ଦ୍ଧାରିତ ସମୟରେ ଅଧିକାରୀମାନେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଦିନମଜୁରିଆ ଓ ଗରିବ ଜନସାଧାରଣ ହତାଶ ହୋଇ ଫେରୁଛନ୍ତି। ଅଭିଯୋଗ ଅନୁଯାୟୀ, ନୂଆ ରାସନ କାର୍ଡ ପାଇଁ ଆବେଦନ କରିବାର ମାସ ମାସ ବିତିଯାଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଯେଉଁମାନଙ୍କର ନାମରେ ବନାନ ଭୁଲ ରହିଛି କିମ୍ବା ପରିବାରର ନୂଆ ସଦସ୍ୟଙ୍କ ନାମ ଯୋଡ଼ିବାକୁ ଅଛି, ସେମାନଙ୍କ ସମସ୍ୟା ଆହୁରି ଜଟିଳ। ନାମ ସଂଶୋଧନ ଭଳି ଏକ ସାଧାରଣ କାମ ପାଇଁ ହିତାଧିକାରୀଙ୍କୁ ବାରମ୍ବାର କାର୍ଯ୍ୟାଳୟର ବାରଣ୍ଡା ଚଢ଼ିବାକୁ ପଡୁଛି। ଗୋଟିଏ ପଟେ କାର୍ଡ ନଥିବାରୁ ସରକାରୀ ଯୋଜନା ମିଳୁନାହିଁ, ଅନ୍ୟପଟେ କାମଧନ୍ଦା ଛାଡ଼ି ଅଫିସ ଦଉଡ଼ିବାରେ ଲୋକଙ୍କ ପକେଟ୍ ଶୂନ୍ୟ ହେବାରେ ଲାଗିଛି। ସବୁଠାରୁ ଦୁଃଖଦାୟକ ବିଷୟ ହେଉଛି ବ୍ଲକ ଯୋଗାଣ କାର୍ଯ୍ୟାଳୟରେ ସେବା ପ୍ରଦାନର ବ୍ୟବସ୍ଥା। ନିର୍ଦ୍ଧାରିତ ଅଫିସ ସମୟରେ ମଧ୍ୟ ସମ୍ପୃକ୍ତ ଯୋଗାଣ ଅଧିକାରୀଙ୍କୁ ଦେଖିବାକୁ ମିଳୁନି ଶେଷରେ ଲୋକଙ୍କୁ ନିରାଶ ହୋଇ ଘରକୁ ଫେରୁଛନ୍ତି।ନୂଆ ରାସନ କାର୍ଡ କରାଇଦେବା କିମ୍ବା କାର୍ଡରେ ନାମ ସଂଶୋଧନ କରିଦେବା ବାହାନାରେ ସରଳ, ନିରୀହ ଗରିବ ଲୋକଙ୍କଠାରୁ ଦଲାଲମାନେ ମୋଟା ଅଙ୍କର ଅର୍ଥ ଦାବି କରୁଥିବା ସଂଘାତିକ ଅଭିଯୋଗ ହେଉଛି। ଅଭିଯୋଗ ହେଉଛି ଯେ ବ୍ଲକ ଯୋଗାଣ ବିଭାଗର କିଛି ଅସାଧୁ କର୍ମଚାରୀଙ୍କ ସହ ଏହି ଦଲାଲମାନଙ୍କର ସିଧାସଳଖ ମଧୁଚନ୍ଦ୍ରିକା ରହିଛି। ଯେଉଁମାନେ ପଇସା ଦେଉଛନ୍ତି, ସେମାନଙ୍କ କାମ ପଛପଟ ଦେଇ ତୁରନ୍ତ ହୋଇଯାଉଛି। କିନ୍ତୁ ଯେଉଁ ଗରିବ ଲୋକେ ଲାଞ୍ଚ ଦେଇପାରୁନାହାନ୍ତି, ସେମାନଙ୍କ ଫାଇଲ୍ ମାସ ମାସ ଧରି ଧୂଳି ଖାଉଛି।

## ବୁଦା ମୂଳରୁ ନବଜାତ ଶିଶୁପୁତ୍ର ଉଦ୍ଧାର

ପାଟଣା, (ମହାଭାରତ) : ପୁଣି ଅଲୋଡ଼ା ନବଜାତ ଶିଶୁ ପୁତ୍ର ବୁଦା ନିକଟରୁ ଉଦ୍ଧାର ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଉଦୟପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାରୁ ପ୍ରକାଶ ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟ ରାସ୍ତା କଡ଼ ଏକ ପୁରୁ ବୁଦା ମୂଳରୁ ଏକ ନବଜାତ ଶିଶୁ ପୁତ୍ର ଉଦ୍ଧାର ହୋଇଛି । ସକାଳୁ ଜଣେ ସେହି ଗ୍ରାମର ମହିଳା ଶୌଚ କରିବାକୁ ପାଇଁ ଯାଉଥିବା ସମୟରେ ପୁରୁ ବୁଦା ମୂଳରୁ ନବଜାତ ଶିଶୁର କାନ୍ଦିବା ଶବ୍ଦ ଶୁଭି ଥିଲା । ମହିଳା ଜଣକ ସ୍ଥାନୀୟ ଲୋକଙ୍କୁ ଖବର ଦେବା ପରେ ଗ୍ରାମର ଆଶାକର୍ମୀ ଓ ଗ୍ରାମବାସି ପହଞ୍ଚି ଦେଖିବା ପରେ ତୁରୁମୁଙ୍ଗା ପୋଲିସ,ସାହାରପଡା ସିଡିପିଓ ଓ ଉଦୟପୁର ସ୍ୱାସ୍ଥ୍ୟ କେନ୍ଦ୍ର ଟିମ୍‌ଙ୍କୁ ଜଣାଇ ଥିଲେ ।ଖବର ପାଇ ସଙ୍ଗେ ସଙ୍ଗେ ଘଟଣା ସ୍ଥଳ ରେ ଆମ୍ବୁଲାନ୍ସ ପହଞ୍ଚି ଗୁରୁତର ନବଜାତ ଶିଶୁ ଉଦ୍ଧାର କରି ଉଦୟପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବା ସହ ଚିକିତ୍ସା ଚାଲି ଥିବା ବେଳେ ନବଜାତ ଶିଶୁପୁତ୍ର ଟି ସୁସ୍ଥ ଥିବା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି।

## ଗଣିଆ-ଦଶପଲ୍ଲା ମୁଖ୍ୟ ରାସ୍ତାରେ ଭାସୁଛି ମଳ: ନାକେଦମ ପଥଚାରୀ

ଗଣିଆ, (ମହାଭାରତ): ଗଣିଆ-ଦଶପଲ୍ଲା ମୁଖ୍ୟ ରାସ୍ତାରେ ସବୁବେଳେ ମଇଳା ଟାଙ୍କି ରୁ ପାଣି ରାସ୍ତାରେ ଜମୁଥିବା ଯୋଗୁଁ ସ୍ଥାନୀୟ ଜନସାଧାରଣ ଯାତାୟତ ରେ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଦୀର୍ଘ ଦିନ ହେବ ଏହି ମୁଖ୍ୟ ରାସ୍ତାକୁ ଲାଗି ମଇଳକ୍ଷ ଟାଙ୍କି ପାଣି ଏବଂ ପାଇଖାନା ଟାଙ୍କିର ଦୂଷିତ ମଇଳା ପାଣି ଉଛୁଳି ରାସ୍ତା ଉପରେ ବୋହି ଚାଲିଛି । ରାସ୍ତା ପାର୍ଶ୍ୱରେ ଥିବା ଏକ ପାଇଖାନା ଟାଙ୍କିରୁ ଏହି ଦୁର୍ଗନ୍ଧଯୁକ୍ତ ପାଣି କ୍ରମାଗତ ଭାବେ ନିଷ୍କାସିତ ହୋଇ ରାସ୍ତା ସାରା ବ୍ୟାପିଯାଉଛି, ଯାହାଫଳରେ ସମଗ୍ର ଅଞ୍ଚଳରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏହି ମୁଖ୍ୟ ରାସ୍ତା ଦେଇ ପ୍ରତିଦିନ ଶତାଧିକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଯାତାୟତ କରୁଛନ୍ତି। ରାସ୍ତାରେ ମଇଳା ପାଣି ଜମି ରହିବା ଯୋଗୁଁ ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି କୋମଳମତି ଶିଶୁ ଓ ଛାତ୍ରଛାତ୍ରୀମାନେ ଏହି ଦୂଷିତ ପରିବେଶ ମଧ୍ୟ ଦେଇ ଯିବାକୁ ବାଧ୍ୟ ହେଉଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଏହାଦ୍ୱାରା ଅଞ୍ଚଳରେ ମହାମାରୀ ବ୍ୟାପିବାର ଆଶଙ୍କା ମଧ୍ୟ ଦେଖାଦେଇଛି।ସମସ୍ୟା ର ସ୍ଥାୟୀ ପ୍ରତିକାର ପାଇଁ ସମାଧାନ କରାଯାଉ ନାହିଁ।ସ୍ଥାନୀୟ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ନିମନ୍ତେ ସାଧାରଣ ରେ ଦାବି ହୋଇଛି।

## ଝିଅକୁ ହତ୍ୟା କରି ମା'ର ଆତ୍ମହତ୍ୟା ସନ୍ଦେହ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅଧୀନ ତରାମରା ପଞ୍ଚାୟତର ମୁକ୍ତାଝରୀ ଗ୍ରାମରେ ଏକ ହୃଦୟବିଦାରକ ଘଟଣା ସମ୍ମୁଖକୁ ଆସିଛି। ଗ୍ରାମର ଚୈତନ ଟୁଡୁ (୩୮)ଙ୍କ ସ୍ତ୍ରୀ ସୀତାମଣି ଟୁଡୁ (୩୬) ଓ ତାଙ୍କ ୮ ବର୍ଷୀୟା କନ୍ୟା ଜବାମଣି ଟୁଡୁଙ୍କୁ ଘର ଭିତରେ ରକ୍ତାକ୍ତ ଅବସ୍ଥାରେ ମୃତ ପଡ଼ିଥିବା ଦେଖାଯାଇଛି। ପ୍ରାଥମିକ ତଦନ୍ତରୁ ଝିଅଙ୍କ ଗଳା କଟାଯାଇଥିବା ଏବଂ ପରେ ମା' ନିଜକୁ ଛୁରୀ ମାରିଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ଶନିବାର ପ୍ରାୟ ୧୦ଟା ସମୟରେ ଚୈତନ ଟୁଡୁ ପାଖପାଖି ଗ୍ରାମକୁ କାମ ସମ୍ପର୍କରେ ଯାଇଥିଲେ। ସେ କୁଦାଳୀ ପଜେଇବା ପାଇଁ ଘରୁ ବାହାରିଥିବା ବେଳେ ଘରେ ସ୍ତ୍ରୀ ଓ ଝିଅ ଥିଲେ। କାମ ସରି ଘରକୁ ସେ ଅପରାହ୍ନ ୨ ବେଳେ ଫେରିବା ପରେ ସେ ଘର ଭିତରେ ଦୁଇଜଣଙ୍କୁ ମୃତ ଅବସ୍ଥାରେ ପଡ଼ିଥିବା ଦେଖି ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ପରେ ଏହି ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବର ପାଇ ମହୁଲଡିହା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପୋଲିସ ପକ୍ଷରୁ ଘଟଣାର ସମସ୍ତ ଦିଗକୁ ଖଜ ତଲାସ କରାଯାଉଛି। ଏହା ପ୍ରକୃତରେ ମା'-ଝିଅଙ୍କ ମଧ୍ୟରେ ଘଟିଥିବା ଘଟଣା କିମ୍ବା ଏଥିରେ ଅନ୍ୟ କାହାର ସମ୍ପୃକ୍ତି ରହିଛି, ସେନେଇ ସନ୍ଦେହ ଜାଗ୍ରତ ହୋଇଛି। ଆସନ୍ତା କାଲି ବାରିପଦା ରୁ ସାଇଣ୍ଟିଫିକ୍ ଟିମ ପହଞ୍ଚି ଅଧିକ ତଦନ୍ତ ହେବ । ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ମଧ୍ୟ ଘଟଣାକୁ ନେଇ ବିଭିନ୍ନ ଚର୍ଚ୍ଚା ଚାଲିଛି। କେହି କହୁଛନ୍ତି ଯେ ସୀତାମଣି ପ୍ରଥମେ ଝିଅଙ୍କୁ ହତ୍ୟା କରି ପରେ ନିଜେ ଜୀବନ ନେଇଥିବେ, ତେବେ ଅନ୍ୟପଟେ କେହି ଚୈତନଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଉଛନ୍ତି। ତେବେ ଘଟଣାର ପ୍ରକୃତ ସତ୍ୟ ପୋଲିସର ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଏହି ଦୁଃଖଦ ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ସୃଷ୍ଟି କରିଛି।

## ବିଶ୍ରାମ ଗୃହରେ ମିଠା ଦୋକାନ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ପାରୁଆ ପଞ୍ଚାୟତର ପାରୁଆ ଗ୍ରାମ ହାଟପଦାକୁ ଲାଗି ଥିବା ରାସ୍ତା ପାର୍ଶ୍ୱରେ ସରକାରୀ ଅର୍ଥରେ ନିର୍ମିତ ଏକ ବିଶ୍ରାମ ଗୃହ ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ଯେଉଁ ବିଶ୍ରାମ ଗୃହଟି ପଥଚାରୀ, ବୃଦ୍ଧବୃଦ୍ଧା, ଯାତ୍ରୀ ଏବଂ ସାଧାରଣ ଲୋକଙ୍କ ବିଶ୍ରାମ ପାଇଁ ନିର୍ମାଣ କରାଯାଇଥିଲା, ସେଠାରେ ଶୁକ୍ରବାର ଦିନ ବଜାର ହେଉଥିବା ବେଳେ ବର୍ତ୍ତମାନ ଏକ ମିଠା ଦୋକାନ ଚାଲୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ପ୍ରଶ୍ନ ଉଠିଛି।ସାଧାରଣ ଲୋକଙ୍କ ମତରେ, ବିଶ୍ରାମ ଗୃହ ହେଉଛି ଏକ ସାର୍ବଜନୀନ ସମ୍ପତ୍ତି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କୁ କିଛି ସମୟ ପାଇଁ ବିଶ୍ରାମ ଦେବା। କିନ୍ତୁ ଯଦି ସେହି ସ୍ଥାନକୁ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଏ, ତେବେ ସାଧାରଣ ଲୋକ ତାଙ୍କର ମୌଳିକ ସୁବିଧାରୁ ବଞ୍ଚିତ ହେବା ସ୍ୱାଭାବିକ।

## ନୂତନ ଅପରାଧିକ ଆଇନକୁ ନେଇ ଦୁଇଦିନିଆ ତାଲିମ ଶିବିର ଉଦଘାଟିତ

ଗଜପତି, (ମହାଭାରତ) : ବ୍ରିଟିଶ ଅମଳର ପୁରୁଣା ଅପରାଧିକ ଆଇନ ୨୦୨୪ ମସିହାରେ ହଟାଯାଇ ଜନସାଧାରଣଙ୍କ ମଧ୍ୟରେ ଜାତୀୟତାର ହୃଦବୋଧ ତଥା ପୀଡ଼ିତଙ୍କୁ ତ୍ୱରିତ ନ୍ୟାୟ ଦେବା ଲକ୍ଷ୍ୟରେ ନୂତନ ଅପରାଧିକ ଆଇନ ଯଥା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିଲା। ଏହି ନୂତନ ଆଇନକୁ ନେଇ ସମସ୍ତଙ୍କ ମଧ୍ୟରେ ଏକ ଉତ୍ସାହ ଦେଖାଯାଇଥିବା ବେଳେ ଆଇନର ସଠିକ ତର୍ଜମା ମଧ୍ୟ ନିହାତି ଆବଶ୍ୟକ ଯାହାଫଳରେ ଏହା ଲୋକାଭିମୁଖୀ ହୋଇପାରିବ, ସେହି କଥାକୁ ହୃଦୟଙ୍ଗମ କରି ଓଡିଶା ସରକାରଙ୍କ ଆଇନ ବିଭାଗ ତଥା ଗୃହ ବିଭାଗ ଅଧିନ ସାଧାରଣ ଅଭିଯୋଜନ ନିର୍ଦ୍ଦେଶାଳୟ ସହଯୋଗରେ ଆଜି ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗଜପତି ଜିଲ୍ଲା ନ୍ୟାୟାଳୟର ମାନ୍ୟବର ଜିଲ୍ଲା ଦୌରା ଜଜ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଜପତି ଜିଲ୍ଲାର ନନ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟରଙ୍କ ପାଇଁ ଏକ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଭାରତୀୟ ନ୍ୟାୟ ସଂହିତାରେ ଆସିଥିବା ବିଭିନ୍ନ ନୂତନ ଆଇନ, ସଂଶୋଧନ ଓ ଏହାର ପ୍ରଭାବ ତଥା ପୁରୁଣା ଓ ନୂଆ ଅପରାଧିକ ଆଇନ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ, ଫରେନସିକ ପ୍ରମାଣକୁ ନେଇ କିପରି ଅଦାଲତ ସମ୍ମୁଖରେ ପ୍ରସ୍ତୁତ କରାଯିବ ସେ ନେଇ ଆଜିର କର୍ମଶାଳାରେ ଆଲୋଚନା କରାଯାଇଥିଲା। ଏହି କ୍ରମରେ ଆଜି




ସର୍ବପ୍ରଥମେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଗୌରହରି କରସୁଧା ପଟ୍ଟନାୟକଙ୍କ ସଂଯୋଜନାରେ ସ୍ଥାନୀୟ ଅରବିନ୍ଦ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାୟନ କରାଯାଇଥିଲା। ପରେ ମାନ୍ୟବର ଜିଲ୍ଲା ଜଜ ଶ୍ରୀ ମହାନ୍ତି ଗରିବ ଲୋକ କିପରି ତ୍ୱରିତ ନ୍ୟାୟ ପାଇପାରିବ ସେ ନେଇ ସମସ୍ତ ପ୍ରସିକ୍ୟୁଟରଙ୍କୁ ସେଥି ନିମନ୍ତେ ବିଶେଷ ଧ୍ୟାନ ଦେବାକୁ କହିଥିଲେ। ପରେ ଅନ୍ୟତମ ଅତିଥି ତଥା ଏସ.ପି. ପ୍ରହଲ୍ଲାଦ ସହାଇ ମୀନା ସମସ୍ତ ପ୍ରସିକ୍ୟୁଟରଙ୍କୁ ସେମାନଙ୍କର କାର୍ଯ୍ୟଦକ୍ଷତା ପାଇଁ ପ୍ରଶଂସା କରିବା ସହ ପୂର୍ବାପେକ୍ଷା ଆହୁରି ପ୍ରତିବଦ୍ଧ ହୋଇ କାମ କରି ଲୋକଙ୍କ ନିକଟବର୍ତ୍ତୀ ହେବା ନିମନ୍ତେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଜିର ଏହି କାର୍ଯ୍ୟକ୍ରମରେ ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ଫାଲ୍ଗୁନି ମାଝି, ଜିଲ୍ଲା ଅଭିଯୋଜନ ଉପନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ପୂର୍ବତନ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେନ୍ଦ୍ର ପ୍ରସାଦ ସାହୁ, ଅଭିଯୋଜନ ବିଭାଗର ସହାୟକ ନିର୍ଦ୍ଦେଶକ ଡ଼ି. ଅନୁପରାଜ ଆଚାରି, ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକ ପ୍ରମୁଖ ଯୋଗଦେଇଥିଲେ ଓ ନିଜ ନିଜର ଅଭିଜ୍ଞତା ବିଷୟରେ ଉପସ୍ଥିତ ପ୍ରସିକ୍ୟୁଟରମାନଙ୍କୁ ଜଣାଇଥିଲେ। ଏହି କ୍ରମରେ ଅଭିଯୋଜନ ବିଭାଗର ଅନୁରୋଧ କ୍ରମେ ବରିଷ୍ଠ ଅଧିବକ୍ତା ହୀରା ଚାନ୍ଦ ତଥା ପାରଳାଖେମୁଣ୍ଡି ଡାକ୍ତରଖାନାର ଡ଼ଃ ଶାନ୍ତନୁ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମରେ ବୈଷୟିକ ଜ୍ଞାନ ଭିତ୍ତିକ ନୂତନ ଆଇନ ଓ ମେଡ଼ିକାଲ ପ୍ରମାଣ ଉପରେ ନିଜର ଅଭିଜ୍ଞତା ସମସ୍ତଙ୍କୁ ଅବଗତ କରାଇଥିଲେ। ସର୍ବଶେଷରେ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଏହି କାର୍ଯ୍ୟକ୍ରମର ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ନନ କ୍ୟାଡର ପ୍ରସିକ୍ୟୁଟରମାନେ ଯୋଗଦେଇଥିଲେ।

## ଇଫକୋ ପକ୍ଷରୁ ଦିନିକିଆ କୃଷକ ତାଲିମ ଶିବିର



ପାରାଦୀପ, (ମହାଭାରତ) : ପାରାଦୀପଠାରେ ଥିବା ବିଶ୍ୱସ୍ତରୀୟ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ସାର ଉତ୍ପାଦନ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଇଫକୋ କୃଷି ଓ କୃଷକମାନଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇଛି। ଇଫକୋ ପରିସରରେ ଥିବା ସ୍ୱର୍ଣ୍ଣ ଜୟନ୍ତୀ ସଭାଗୃହ ପରିସରରେ ଇଫକୋ କୋରଡେଟ୍ ସହାୟତାରେ ଦିନିକିଆ କୃଷକ ତାଲିମ ଶିବିର ଆୟୋଜିତ ହୋଇଯାଇଛି। କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା, ମାର୍ଶାଘାଇ ବ୍ଲକ୍‌ର ୭୫ରୁ ଊର୍ଦ୍ଧ୍ୱ କୃଷକ ଏହି ଦିନିକିଆ ତାଲିମ ଶିବିରରେ ଯୋଗ ଦେଇଥିଲେ । କୋରଡେଟ୍ ଅଧ୍ୟକ୍ଷ କୁଳମଣି ମାଝୀ, କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ୍ କୃଷି ବିଶେଷଜ୍ଞ ଅରବିନ୍ଦ କୁମାର ସାହୁ, ଇଫକୋ ପ୍ରଶାସନିକ ଅଧିକାରୀ ଅରକ୍ଷିତ ସାହୁ, ଭୁତୁମୁଣ୍ଡାଇ ଗ୍ରମ ପଂଚାୟତ କୃଷିମିତ୍ର, ଇଫକୋ ବାୟୋ ଫର୍ଟିଲାଇଜର ଅଧିକାରୀ ଅଭିରୋ ଦେ ପ୍ରମୁଖ ଯୋଗ ଦେଇ କୃଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ । କୃଷି କ୍ଷେତ୍ର ଓ କୃଷକମାନଙ୍କ ନିମନ୍ତେ ଇଫକୋର ନାନୋ ଫର୍ଟିଲାଇଜର ଉପଯୋଗୀତା ସମ୍ପର୍କରେ ସବିଶେଷ ତାଲିମ ଦେଇଥିଲେ । ନାନୋ ଫର୍ଟିଲାଇଜର ବ୍ୟବହାର କରିବା ଦ୍ୱାରା ଜମିରେ ଅନ୍ୟ ସାର ପରି ଅଧିକ ଖର୍ଚ୍ଚ ହୋଇନଥାଏ । ନାନୋ ଅତି ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ ଦେବା ସହିତ ପରିବେଶ ପ୍ରଦୂଷଣ କରିନଥାଏ । ଅଭିଜ୍ଞତା ସମ୍ପନ୍ନ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ନାନୋ ଫର୍ଟିଲାଇଜର ଆଜି ଦେଶର କୃଷକମାନଙ୍କ ବିଶ୍ୱାସଭାଜନ ହୋଇପାରିଛି ବୋଲି ଅତିଥି, ବିଶେଷଜ୍ଞ ମତ ଦେଇଥିଲେ । ଶେଷରେ କୃଷକମାନଙ୍କୁ ବାୟୋ ଫର୍ଟିଲାଇଜର କନସୋରିଟ ପ୍ରଦାନ କରାଯାଇଥିଲା ।

## ରେଳ ଡିଭିଜନର ଡିଭିଜନାଲ୍ ରେଳ ପ୍ରବନ୍ଧକଙ୍କ ପାରଳାଖେମୁଣ୍ଡି ରେଳ ଷ୍ଟେସନ ଗସ୍ତ

ପାରଳାଖେମୁଣ୍ଡି, (ମହାଭାରତ) : ରାୟଗଡ ରେଳ ଡିଭିଜନର ଡିଭିଜନାଲ୍ ରେଳ ପ୍ରବନ୍ଧକ ଅମିତାଭ ସିଂଘଲ ଆଜି ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ରେଳ ଷ୍ଟେସନ ଗସ୍ତ କରିଥିଲେ। ଗସ୍ତ ସମୟରେ ସେ ଷ୍ଟେସନ ପରିସର ବୁଲି ଦେଖିବା ସହ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଡିଆରଏଙ୍କ ସୂଚନା ଅନୁଯାୟୀ, ଷ୍ଟେସନରେ ଚାଲିଥିବା ଅଧିକାଂଶ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ଫଳରେ, ଅତିଶୀଘ୍ର ପାରଳାଖେମୁଣ୍ଡି ରେଳ ଷ୍ଟେସନର ନବୀକରଣ କାର୍ଯ୍ୟର ଉଦ୍ଘାଟନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହାସହ ଗୁଣୁପୁରକୁ ସଂଯୋଗ କରୁଥିବା ଟ୍ରେନଗୁଡ଼ିକ ପ୍ରତିଦିନ ବିଳମ୍ବରେ ଚଳାଚଳ କରୁଥିବା ସମସ୍ୟା ସମ୍ପର୍କରେ ମଧ୍ୟ ସେ ଅବଗତ ଥିବା କହିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରେଳ ବିଭାଗ ପଦକ୍ଷେପ ନେଉଛି ଏବଂ ଖୁବ୍ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ଉକ୍ତ ଆଶ୍ୱାସନ ଦେଇଛନ୍ତି। ପାରଳାଖେମୁଣ୍ଡି ରେଳ ଷ୍ଟେସନର ଆଧୁନିକୀକରଣ ଓ ଟ୍ରେନ ଚଳାଚଳରେ ସୁଧାର ଆସିଲେ, ଗଜପତି ଜିଲ୍ଲାର ଯାତ୍ରୀମାନେ ଅଧିକ ସୁବିଧା ପାଇବେ ବୋଲି ଆଶା କରାଯାଉଛି।

## ଉଦ୍ୟମୀ ଓଡ଼ିଶା ଏମ୍ ଏସ୍ ଏମ୍ ଇ କାର୍ଯ୍ୟକ୍ରମ ଅନୁଷ୍ଠିତ

ଗଜପତି, (ମହାଭାରତ) : ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଆମ୍ ନିର୍ଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଗଜପତି ପକ୍ଷରୁ ଉଦ୍ୟମୀ ଓଡିଶା ଏମ୍ ଏସ ଏମ୍ ଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଦୁଷ୍ମନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା କୃଷି ଅଧିକାରୀ ରବୀନ୍ଦ୍ର କୁମାର ଆଡେକ, ସି ସି ଡି ର ନିର୍ଦ୍ଦେଶକ ଏ ଜଗନ୍ନାଥ ରାଜୁ, ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ବିଭୂ ରଞ୍ଜନ ସ୍ୱାଇଁ, ବି ସି ସି ବ୍ୟାଙ୍କ ଅଧିକାରୀ, ଡି ପି ଏମ୍ ଟିମନ ବୋରା ପ୍ରମୁଖ ମଞ୍ଚାସିନ ଥିଲେ ।ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭ ଆରମ୍ଭ ହୋଇଥିଲା ।ଅତିଥି ମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଆନନ୍ଦ କୁମାର ନେପାକ ଅତିଥି ପରିଚୟ ପ୍ରଦାନ କରି ଥିବା ବେଳେ ଜିଲ୍ଲା ଶିଳ୍ପ ପରିଚାଳକ ବିଭୁ ରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଆସିଥିବା ଉଦ୍ୟୋଗି ମାନଙ୍କୁ ଉତ୍ସାହିତ କରିଥିଲେ ।ଜିଲ୍ଲାରେ କିପରି ବିକାଶ ହେବ,ଜିଲ୍ଲା ରେ କିପରି ନୂତନ ଉଦ୍ୟୋଗ ପତି ସୃଷ୍ଟି ହେବ ଜିଲ୍ଲାର ଉତ୍ପାଦିତ ଦ୍ରବ୍ୟ ଗୁଡିକ କିପରି ବିକ୍ରି ହୋଇ ପାରିବ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଅତିଥି ଷ୍ଟଲ ଉଦଘାଟନ କରି ଥିଲେ ।ବିଭିନ୍ନ ହସ୍ତ ତିଆରି ଦ୍ରବ୍ୟ ବିକ୍ରି କରାଯାଇଥିଲା ।ଶେଷରେ ଜିଲ୍ଲା ଶିଳ୍ପ ପରିଚାଳକ ବିଭୁ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।ବିଭାଗ ର କର୍ମଚାରୀ ମାନେ ପରିଚାଳନା ରେ ସହଯୋଗ କରିଥିଲେ।

## ଆର୍ନ୍ତଜାତୀୟ ଏମଏସଏମଇ ଦିବସ ପାଳିତ



ପାରାଦୀପ, (ମହାଭାରତ) : ଶନିବାର ଦିନ ପୂର୍ବାହ୍ନରେ ଇଫକୋ ପରିସରରେ ଆର୍ନ୍ତଜାତୀୟ ଏମଏସଏମଇ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସମାବେଶକୁ ଉଦଘାଟନ କରିଥିଲେ ଓଡିଶାର ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ । ପାରାଦୀପରେ ବହୁ ବଡବଡ ଶିଳ୍ପସଂସ୍ଥା ଗଢି ଉଠିଲାଣି । ଏହା ଉପରେ ଆଧାର କରି ଆନୁସାଙ୍ଗିକ ଶିଳ୍ପସଂସ୍ଥାମାନ ଗଢି ଉଠିଛି । ହେଲେ ସେହି ଅନୁପାତରେ ଏମଏସଏମଇର ବିକାଶ ହୋଇ ପାରିନାହିଁ । ଏଠାରେ ମହିଳା ଉଦେ୍ୟାଗୀମାନେ ସୃଷ୍ଟି ହେଲେ ୨୦୩୬ ମସିହା ବେଳକୁ ସଶକ୍ତ ଓଡିଶା ସହିତ ସଶକ୍ତ ଭାରତ ସ୍ୱପ୍ନ ସାକାର ହୋଇପାରିବ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ବିଭାଗୀୟ ପଦାଧିକାରୀମାନେ ଜଗତସିଂହପୁର ଜିଲ୍ଲାରେ ଏମଏସଏମଇର ବିକାଶ କରିବା ସହିତ ମହିଳା ଉଦ୍ୟୋଗୀ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ । ଏହି ସମାବେଶରେ ସମ୍ମାନୀତ ଅତିଥି ଭାବେ ଇଫକୋ ନିର୍ବାହୀ ନିର୍ଦ୍ଦେଶକ ପି.କେ.ମହାପାତ୍ର, ଏନଏସଆଇସି ଆଂଚଳିକ ପ୍ରବନ୍ଧକ ମନୋଜ ମୋହନ ସିହ୍ନା, ଡିଜିଏମ୍ କମଳ ଲୋଚନ ନାୟକ, ଡିଆଇସି ଜିଲ୍ଲା ପ୍ରବନ୍ଧକ ମନୋରଂଜନ ବିଶୋଇ, ଚିଫ ମ୍ୟାନେଜର ଏସ.କେ.ଶାହ, ଏମଏସଏମଇ ଡିଏଫଓ ଅଭିମନ୍ୟୁ ମୋଦି, ମୁମ୍ବାଇ ବିଶ୍ୱ ବାଣିଜ୍ୟ କେନ୍ଦ୍ର ମୁଖ୍ୟ ବର୍ଷା ରାନା ଯୋଗ ଦେଇଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ମହିଳା ଆତ୍ମନିର୍ଭର ଅଭିଯାନ ଅଧକ୍ଷା ଡା. ରୀନା ରାଉତରାୟ । ଧନ୍ୟବାଦ ଅର୍ପଣ କରିଥିଲେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଭୁବନେଶ୍ୱର ଆଂଚଳିକ ନିର୍ଦ୍ଦେଶକ ଏ. ରାଜ୍ୟଲକ୍ଷ୍ମୀ । ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରୁ ମହିଳା, ଉଦ୍ୟୋଗୀମାନେ ବହୁ ସଂଖ୍ୟାରେ ଏହି ସମାବେଶରେ ଯୋଗ ଦେଇଥିଲେ ।

## ୧୧ ହଜାର ଭୋଲ୍ଟ ବିଦ୍ୟୁତ ତାର ଛିଣ୍ଡି ମାଟିରେ ପଡ଼ିଲା, ଅଳ୍ପକେ ବର୍ତ୍ତିଲା ଗୋରୁ

ଏମ.ଭି.-୭୯, (ମହାଭାରତ) : ଏମ.ଭି.-୭୯ ଗ୍ରାମର ଗୋବିନ୍ଦ ମନ୍ଦିର ନିକଟରେ ୧୧ ହଜାର ଭୋଲ୍ଟର ବିଦ୍ୟୁତ ତାର ଛିଣ୍ଡି ମାଟିରେ ପଡ଼ିଯିବାରୁ ଏକ ବଡ଼ ଦୁର୍ଘଟଣା ଅଳ୍ପକେ ଟଳିଯାଇଛି। ସୂଚନା ଅନୁଯାୟୀ, ଏମ.ଭି.-୭୯ ଦେଇ ଏମ.ଭି.-୮୦ ଗ୍ରାମକୁ ଯାଇଥିବା ୧୧ କେଭି ବିଦ୍ୟୁତ ଲାଇନ୍ ଆଜି ସକାଳେ ବର୍ଷା ସମୟରେ କୌଣସି କାରଣବଶତଃ ଛିଣ୍ଡି ପଡ଼ିଥିଲା। ସେହି ସମୟରେ ଏକ ଗୋରୁ ଅଳ୍ପକେ ବିପଦରୁ ବର୍ତ୍ତିଯାଇଥିବା ସୂଚନା ମିଳିଛି। ଘଟଣା ପରେ ଅଞ୍ଚଳବାସୀ ତୁରନ୍ତ ବିଦ୍ୟୁତ ବିଭାଗକୁ ତାରର ମରାମତି କରିବାକୁ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ୧୧ ହଜାର ଭୋଲ୍ଟର ବିଦ୍ୟୁତ ତାର ଲୋକଙ୍କ ଘର ଓ ଚାଷଜମି ଦେଇ ଯାଇଥିବାରୁ ସବୁବେଳେ ବିପଦ ଆଶଙ୍କା ଲାଗି ରହୁଛି। ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସେମାନେ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ବଢ଼ି ଚାଲିଛି ସାଇବର୍ ଠକଙ୍କ ମାୟାଜାଲ, ସାଇବର୍ ଠକଙ୍କୁ ରୋକିବାକୁ ଏସ୍‌ପିଙ୍କ ସ୍ୱତନ୍ତ୍ର ଯୋଜନା : 'ଅପରେସନ୍ ସାଇବର୍ କବଚ' ଜୋରଦାର, ସନ୍ଦେହ ଜନକ କାରବାର ଓ ଗ୍ରାହକଙ୍କୁ ସ୍କାନର୍‌ରେ ରଖିବାକୁ ନିର୍ଦ୍ଦେଶ

ନୟାଗଡ଼, (ମହାଭାରତ) : ସାଇବର୍ ଠକଙ୍କୁ ସାବାଡ଼ କରିବା ପାଇଁ ସ୍ୱତନ୍ତ୍ର ଯୋଜନା କରିଛନ୍ତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ପାତ୍ର। ସାଧାରଣ ଲୋକଙ୍କୁ ଚୂନ ଲଗାଇ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଥିବା ସାଇବର୍ ଠକଙ୍କୁ ସାବାଡ୍ କରିବା ପାଇଁ ଆରକ୍ଷୀ ଅଧୀକ୍ଷକ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ପ୍ରଥମ ଦଫାରେ ନୟାଗଡ଼ରେ ଥିବା ସମସ୍ତ ବ୍ୟାଙ୍କ୍ ମ୍ୟାନେଜର୍ ?ଙ୍କୁ ଡାକି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିବା ବେଳେ ସନ୍ଦେହ ଜନକ କାରବାର ଓ ଗ୍ରାହକଙ୍କ ଉପରେ ନଜର ରଖିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତଙ୍କୁ ସାଇବର ଥାନାର ଯୋଗାଯୋଗ ନମ୍ବର ଓ ଇ-ମେଲ୍ ଆଇଡି ମଧ୍ୟ ଯୋଗାଇ ଦିଆଯାଇଛି। କେବଳ ସେତିକି ନୁହେଁ ଆସନ୍ତା ସପ୍ତାହରେ ଜିଲ୍ଲାର ପ୍ରତ୍ୟେକ ଥାନାରେ ରୁଜୁ ହୋଇଥିବା ସାଇବର୍ ? ଠକେଇ ମାମଲା ଓ ବିଶେଷ କରି କୁଖ୍ୟାତ ଠକ ସୋନୁ ନିଗମ ସଂପର୍କରେ ଖୋଳତାଡ଼ ପାଇଁ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପାତ୍ର ଏକ




ବୈଠକ ଡାକିଥିବା ଜଣାପଡ଼ିଛି। ଜିଲ୍ଲାରେ ୭ହଜାରରୁ ଅଧିକ ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ ଠାବ ହେଲାଣି। ଏହି ଆକାଉଣ୍ଟ ଗୁଡିକୁ ବେଶ୍ ଗୁରୁତ୍ୱର ସହ ନେଇ ଜିଲ୍ଲା ପୁଲିସ ପଦକ୍ଷେପ ନେବା ଆରମ୍ଭ କରିଛି। ଜିଲ୍ଲାରେ ସାଇବର୍ ଥାନା ଖୋଲିବା ପରେ ଏବେ ଏହି ଠକଙ୍କୁ ଗିରଫ କରିବା ପାଇଁ ଯୋଜନା କରାଯାଇଛି। ଦୁଇଦିନ ତଳେ ଆରକ୍ଷୀ ଅଧୀକ୍ଷକ ବୈଠକରେ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ସହ ଏହି ମ୍ୟୁଲ୍ ଆକାଉଣ୍ଟ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଯେଉଁ ଗ୍ରାହକଙ୍କର ଆର୍ଥିକ କାରବାର ଅଧିକ ନାହିଁ, ସେମାନେ କେମିତି ବିଭିନ୍ନ ବ୍ୟବସାୟ କରୁଥିବା ଦର୍ଶାଇ ବ୍ୟାଙ୍କ୍ ?ରେ କରେଣ୍ଟ ଆକାଉଣ୍ଟ ଖୋଲୁଛନ୍ତି ବୋଲି ଆରକ୍ଷୀ ଅଧୀକ୍ଷକ ପ୍ରଶ୍ନ କରିଥିଲେ। ବ୍ୟାଙ୍କର ବ୍ୟବସାୟ ବଢ଼ାଇବା ପାଇଁ ଏମିତି ସନ୍ଦେହ ଜନକ ଆକାଉଣ୍ଟ ଖୋଲିବାରୁ ନିବୃତ୍ତ ରହିବା ପାଇଁ ସମସ୍ତଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଠିକ ମାନଙ୍କର ଏଜେଣ୍ଟ ସାଜି ଯେଉଁ ମାନେ ଏକାଧିକ ଲୋକଙ୍କ ବ୍ୟାଙ୍କ୍ ଆକାଉଣ୍ଟ୍ ଖୋଲୁଛନ୍ତି, ସେମାନଙ୍କ ଉପରେ ନଜର ରଖିବା ପାଇଁ ଆରକ୍ଷୀ ଅଧୀକ୍ଷକ ପରାମର୍ଶ ଦେଇଛନ୍ତି। ଜିଲ୍ଲାରେ 'ଅପରେସନ୍ ସାଇବର୍ କବଚ'କୁ ଜୋରଦାର କରାଯାଇଛି। ତିନି କୁଖ୍ୟାତ ଠକ ଶରଣକୁଳ ଥାନା ଚଡ଼େୟାପଲ୍ଲୀ ଗାଁର ସୋନୁ ନିଗମ ବିଶ୍ୱାଳ ଓ ଶଙ୍କର ଚୌଧୁରୀଙ୍କ ସମେତ ଓଡ଼ଗାଁ ଥାନା ରଙ୍ଗଣୀପାଟଣା ଗାଁର ରମେଶ ଡାକୁଆଙ୍କର ମାମଲାକୁ ନିଜେ ଆରକ୍ଷୀ ଅଧୀକ୍ଷକ ସ୍ୱତନ୍ତ୍ର ଭାବେ ତଦାରଖ କରିବେ ବୋଲି ଜଣାପଡ଼ିଛି। ଯେହେତୁ ସୋନୁର ଚେର ରାଜ୍ୟ ବାହାରେ ଅଛି, ସେଥିପାଇଁ ବର୍ତ୍ତମାନ ସାଇବର୍ ଥାନା ପୁଲିସକୁ ଜୋରଦାର କସରତ କରିବାକୁ ପଡୁଛି। ତଥାପି ପୁଲିସ ଏହି ଠକଙ୍କ ବୟାନ ଅନୁଯାୟୀ, ତଦନ୍ତ ଚଳାଇଛି। ବିଶେଷ କରି ଏହି ଠକଙ୍କ ଅଧୀନରେ କାମ କରୁଥିବା ଏଜେଣ୍ଟ ମାନଙ୍କୁ ପୁଲିସ ଏବେ ଖୋଜି ଖୋଜି ପଚରାଉଚରା କରୁଥିବା ଜଣାପଡ଼ିଛି। ମ୍ୟୁଲ୍ ଆକାଉଣ୍ଟ୍ ? ପୁଲିସ ସ୍କାନରକୁ ଆସିବା ପରେ ଏହାକୁ ତନ୍ନତନ୍ନ କରି ଯାଞ୍ଚ କରିବାରୁ ୧୫୨ଟି ଚେକ୍ ଉଠାଣ ଓ ୨୪୫୭ଟି ଏଟିଏମ୍ ଉଠାଣ ସନ୍ଦେହ ଘେରକୁ ଆସିଥିଲା। ଏହାକୁ ନେଇ ଜିଲ୍ଲାର ବିଭିନ୍ନ ଥାନାରେ ୧୪ଟି ଓ ସାଇବର ଥାନାରେ ୨ଟି ମାମଲା ରୁଜୁ କରାଯାଇଛି। ଏହାପରେ ଧୀରେ ଧୀରେ ଏହି ମ୍ୟୁଲ୍ ଆକାଉଣ୍ଟର ପରିମାଣ ବଢ଼ି ବଢ଼ି ଚାଲିଥିବା ଦେଖିବାକୁ ମିଳିଛି।

## ପରଜଙ୍ଗରେ 'ସ୍ୱାବଲମ୍ବୀ ଯୁବା ସମୃଦ୍ଧ ଓଡ଼ିଶା' ସମାବେଶ

ପରଜଙ୍ଗ,(ମହାଭାରତ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟ ପରିସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ 'ସ୍ୱାବଲମ୍ବୀ ଯୁବା ସମୃଦ୍ଧ ଓଡ଼ିଶା' ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ମୁଖ୍ୟ ଅତିଥି ଏବଂ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା ଓ ଉପାଧାକ୍ଷା ଯଶସ୍ୱାନି ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ, କୌଶଳଭିତ୍ତିକ ଶିକ୍ଷା ଓ ଆତ୍ମନିର୍ଭରଶୀଳ ହେବାର ଆବଶ୍ୟକତା ସମ୍ପର୍କରେ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ। ଯୁବପିଢ଼ି ନିଜ ଦକ୍ଷତାକୁ ବିକଶିତ କରି ସ୍ୱାବଲମ୍ବୀ ହେବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ।ଏହି ଅବସରରେ ଜିଲ୍ଲା ଏମଏସଏମଇ ପକ୍ଷରୁ ବିଶେଷକରି ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ଓ ସରକାରୀ ସେବା ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରଜଙ୍ଗ ବିଡ଼ିଓ ସୋଭାଗ୍ୟ ବେହେରାଙ୍କ ସମେତ ବହୁ ସଂଖ୍ୟକ ଛାତ୍ରଛାତ୍ରୀ,ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ବାଣିଗୋଚ୍ଛା ଥାନାରେ ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଦଶପଲ୍ଲା,(ମହାଭାରତ)ବାଣିଗୋଚ୍ଛା ଥାନାରେ ଏକ ବଡ଼ ଧରଣର ପ୍ରଶାସନିକ ଅଦଳବଦଳ ଦେଖିବାକୁ ମିଳିଛି। ଶୁକ୍ରବାର ଦିନ ନୂତନ ଥାନା ଅଧିକାରୀ ଭାବେ ଶିବ ପ୍ରସାଦ ଭଦ୍ର ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଏଠାରେ ପୂର୍ବରୁ କାର୍ଯ୍ୟରତ ଥିବା ଥାନା ଅଧିକାରୀ ଦିଲ୍ଲୀପ କୁମାର ଧଳଙ୍କୁ ପୁରୀ ଜିଲ୍ଲାକୁ ବଦଳି କରାଯାଇଛି। ସେହିପରି ନୂତନ ଦାୟିତ୍ୱ ନେଇଥିବା ଶ୍ରୀ ଭଦ୍ର ପୂର୍ବରୁ କଟକ ଜିଲ୍ଲାରେ ସଫଳତାର ସହ କାର୍ଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ବାଣିଗୋଚ୍ଛା ଅଞ୍ଚଳରେ ଆଇନ ଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ଦିଗରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ଧର୍ମେନ୍ଦ୍ରଙ୍କ ଜନ୍ମ ଦିନରେ ବିଜେପି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ହିନ୍ଦୋଳ(ମହାଭାରତ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଖଜୁରିଆକଟା ସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପରିସର ର ଶୁକ୍ରବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିନ ଅବସରରେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି, ହିନ୍ଦୋଳ ବିଧାୟିକା ତଥା ଢେଙ୍କାନାଳ ଜିଲ୍ଲା ଯୋଜନା କମିଟି ଅଧକ୍ଷା ସୀମାରାଣୀ ନାୟକ ଶିବିର ର ଶୁଭ ଉଦଘାଟନ କରିବା ସହ ଶିବିର ରେ ରହି ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ ଶିବିର ରେ ବାବନ୍ଧ ମଣ୍ଡଳ ସଭାପତି ପ୍ରବୋଧ ପ୍ରଧାନ ସର୍ବ ପ୍ରଥମେ ରକ୍ତ ଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଇଥିଲେ ।ଓଡାପଡା ବ୍ଲକ ନାଧେରା ଗ୍ରାମର ତପନ ସୁନି ପୃଷ୍ଟି ଆଗରୁ ରକ୍ତ ଦାନ କରି ଆସୁଥିବା ସମୟରେ ୫୨ ଥରପାଇଁ ରକ୍ତ ଦାନ କରି ଅନ୍ୟ ମାନଙ୍କୁ ଉତ୍ସାହିତ କରିଥିବା ଦେଖିବାକୁ ମିଳିଥିଲା ।ଉକ୍ତ ଶିବିର ରେ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି, ବହୁ ବିଜେପି କାର୍ଯ୍ୟକର୍ତ୍ତା ସମେତ ମୋଟ ୧୧୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଢେଙ୍କାନାଳ ବ୍ଲଡ଼ ବ୍ୟାଙ୍କ ଟେକନିସିଆନ ପରମାନନ୍ଦ ପଣ୍ଡା, ଅଭିମନ୍ୟୁ ସାହୁ, ସୋମ୍ୟ ରଞ୍ଜନ ମହାନ୍ତି, ପ୍ରୀତିରଞ୍ଜନ ସାହୁ, ଅଜୟ ସ୍ୱାଇଁ ଓ ତପନ ଜେନା ପ୍ରମୁଖ ଅଧିକାରୀ ରକ୍ତ ସଂଗ୍ରହ କରିଥିଲେ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

ନବରଙ୍ଗପୁର(ମହାଭାରତ): ଜିଲ୍ଲା ଆଇନ ସେବା ପ୍ରାଧିକରଣ,ନବରଙ୍ଗପୁର ତରଫରୁ ସରକାରୀ ନର୍ସିଂ କଲେଜ, ନବରଙ୍ଗପୁରର ଛାତ୍ରୀ ଏବଂ ପାରା ଲିଗାଲ ସ୍ୱେଚ୍ଛାସେବି ମହିଳାମାନଙ୍କୁ ନେଇ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧଚାଲାଣ ବିରୋଧୀ ଅନ୍ତର୍ଜାତୀୟ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସଂଗ୍ରାମ କେଶରୀ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ସାଇ ଅଭୀପ୍ସା ଗୋଛାୟତ ଯୋଗଦେଇ ଛାତ୍ରୀ ମାନଙ୍କୁ ନିଶାଦ୍ରବ୍ୟ ସେବନ ଠାରୁ କିପରି ଦୂରେଇ ରହିବେ ସେ ବିଷୟରେ ଆଲୋକପାତ କରିଥିଲେ।

## ପାରଳା ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ୨୦ କୋଟି ଅନୁଦାନ ଘୋଷଣା



ଗଜପତି,(ମହାଭାରତ): ଉପାନ୍ତ ଶ୍ରୀକ୍ଷେତ୍ର ପାରଳାଖେମୁଣ୍ଡି ଠାରେ ନିର୍ମାଣଧୀନ ଶ୍ରୀଜଗନ୍ନାଥ ମନ୍ଦିରର ନିର୍ମାଣ ପାଇଁ ୨୦ କୋଟି ଟଙ୍କାର ଆର୍ଥିକ ଅନୁଦାନକୁ ଓଡିଶା ସରକାରଙ୍କ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଘୋଷଣା କରିଛନ୍ତି, ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଠା ରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ବିକଶିତ ଭାରତସାରା ଓଡ଼ିଶା କାର୍ଯ୍ୟକ୍ରମରେ ମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିପାଇଁ ଗଜପତି ଜିଲ୍ଲାବାସୀ ବେଶ ଆନନ୍ଦିତ। ମନ୍ତ୍ରୀଙ୍କ ଏହି ଘୋଷଣା ଯୋଗୁଁ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଏହି ଅନୁଦାନ ଘୋଷଣା ବେଶ ସହାୟକ ହେବ ବୋଲି ଜିଲ୍ଲାବାସୀ ଓ ଜଗନ୍ନାଥ ମନ୍ଦିର କମିଟି ଆଶା ପ୍ରକଟ କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ଙ୍କୁ ସାଧୁବାଦ ଜଣାଇଛନ୍ତି।

# କୁଆଁରୀଆ ବିସ୍ଥାପିତଙ୍କୁ ମିଳୁନି ନ୍ୟାୟ : ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର




ଦଶପଲ୍ଲା,(ମହାଭାରତ): କୁଆଁରୀଆ ଜଳସେଚନ ପ୍ରକଳ୍ପ ପାଇଁ ନିଜର ଭିଟାମାଟି ଓ ଜମି ହରାଇଥିବା ବିସ୍ଥାପିତ ପରିବାରଙ୍କ ସମସ୍ୟା ଦିନକୁ ଦିନ ଉଗ୍ର ରୂପ ନେବାରେ ଲାଗିଛି। ପ୍ରକଳ୍ପ ନିର୍ମାଣ ସମୟରେ ପ୍ରଶାସନ ପକ୍ଷରୁ ସମସ୍ତ ବିସ୍ଥାପିତଙ୍କୁ ଉପଯୁକ୍ତ କ୍ଷତିପୂରଣ ଏବଂ ଥଇଥାନ ପାଇଁ ଜମି ଯୋଗାଇ ଦେବାକୁ ବଡ଼ ବଡ଼ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ବର୍ଷ ବର୍ଷ ବିତିଯାଇଥିଲେ ହେଁ ଏବେ ସୁଦ୍ଧା ଅନେକ ପରିବାରଙ୍କୁ ଜମି ମିଳିପାରି ନାହିଁ। ପ୍ରଶାସନର ସମସ୍ତ ପ୍ରତିଶ୍ରୁତି କେବଳ 'ପାଣିର ଗାର' ସଦୃଶ ପ୍ରମାଣିତ ହୋଇଛି, ଯାହାକୁ ନେଇ ବିସ୍ଥାପିତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ସୂଚନାଯୋଗ୍ୟ ଯେ, ଅଞ୍ଚଳର ବିକାଶ ପାଇଁ ନିଜର ସର୍ବସ୍ୱ ତ୍ୟାଗ କରିଥିବା ଏହି କୁଆଁରୀଆ ବିସ୍ଥାପିତମାନେ ଆଜି ନିଜ ହକରୁ ବଞ୍ଚିତ। ବାରମ୍ବାର ଦାବିପତ୍ର ପ୍ରଦାନ ଏବଂ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରସ୍ଥ ହେବା ସ☐ କେବଳ ମିଥ୍ୟା ଆଶ୍ୱାସନା ହିଁ ମିଳୁଛି। ଫଳରେ ଏହି ପରିବାରଗୁଡ଼ିକ ଆର୍ଥିକ ଓ ସାମାଜିକ ସ୍ତରରେ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଜମିବାଡ଼ି ନଥିବାରୁ ସେମାନଙ୍କ ଜୀବନଜୀବିକା ବିପନ୍ନ ହୋଇପଡ଼ିଛି।ଆମେ ଦେଶର ବିକାଶ ପାଇଁ ଭିଟାମାଟି ଛାଡ଼ିଲୁ, ହେଲେ ଆଜି ଆମ ନିଜ ଭବିଷ୍ୟତ ଅନ୍ଧାରରେ। ପ୍ରଶାସନ କେବଳ ତାରିଖ ପରେ ତାରିଖ ଦେଉଛି, ହେଲେ ଜମି ଦେଉନାହିଁ। ପ୍ରଶାସନର ଏଭଳି ଉଦାସୀନ ମନୋଭାବ ବିରୋଧରେ ଏବେ ବିସ୍ଥାପିତମାନେ ଏକଜୁଟ ହେବାରେ ଲାଗିଛନ୍ତି। ଯଦି ଆଗାମୀ ଦିନରେ ସେମାନଙ୍କୁ ଚିହ୍ନଟ କରାଯାଇ ତୁରନ୍ତ ଥଇଥାନ ଜମି ପ୍ରଦାନ କରାନଯାଏ, ତେବେ ସେମାନେ ରାଜପଥକୁ ଓହ୍ଲାଇବା ସହ ବ୍ୟାପକ ଜନ ଆନ୍ଦୋଳନ କରିବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀ ରେ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଏହି ସମ୍ବେଦନଶୀଳ ଘଟଣା ପ୍ରତି ଜିଲ୍ଲା ପ୍ରଶାସନ ଓ ସରକାର ତୁରନ୍ତ ଦୃଷ୍ଟି ଦେଇ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

## ଅନ୍ତଃରାଜ୍ୟ ଅବୈଧ ଜୁଆ ରାକେଟର ସହ-ଅଭିଯୁକ୍ତ ଗିରଫ

ରାଉରକେଲା (ମହାଭାରତ): ଓଡ଼ିଶା-ଝାଡ଼ଖଣ୍ଡ ଆନ୍ତଃରାଜ୍ୟ ସୀମାରେ କାର୍ଯ୍ୟ କରୁଥିବା ଏବଂ ବାଜିରେ ଅଧିକ ଲାଭର ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଠକୁଥିବା ଅଭିଯୋଗରେ ରାଉରକେଲା ପୋଲିସ ପକ୍ଷରୁ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ମାମଲାଟି ପ୍ରାରମ୍ଭିକ ଭାବରେ ୨୦୨୬ ଜୁନ୍ ୮ରେ ଧରାପଡ଼ିଥିଲା। ପୋଲିସ ସ୍ଥାନୀୟ ଲୁଆକେରାରେ ଅଞ୍ଚଳରେ ଘୁଡୁଘୁଡି ପଟି ନାମରେ ପରିଚିତ ଏକ ସଂଗଠିତ ବେଆଇନ ଜୁଆ ଆଡ୍ଡାର ପର୍ଦ୍ଦାଫାସ କରିଥିଲା। ଏହି ରାକେଟଟି ସେକ୍ଟର-୧୫ ଥାନା ସୀମା ଅନ୍ତର୍ଗତ ଲୁଆକେରା ଗ୍ରାମର ଦୁଇ ଭାଇ ବାହନା କଂସାରି ଏବଂ ଦିଲୀପ କଂସାରି ଦ୍ୱାରା ପରିଚାଳିତ ହେଉଥିଲା ବୋଲି ଅଭିଯୋଗ ହୋଇଛି। ପୋଲିସ ଅନୁଯାୟୀ, ଏହି ଦୁହେଁ ନିରୀହ ଲୋକଙ୍କୁ ଲାଭଜନକ ଲାଭର ପ୍ରତିଶ୍ରୁତି ଦେଇ ବେଆଇନ ଜୁଆ ନେଟୱାର୍କ ମାଧ୍ୟମରେ ପ୍ରଚୁର ସମ୍ପତ୍ତି ସଂଗ୍ରହ କରିଥିଲେ।ପୋଲିସ କର୍ମଚାରୀଙ୍କ ସହ ଇନ୍ସପେକ୍ଟର-ଇନ୍-ଚାର୍ଜ ଦ୍ୱାରା କରାଯାଇଥିବା ଚଢାଉ ସମୟରେ, ଅଧିକାରୀମାନେ ବିପୁଳ ପରିମାଣର ନଗଦ, ସୁନା ଏବଂ ରୂପା ଅଳଙ୍କାର, ତିନୋଟି କାର, ଚାରୋଟି ଦୁଇ ଚକିଆ ଯାନ, ତିନୋଟି ମୋବାଇଲ୍ ଫୋନ୍, ୬୮ଟି ଡାଇସ୍ ସହିତ ଜୁଆ କାର୍ଯ୍ୟକଳାପରେ ବ୍ୟବହୃତ ଚାରୋଟି ବାଉଁଶ ତିଆରି ଟୋକେଇ ଏବଂ ଏକ ଟଙ୍କା ଗଣନା ମେସିନ୍ ଜବତ କରିଥିଲେ। ବାହନା କଂସାରୀ ଏବଂ ଦିଲୀପ କଂସାରୀ ଉଭୟଙ୍କୁ ଜୁନ୍ ୮ ତାରିଖରେ ପୋଲିସ ପକ୍ଷରୁ ଗିରଫ କରି କୋର୍ଟକୁ ପଠାଯାଇଥିଲା। ତଦନ୍ତ ଜାରି ରଖି, ପୋଲିସ ବୁଧବାର ଆଉ ଜଣେ ସହ-ଅଭିଯୁକ୍ତଙ୍କୁ ଗିରଫ କରିଛି।ଅଭିଯୁକ୍ତର ନାମ ବିକି ସାହୁ (୩୬) ହୋଇଥିଲା ବେଳେ ସେ ରାଉରକେଲାର ରଘୁନାଥପାଲ୍ଲୀ ଥାନା ଅଧିନସ୍ଥ ପାନପୋଷ ମ୍ୟୁନିସିପାଲିଟି ହାଇସ୍କୁଲ ନିକଟରେ ରହୁଥିବା ଦିଲ୍ଲୀପ ସାହୁଙ୍କ ପୁଅ। ତାଙ୍କୁ ସେହି ଦିନ କୋର୍ଟରେ ହାଜର କରାଯାଇଥିଲା।

## ଆକାଶବାଣୀ ରାଉରକେଲା କେନ୍ଦ୍ରର ୩୧ ତମ ପ୍ରତିଷ୍ଠା ଦିବସ

ରାଉରକେଲା,(ମହାଭାରତ) : ଶିକ୍ଷା ଓ ମନୋରଞ୍ଜନକୁ ଗୁରୁତ୍ୱ ଦେଇ ତଥା ସବୁବର୍ଗର ଶ୍ରୋତାଙ୍କୁ ଦୃଷ୍ଟିରେ ରଖି, ୧୦୨.୬ ଏଫ୍.ଏମ୍. ଆକାଶବାଣୀ ରାଉରକେଲା ଉନ୍ନତମାନର କାର୍ଯ୍ୟକ୍ରମମାନ ପ୍ରସାରଣ କରି ଶ୍ରୋତାମାନଙ୍କର ପ୍ରିୟଭାଜନ ହୋଇପାରିଛି। ଏହି ଧାରା ଅବ୍ୟାହତ ରଖିବାକୁ ଚେଷ୍ଟା କରିବାର ଆବଶ୍ୟକତା ରହିଛି ବୋଲି ଆକାଶବାଣୀ ରାଉରକେଲା କେନ୍ଦ୍ରର ୩୧ ତମ ପ୍ରତିଷ୍ଠା ଦିବସ ପାଳନ ପରିପ୍ରେକ୍ଷୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଆକାଶବାଣୀ ରାଉରକେଲା କେନ୍ଦ୍ରର ୩୧ ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି ।କେନ୍ଦ୍ରର ଯାନ୍ତ୍ରିକ ବିଭାଗର ମୁଖ୍ୟ, ଆସିଷ୍ଟାଣ୍ଟ ଇଂଜିନିୟର ହରିହର ନାୟକଙ୍କ ସଭାପତିତ୍ୱ ଓ ଉଦଘୋଷକ ଅଶୋକ ରାଉତଙ୍କ ମଞ୍ଚ ସଂଚାଳନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ, ରାଉରକେଲା ବନଖଣ୍ଡ ଅଧିକାରୀ ରବିକାନ୍ତ ମୀନା ମୁଖ୍ୟଅତିଥି , ସମ୍ମାନୀୟ ଅତିଥି ଭାବରେ ପାନପୋଷ ରେଞ୍ଜ ଅଫିସର ଶୁଚିସ୍ମିତା ଦାସ, ଆକାଶବାଣୀ ରାଉରକେଲାର କାର୍ଯ୍ୟକ୍ରମ ନିଷ୍ପାଦକ ବିନୀତ କୁମାର ଠାକୁର, ପ୍ରସାରଣ ନିଷ୍ପାଦକ ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସିନ ଥିଲେ।

## ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ପଚିଗଲାଣି ହାତ, ହାତବାନ୍ଧି ବସିଛି ପୁଲିସ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ସଦରଥାନା ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମର ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ଗତ ୧୮ ତାରିଖ ଷଡ଼ଯନ୍ତ୍ର କରି ଇଟାମାଟି ଥାନା ପାଲାଗୁଣ୍ଡୁଣି ଗ୍ରାମରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲ କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ମଧ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଛି। ଗତ ୨୨ ତାରିଖ ଚିକିତ୍ସା ପରେ ଯୁବକଙ୍କ ମାନସିକ ଅବସ୍ଥା ଠିକ ନ ଥିବାରୁ ଡାକ୍ତର ଡିସଚାର୍ଜ କରି ଦେଇଛନ୍ତି। ଯୁବକ ଜଣକ ସଙ୍କଟାପନ୍ନ ଅବସ୍ଥାରେ କଣ୍ଟାବଣିଆ ସ୍ଥିତ ନିଜ ଘରେ ପଡ଼ିଥିବା ବେଳେ ହଣାଯାଇଥିବା ହାତ ପଚି ଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏଣେ ଇଟାମାଟି ଥାନା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବାରୁ ଗ୍ରାମବାସୀ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଗାଁକୁ ଯାଇଥିବା ଇଟାମାଟି ଥାନା ପୁଲିସକୁ ସିଧା ସିଧା ଶୁଣାଇଛନ୍ତି ଗ୍ରାମବାସୀ। ନ୍ୟାୟ ନ ମିଳିଲେ ଜିଲ୍ଲାର କୌଣସି ବି ରାସ୍ତାକୁ ଅବରୋଧ କରାଯିବାକୁ ନେଇ ଚେତାବନୀ ଦେଇଛନ୍ତି। କଣ୍ଟାବଣିଆ ଗ୍ରାମର ଗୋବିନ୍ଦ ମହାନ୍ତି ପାଲାଗୁଣ୍ଡୁଣି ଗ୍ରାମର ବିଦ୍ୟାଧର ଦାଶଙ୍କ ଝିଅ ପୁଷ୍ପାଞ୍ଜଳିଙ୍କୁ ବିବାହ କରିଥିଲେ। ପୁଷ୍ପାଞ୍ଜଳି ସ୍ୱାମୀଙ୍କ ସହ ନ ରହି ନୟାଗଡ଼ ସହରରେ ପିଲାଙ୍କୁ ନେଇ ରହୁଥିଲେ। ପାରିବାରିକ ବିବାଦ ତଥା ଅନ୍ୟାନ୍ୟ କାରଣ ପାଇଁ ଗୋବିନ୍ଦ ମାନସିକ ସନ୍ତୁଳନ ହରାଇ ବସିଥିଲେ। ଗତ ୧୮ ତାରିଖ ସେ ଶଶୁର ଘର ପାଲାଗୁଣ୍ଡୁଣି ଯାଇଥିଲେ। ୧୯ ତାରିଖ ସକାଳେ ପାଲାଗୁଣ୍ଡୁଣି ମୌଜାରୁ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ତାଙ୍କ ହାତ ଏବଂ ଗୋଡ଼କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପଛରେ ଶଶୁର ବିଦ୍ୟାଧର ଦାଶ, ସ୍ତ୍ରୀ ପୁଷ୍ପାଞ୍ଜଳି, ଶାଶୂ ଉଷା ଦାଶ, ଶଳା ତପନ କୁମାର ଦାଶଙ୍କ ସମ୍ପୃକ୍ତି ଥିବା ଗୋବିନ୍ଦଙ୍କ ଭାଇ ମଧୁସୂଦନ ମହାନ୍ତି ଇଟାମାଟି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରିଛି। ଘଟଣାକୁ ସପ୍ତାହ ବିତିଥିବା ବେଳେ ପୁଲିସ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଶୁକ୍ରବାର କଣ୍ଟାବଣିଆ ଗାଁକୁ ଇଟାମାଟି ଥାନାର ଜଣେ ମହିଳା ଅଧିକାରୀ ତଦନ୍ତ ପାଇଁ ଯାଇଥିବା ବେଳେ ଗ୍ରାମବାସୀ ପୁଲିସକୁ ସିଧା ସିଧା ଶୁଣାଇଛନ୍ତି। ଅଭିଯୁକ୍ତକୁ ଗିରଫ କର, ନଚେତ୍ ଆନ୍ଦୋଳନ ହେବ ବୋଲି କହିଛନ୍ତି। ଅନ୍ୟପକ୍ଷେ, କଟକ ବଡ଼ ଡାକ୍ତରଖାନାରୁ ଫେରିବା ପରେ ଗୋବିନ୍ଦଙ୍କ ଅବସ୍ଥା ଦିନକୁ ଦିନ ଗୁରୁତର ହେଉଛି ।ମାନସିକ ଅବସ୍ଥା ଠିକ ନ ଥିବା ବେଳେ ହଣା ଯାଇଥିବା ହାତ ପଚିଗଲାଣି। ଏଭଳି ସ୍ଥିତିରେ ଇଟାମାଟି ଥାନା ଅଧିକାରୀ ପ୍ରିୟବ୍ରତ ରାଉତଙ୍କ ପ୍ରତିକ୍ରିୟା ନେବାରେ, ତଦନ୍ତ ଚାଲିଥିବା ଏବଂ ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ହୋମିଓପ୍ୟାଥି ମେଡିକାଲ କଲେଜ ପାଇଁ ମିଳୁନି ଜାଗା

## ରାସ୍ତା ପାର୍ଶ୍ୱରେ ଖୋଜା ଚାଲିଛି ୧୦ ଏକର ସରକାରୀ ଜମି




ନୟାଗଡ଼, ( ମହାଭାରତ ) : ଜିଲ୍ଲାରେ ହୋମିଓପ୍ୟାଥି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରାଯିବା ପରେ ଏବେ ଜାଗା ଖୋଜା ଚାଲିଛି। ଗୋଟିଏ ପରେ ଗୋଟିଏ ଜାଗା ଦେଖାଯାଉଥିଲେ ମଧ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି ନଥିବା ଦେଖାଯାଉଛି। ଫଳରେ ଏବେ ଦଶପଲ୍ଲା ଅଞ୍ଚଳରେ ଜାଗା ଚିହ୍ନଟ ପାଇଁ ଜିଲ୍ଲା ପ୍ରଶାସନ ପ୍ରୟାସ ଆରମ୍ଭ କରିଛି। ଏବେ ଜାଗା ସମସ୍ୟାକୁ ନେଇ ଏହି କଲେଜ ଛନ୍ଦି ହୋଇ ରହିଥିବା ଜଣାପଡ଼ିଛି। ଗତ ମାସରେ ଆୟୁଷ ନିର୍ଦ୍ଦେଶିକା ଅଞ୍ଜନା ପଣ୍ଡା ରଣପୁର ସ୍ଥିତ ବସନ୍ତ ମଞ୍ଜରୀ ଜେନେରାଲ୍ ହସ୍ପିଟାଲ୍ର ଭିତ୍ତିଭୂମି ପରିଦର୍ଶନ କରିଥିଲେ। ଫଳରେ ରଣପୁରରେ କଲେଜ ପାଇଁ ପଦକ୍ଷେପ ନିଆଯିବ ବୋଲି ଅନୁମାନ କରାଯାଉଥିଲା। ମାତ୍ର କୌଣସି କାରଣରୁ ସେଠାରେ ଏହି ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଏହାସହ ନୟାଗଡ଼ରେ ଚିହ୍ନଟ ହୋଇଥିବା ଜାଗାର ପାରିପାର୍ଶ୍ୱିକ ଅବସ୍ଥା ମେଡିକାଲ କଲେଜ ପାଇଁ ଉପଯୁକ୍ତ ହେଲା ନାହିଁ। ଫଳରେ ଏବେ ଏହି ମେଡିକାଲ କଲେଜ ପାଇଁ ଜାଗା ଖୋଜିବା ଜିଲ୍ଲା ପ୍ରଶାସନ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀ ଇଂ. ପ୍ରିୟବ୍ରତ ସାମନ୍ତରା ନୟାଗଡ଼ର ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି କରିବା ପରେ ଜିଲ୍ଲାପାଳ ମଧୁମିତା ରଥ, ଏ ନେଇ ନୟାଗଡ଼ ତହସିଲଦାରଙ୍କୁ ଚିଠି କରି ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହୋମିଓପ୍ୟାଥି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ୧୦ ଏକର ଜାଗା ଆବଶ୍ୟକ କିନ୍ତୁ ଜିଲ୍ଲା ମୁଖ୍ୟାଳୟ ନୟାଗଡ଼ରେ ଏତେ ଜାଗା ମିଳିବାରେ ସମସ୍ୟା ହେଉଛି। ଏଣୁ ଆବଶ୍ୟକ ପଡ଼ିଲେ ଓଡ଼ଗାଁ କିମ୍ବା ଖଣ୍ଡପଡ଼ା ଯିବା ରାସ୍ତାରେ ଜାଗା ଚିହ୍ନଟ କରିବା ପାଇଁ ମଧ ଜିଲ୍ଲା ପ୍ରଶାସନ ଯୋଜନା କରୁଥିଲା। ମାତ୍ର ଏହି ସମୟରେ ରଣପୁରକୁ ଆୟୁଷ ନିର୍ଦ୍ଦେଶିକାଙ୍କ ଗସ୍ତ ପରେ ପୁଣି ଥରେ ହୋମିଓପ୍ୟାଥି ମେଡିକାଲ କଲେଜ ପ୍ରତିଷ୍ଠାର ଜାଗାକୁ ନେଇ ଦ୍ୱନ୍ଦ ସୃଷ୍ଟି ହୋଇଥିଲା। ଜାଗା ଚିହ୍ନଟ ପରେ ଏହାର ପରବର୍ତ୍ତୀ କାର୍ଯ୍ୟକ୍ରମ ପାଇଁ ଅର୍ଥ ମଞ୍ଜୁର କରାଯିବା ଏ ନେଇ ଜିଲ୍ଲାପାଳ ଶ୍ରୀମତୀ ରଥ କୁହନ୍ତି। ନୟାଗଡ଼ରେ ରାସ୍ତା ପାର୍ଶ୍ୱରେ ୧୦ ଏକର ସରକାରୀ ଜାଗା ମିଳିବା ସମସ୍ୟା ହେଉଛି। ନୟାଗଡ଼ରେ ଅଧିକାଂଶ ଘରୋଇ ଜାଗା ରହିଥିବାରୁ, ଏହାକୁ ଅଧିଗ୍ରହଣ କରିବାରେ ସମସ୍ୟା ରହିଛି। ଏହାସହ ପାହାଡ଼ିଆ ଅଞ୍ଚଳରେ ହସ୍ପିଟାଲ୍ ନିର୍ମାଣ କରିବା ପାଇଁ ନିୟମ ନାହିଁ। ଫଳରେ ବର୍ତ୍ତମାନ ଦଶପଲ୍ଲା ଅଞ୍ଚଳରେ ସେଥିପାଇଁ ଜାଗା ଚିହ୍ନଟ କରିବା ପାଇଁ ଯୋଜନା କରାଯାଉଛି। ଜିଲ୍ଲାବାସୀଙ୍କ ସୁବିଧା ଓ ରାଜ୍ୟ ସରକାରଙ୍କ ସମସ୍ତ ନିୟମାବଳୀକୁ ଅନୁକରଣ କରି ଏହି ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ।

# ଆନ୍ତର୍ଜାତିକ ନିଶା ନିବାରଣ ଓ ଅନୈତିକ ଚାଲାଣ ନିରୋଧ ଦିବସ



ନବରଙ୍ଗପୁର,(ମହାଭାରତ):ନବରଙ୍ଗପୁର ଜିଲ୍ଲାରେ ଆନ୍ତର୍ଜାତିକ ନିଶା ନିବାରଣ ଓ ଅନୈତିକ ଚାଲାଣ ନିରୋଧ ଦିବସ ୨୦୨୬ ପାଳନ ହୋଇ ଯାଇଛି। ଜିଲ୍ଲା ଅବକାରୀ ବିଭାଗ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ର ମିଳିତ ଆନୁକୂଲ୍ୟରେ ସକାଳ ୮.୩୦ ରେ ଏକ ସଚେତନତା ଶୋଭାଯାତ୍ରା ଗାନ୍ଧୀ ଛକ ଠାରୁ ଆରମ୍ଭ ହୋଇ ସାଇ କଲ୍ୟାଣ ମଣ୍ଡପ ଯାଏଁ, ବିଭିନ୍ନ ନିଶା ନିବାରଣ ବାର୍ତ୍ତା ଦେଇ ଯାଇଥିଲା। ଏହି ସଚେତନତା ଯାତ୍ରାକୁ ପୌରପାଳିକା ଅଧକ୍ଷ କୁନୁ ନାୟକ ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ କୁମାର ପାତ୍ର , ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପ ଠାରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକ ରେ ମୁଖ୍ୟ ଅତିଥି ପୌରପାଳିକା ଅଧକ୍ଷ ଯୁକ୍ତ କୁନୁ ନାୟକ ,ମୁଖ୍ୟ ବକ୍ତା ରୂପରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ,ସମ୍ମାନିତ ଅତିଥି ଭାବେ ବ୍ରହ୍ମା କୁମାରୀ ଇଶ୍ୱରିୟ ବିଶ୍ୱବିଦ୍ୟାଳୟ ର ମୁଖ୍ୟ ସଂଚାଳିକା ବି କେ ନମିତା , ଆକାଶ ସଂସ୍ଥା ରୁ ମହମ୍ମଦ ହବିବ , ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ବରିଷ୍ଠ ନାଗରିକ ତଥା ମାରାଥନ୍ ଦୌଡବିତ ଚିତ୍ତରଞ୍ଜନ ପାତ୍ର ମଞ୍ଚାସିନ ହୋଇ ନିଶା ନିବାରଣ ଉପରେ ବକ୍ତବ୍ୟ ରଖିଥିଲେ। ନିଶା ଏକ ସାମାଜିକ ବ୍ୟାଧି ରୂପରେ ଉଗ୍ର ରୂପ ଧାରଣ କରିଛି ବୋଲି ସମସ୍ତେ ମତ ରଖିଥିଲେ। ଯୁବ ବର୍ଗ ଠାରୁ ପିଲା ଯାଏଁ ସମସ୍ତେ ନୂଆଁ ନିଶା ମୋବାଇଲ ନିଶା ରେ କବଳିତ ହୋଇ ସାରିଲେଣି ବୋଲି ସମସ୍ତେ ଚିନ୍ତା ବ୍ୟକ୍ତ କରିଥିଲେ । ବୈଠକ ପ୍ରାରମ୍ଭ ରେ ନବରଙ୍ଗପୁର ଜିଲ୍ଲାର ପ୍ରୀତି କିନ୍ନର ଏକ ସୁନ୍ଦର ଗୀତ ପରିବେଷଣ କରି ସମସ୍ତଙ୍କୁ ମନମୁଗ୍ଧ କରିଥିଲେ। ଜିଲ୍ଲା କିନ୍ନର ସଂଘର ସମ୍ପାଦିକା ଚୁମୁକି କିନ୍ନର ନିଶାର ଅପବ୍ୟବହାର ଓ ଏହାର ନିରାକରଣ ନିମନ୍ତେ ସମସ୍ତେ ଚେଷ୍ଟିତ ହେବା ଉଚିତ କହି ବକ୍ତବ୍ୟ ରଖିଥିଲେ । ଏତଦ ସହ ସଚେତନତା ନିମନ୍ତେ ଦସ୍ତଖତ ଅଭିଯାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ଚିତ୍ରାଙ୍କନ,ବକ୍ତୃତା, ଓ ରଚନା ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ପୁରସ୍କାର ତଥା ପ୍ରମାଣ ପତ୍ର ଦେଇ ସମ୍ମାନିତ କରା ଯାଇଥିଲା। ଆଶା କିରଣ ଅଧକ୍ଷ ତଥା ନାଟ୍ୟକାର ଜଗନ୍ନାଥ ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲା ସାମାଜିକ ବିଭାଗ ରୁ ଧନଞ୍ଜୟ ରାଓ,ବୃନ୍ଦାବନ ବେବର୍ତ୍ତା,ଶକୁନ୍ତଳା ଭତ୍ରା ମିଥୁନ ତ୍ରିପାଠୀ, ମନୀଷା ରଥ ସୌମ୍ୟରଞ୍ଜନ ନାୟକ, ସାଗରିକା ମହନ୍ତୁଡ,ଲିପ୍ସା ପଣ୍ଡା ସାନୁ,ପୀତବାସ , , ଭି, ପବନ କୁମାର ସହିତ ଅବକାରୀ ବିଭାଗ ରୁ ଦିଲୀପ ରଥ, ରଞ୍ଜୁଲତା,ବୃନ୍ଦାବନ,ବିଂଗରାଜ ,ସମୀର ସ୍ୱାଇଁ,ସମୀର କୌଶଲ୍ୟ, ତ୍ରୀଲୋଚନ ଭତ୍ରା ,ସୁନିଲ ଦାସ ଯୋଗ ଦେଇ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ରିପୋର୍ଟରେ ସାମ୍ନାକୁ ଆସିଲା ଚମକାଇଦେବା ଭଳି ତଥ୍ୟ, ଗାଡ଼ି ଚାଳନାରେ ପୁରୁଷଙ୍କ ତୁଳନାରେ ମହିଳା ଅଧିକ ସଚେତନ

ନୂଆଦିଲ୍ଲୀ : ସାଧାରଣତଃ ସୁରକ୍ଷିତ ଭାବେ ଗାଡ଼ି ଚଳାଇବା କଥା ଆସିଲେ ପୁରୁଷମାନେ ମହିଳାଙ୍କଠାରୁ ଆଗରେ ବୋଲି ଧାରଣା ରହିଛି । କିନ୍ତୁ ଏବେ ଏହି ଧାରଣାକୁ ଏକ ନୂଆ ରିପୋର୍ଟ ଭୁଲ ପ୍ରମାଣିତ କରିଛି । ବର୍ତ୍ତମାନ ମହିଳା ଚାଳକଙ୍କ ସଂଖ୍ୟା ବଢ଼ିବା ସହ ସେମାନେ ପୁରୁଷଙ୍କ ତୁଳନାରେ ଅଧିକ ସତର୍କ ଓ ସୁରକ୍ଷିତ ଭାବେ ଗାଡ଼ି ଚଳାଉଥିବା ଜଣାପଡ଼ିଛି ସୋସିଆଲ ମିଡିଆରେ ମହିଳା ଡ୍ରାଇଭରଙ୍କୁ ନେଇ ବିଭିନ୍ନ ମିମ୍ସ ଓ ପରିହାସ କରାଯାଉଥିଲେ ମଧ୍ୟ, ଏକ ତାଜା ଅଧ୍ୟୟନ ଏହି ଧାରଣାକୁ ଭୁଲ ପ୍ରମାଣ କରିଛି ।

ଜୁନୋ ସ୍ମାର୍ଟଡ୍ରାଇଭ୍ ଆପ୍ ମାଧ୍ୟମରେ ଦେଶର ୧୭ଟି ରାଜ୍ୟରେ ୪୫ ଲକ୍ଷରୁ ଅଧିକ ଟ୍ରିପ୍ ଏବଂ ୫୫ ମିଲିୟନ୍ କିଲୋମିଟର ଡ୍ରାଇଭିଂ ତଥ୍ୟର ବିଶ୍ଳେଷଣ କରାଯାଇଥିଲା । ଏହି ଟେଲିମେଟ୍ରି ଡାଟା ଅନୁସାରେ, ସୁରକ୍ଷିତ ଡ୍ରାଇଭିଂ କ୍ଷେତ୍ରରେ



ମହିଳାଙ୍କ ଔସତ ଡ୍ରାଇଭିଂ ସ୍କୋର ୯୨.୮୬ ରହିଥିବା ବେଳେ ପୁରୁଷଙ୍କ ସ୍କୋର ୯୨.୪୩ ରହିଛି ।ଉଭୟଙ୍କ ସ୍କୋର ମଧ୍ୟରେ ବହୁତ ବଡ଼ ତଫାତ ନଥିଲେ ମଧ୍ୟ, ଏହି ରିପୋର୍ଟ ସ୍ପଷ୍ଟ କରିଛି ଯେ ମହିଳାମାନଙ୍କୁ ଖରାପ ଡ୍ରାଇଭର୍ ବୋଲି କହିବା ଠିକ୍ ନୁହେଁ । ରିପୋର୍ଟ ଅନୁଯାୟୀ, ମହିଳାମାନେ ରାସ୍ତାରେ ଅଧିକ ସତର୍କ ରହିଥାନ୍ତି ।

ତାଜା ରିପୋର୍ଟରେ ଆହୁରି ଜଣାପଡ଼ିଛି ଯେ ଭାରତରେ ଘଟୁଥିବା ୮୦ ପ୍ରତିଶତରୁ ଅଧିକ ସଡ଼କ ଦୁର୍ଘଟଣା ପଛରେ ଖରାପ ରାସ୍ତା କିମ୍ବା ଗାଡ଼ି ନୁହେଁ, ବରଂ ଚାଳକଙ୍କ ବ୍ୟବହାର ହିଁ ମୁଖ୍ୟ କାରଣ । ଭାରତୀୟ ଡ୍ରାଇଭରଙ୍କ ସବୁଠୁ ବଡ଼ ଦୁର୍ବଳତା ହେଉଛି ହଠାତ୍ ଜୋରରେ ବ୍ରେକ୍ ଲଗାଇବା ଏବଂ ବିନା କାରଣରେ ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା । ଏହାଛଡ଼ା, ଭାରି ବର୍ଷା କିମ୍ବା ଶୀତଦିନର କୁହୁଡ଼ି ଭଳି ପାଣିପାଗର ବିଶେଷ ପ୍ରଭାବ ଡ୍ରାଇଭରଙ୍କ ବ୍ୟବହାର ଉପରେ ପଡୁନଥିବା ବେଳେ, ଚାଳକଙ୍କ ମାନସିକ ସ୍ଥିତି ଓ କେଉଁ ସମୟରେ ସେ ଗାଡ଼ି ଚଳାଉଛନ୍ତି, ତାହା ଦୁର୍ଘଟଣାର ସମ୍ଭାବନାକୁ ଅଧିକ ପ୍ରଭାବିତ କରୁଛି । ତେଣୁ ଆପଣ ମଧ୍ୟ ଗାଡ଼ି ଚଳାଇବା ବେଳେ ସର୍ବଦା ସତର୍କ ରୁହନ୍ତୁ, ଟ୍ରାଫିକ୍ ନିୟମ ମାନନ୍ତୁ ଏବଂ ସୁରକ୍ଷିତ ଡ୍ରାଇଭିଂକୁ ପ୍ରାଥମିକତା ଦିଅନ୍ତୁ ।

# ଆସନ୍ତାବର୍ଷ ପ୍ରାରମ୍ଭରେ ଭାରତ ଗସ୍ତରେ ଆସିପାରନ୍ତି ଟ୍ରମ୍ପ




ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତାବର୍ଷ ପ୍ରାରମ୍ଭରେ ଭାରତ ଗସ୍ତରେ ଆସିପାରନ୍ତି ବୋଲି ଆମେରିକା ବିଦେଶ ସଚିବ ମା ?ର୍କୋ ରୁବିଓ ଶନିବାର କହିଛନ୍ତି । ରୁବିଓ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଦୃଢ଼ ବ୍ୟକ୍ତିଗତ ସମ୍ପର୍କକୁ ଗୁରୁତ୍ୱ ଦେଇ ଓ ଭାରତ-ଆମେରିକା ସମ୍ପର୍କକୁ ଚମତ୍କାର ବୋଲି ବର୍ଣ୍ଣନା କରିଛନ୍ତି । ୱାସିଂଟନରେ ନ୍ୟୁଜ ଏଜେନ୍ସି ଆଇଏଏନ୍ଏସ୍ ସହିତ କଥାବାର୍ତ୍ତା ବେଳେ ରୁବିଓ କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ କରିବା ପାଇଁ ସେ ବର୍ଷ ଶେଷ ପୂର୍ବରୁ ଭାରତ ଯାତ୍ରା କରିପାରନ୍ତି ।

ଯଦି ଟ୍ରମ୍ପ ଆସନ୍ତା ବର୍ଷ ଭାରତ ଗସ୍ତରେ ଆସନ୍ତି ତେବେ ଏହା ଆମେରିକା ରାଷ୍ଟ୍ରପତିଙ୍କର ଫେବୃଆରି ୨୦୨୦ ପରେ ପ୍ରଥମ ଭାରତ ଗସ୍ତ ହେବ । ଦ୍ୱିତୀୟ ଥର ପାଇଁ ଟ୍ରମ୍ପ ରାଷ୍ଟ୍ରପତି ନିର୍ବାଚିତ ହୋଇ ହ୍ୱାଇଟ୍ ହାଉସକୁ ଫେରିବା ପରେ ଏହି ପ୍ରସ୍ତାବିତ ଗସ୍ତ ତାଙ୍କର ପ୍ରଥମ ଗସ୍ତ ହେବ । ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦୀ ଶେଷ ଥର ପାଇଁ ଫ୍ରାନ୍ସର ଏଭିଆନରେ ଜି୭ ଶିଖର ସମ୍ମିଳନୀ ଅବସରରେ ସାକ୍ଷାତ କରିଥିଲେ, ଯାହାକି ୧୬ ମାସ ମଧ୍ୟରେ ସେମାନଙ୍କର ପ୍ରଥମ ଦ୍ୱିପାକ୍ଷିକ ବୈଠକ ଥିଲା । ସୂଚନାଯୋଗ୍ୟ, ନୂଆଦିଲ୍ଲୀ ଓ ୱାସିଂଟନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଜାରି ରହିଥିବାବେଳେ ଟ୍ରମ୍ପଙ୍କ ପ୍ରସ୍ତାବିତ ଗସ୍ତ ରହିଛି । ରୁବିଓ ଆହୁରି କହିଛନ୍ତି ଯେ, ଉଭୟ ଦେଶ କ୍ୱାଡ୍ ଗ୍ରୁପିଂର ଆଉ ଏକ ବୈଠକ ପାଇଁ ଅପେକ୍ଷା କରିଛନ୍ତି ଓ ରାଷ୍ଟ୍ରପତିଙ୍କ ଗସ୍ତ ସ୍ଥିର କରିବାରେ ସାହାଯ୍ୟ କରିବା ପାଇଁ ସେ ବର୍ଷ ଶେଷ ପୂର୍ବରୁ ଭାରତ ଫେରିବାକୁ ଆଶା ରଖିଛନ୍ତି । ଏହାବ୍ୟତୀତ ରୁବିଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱକୁ ମଧ୍ୟ ପ୍ରଶଂସା କରିଥିଲେ । ରୁବିଓ କହିଥିଲେ ଯେ, ସେ ମୋଦୀଙ୍କର ଜଣେ ପ୍ରଶଂସକ ଓ ବିଶ୍ୱ ସ୍ତରରେ ଭାରତର ସ୍ଥିତିକୁ ଉଚ୍ଚ କରିବା ପାଇଁ ତାଙ୍କୁ ଶ୍ରେୟ ଦେଇଥିଲେ । ମୋଦୀ ଭାରତକୁ ଏକ ବିଶ୍ୱ ଶକ୍ତିରେ ପରିଣତ କରିଛନ୍ତି ବୋଲି ରୁବିଓ କହିଥିଲେ ।

## କାରକୁ ପଛ ପଟୁ ଧକ୍କା ଦେଲା କ୍ୟାଣ୍ଟର, ୩ ମୃତ ଓ ୨ ଆହତ

ଉତ୍ତରପ୍ରଦେଶ : ଜିନ୍ଦର ଲାଜୱନା ଗ୍ରାମ ନିକଟରେ ହାଇୱେ ୧୫୨ଡ ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ତିନି ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି ଏବଂ ଦୁଇ ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି । ଖାଟୁ ଶ୍ୟାମଙ୍କୁ ଦର୍ଶନ କରିବାକୁ ଯାଉଥିବା କରନାଲର ଏକ ପରିବାର ରାସ୍ତା କଡ଼େର ପାର୍କିଂ କରିଥିବା ସମୟରେ ଏକ ଦ୍ରୁତଗାମୀ କ୍ୟାଣ୍ଟର ପଛରୁ କାରକୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଏହି ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନାନୁଯାୟୀ, କରନାଲର ବାସିନ୍ଦା ଧରମପାଲ, ରାଜକୁମାର, ସ୍ୱିଟି, ନୀତୁ ଏବଂ ରତୁ ଏକ ଗ୍ରାଣ୍ଡ ଭିଟାରା କାରରେ ଖାଟୁ ଶ୍ୟାମଙ୍କୁ ଯାଉଥିଲେ । ସେମାନଙ୍କ କାର ଜିନ୍ଦର ଲାଜୱନା ଗ୍ରାମ ନିକଟରେ ହାଇୱେ ୧୫୨ଡ ନିକଟରେ ପହଞ୍ଚିବା ସମୟରେ ହଠାତ୍ ଏକ ବୁଲା ପଶୁ ସେମାନଙ୍କ ସାମ୍ନାକୁ ଚାଲି ଆସିଥିଲା ।

# ପ୍ରଶ୍ନପତ୍ର ଲିକ ପରେ ମହାରାଷ୍ଟ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା ସ୍ଥଗିତ

ନୂଆଦିଲ୍ଲୀ : ପୁଣି ଥରେ ଦେଶରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଆସିଛି । ଏଥର ମହାରାଷ୍ଟ୍ରରେ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି) ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିବା ପରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଟିଇଟି ପରୀକ୍ଷା ରବିବାର (ଜୁନ୍ ୨୮ ତାରିଖରେ) ଅନୁଷ୍ଠିତ ହେବାକୁ ଥିଲା । ତେବେ ପରୀକ୍ଷାର ୨୪ ଘଣ୍ଟା ପୂର୍ବରୁ ଥାଣେରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଜଣାପଡ଼ିଛି । ରିପୋର୍ଟ ଅନୁଯାୟୀ, ପୁଲିସକୁ ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ ସୂଚନା ମିଳିବା ପରେ ଥାଣେର ଭିୱାଣ୍ଡିରେ ଏକ ଅପରେସନ ପରେ ପ୍ରଶ୍ନପତ୍ର ଜବତ କରାଯାଇଛି । ଏହି ମାମଲାରେ କିଛି ଲୋକଙ୍କୁ ଗିରଫ କରାଯାଇଛି । କିନ୍ତୁ ସେମାନଙ୍କ ପରିଚୟ ପ୍ରକାଶ କରାଯାଇନାହିଁ । ଶନିବାର ଜାରି ହୋଇଥିବା ଏକ ଆଧିକାରିକ ବିବୃତିରେ ମହାରାଷ୍ଟ୍ର ରାଜ୍ୟ ପରୀକ୍ଷା ପରିଷଦ କହିଛି ଯେ, ରାଜ୍ୟର ୧୦୨୮ଟି କେନ୍ଦ୍ରରେ ଜୁନ୍ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଟିଇଟି ୨୦୨୬ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ ଜଣାପଡ଼ିବା ପରେ ଏହାକୁ ସ୍ଥଗିତ



ରଖାଯାଇଛି । ପରିଷଦ ଅନୁଯାୟୀ ଶନିବାର ପ୍ରତ୍ୟୁଷରେ ଗୋପନୀୟ ସୂଚନା ଉପରେ କାର୍ଯ୍ୟ କରି ଭିୱାଣ୍ଡି ପୁଲିସ ଏକ ସ୍ଥାନରେ ଚଢାଉ କରିଥିଲା ଯେଉଁଠାରେ କିଛି ବ୍ୟକ୍ତିଙ୍କଠାରୁ ସିଲ୍ ହୋଇଥିବା ପ୍ରଶ୍ନପତ୍ରର ପୃଷ୍ଠାଗୁଡ଼ିକ ମିଳିଥିଲା । ପରୀକ୍ଷା ପରିଷଦ ପରେ ସ୍ପଷ୍ଟ କରିଥିଲା ଯେ, ଜବତ ହୋଇଥିବା କାଗଜ ପ୍ରଶ୍ନପତ୍ରରେ ରହିଥିବା ପ୍ରଶ୍ନ ସହିତ ସମାନତା ରହିଛି । ଫଳରେ ପରୀକ୍ଷାର ସ୍ୱଚ୍ଛତାକୁ ନେଇ ଚିନ୍ତା ପ୍ରକାଶ ପାଇଥିଲା । ତଦନ୍ତ ସମାପ୍ତ ହେବା ଓ ପରିସ୍ଥିତିର ପୂର୍ଣ୍ଣ ମୂଲ୍ୟାୟନ ହେବା ପରେ ନୂତନ ପରୀକ୍ଷା ତାରିଖ ଘୋଷଣା କରାଯିବ । ରାଜ୍ୟ ଶିକ୍ଷା ବିଭାଗ ଖୁବ୍ ?ଶୀଘ୍ର ଏହି ଘଟଣାର ସବିଶେଷ ତଥ୍ୟ ପ୍ରଦାନ କରି ପ୍ରେସ୍ ନୋଟ ଜାରି କରିବ । ସରକାରଙ୍କ ନିଷ୍ପତ୍ତି ହେବା ପରେ ପରୀକ୍ଷା ସମ୍ପର୍କିତ ସଂଶୋଧିତ କାର୍ଯ୍ୟକ୍ରମ ଘୋଷଣା କରାଯିବା ବୋଲି ଆଶା କରାଯାଇଛି । ପ୍ରଶ୍ନପତ୍ର କେମିତି ଲିକ୍ ହେଲା ଓ ଏହି ରାକେଟରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ପୁଲିସ ସେସବୁର ତଦନ୍ତ କରୁଛି । ସମଗ୍ର ରାଜ୍ୟରେ ପାଖାପାଖି ୪ ଲକ୍ଷ ୨୮ ହଜାର ପ୍ରାର୍ଥୀ ପରୀକ୍ଷା ଦେବାପାଇଁ ପଞ୍ଜୀକରଣ କରିଥିଲେ । ଏମାନଙ୍କ ମଧ୍ୟରେ ୨ ଲକ୍ଷ ୨୬ ହଜାର ୨୬୩ ଏପରି ପରୀକ୍ଷାର୍ଥୀ ଥିଲେ, ଯେଉଁମାନେ ପୂର୍ବରୁ ଶିକ୍ଷକ ଚାକିରି କରୁଛନ୍ତି । ସେମାନେ ଶିକ୍ଷକ ଯୋଗ୍ୟତା ସାର୍ଟିଫକେଟ ପାଇବା ପାଇଁ ପରୀକ୍ଷା ଦେଉଥିଲେ । ତେବେ ପ୍ରଶ୍ନପତ୍ର ଲିକ୍ ହେବା ପରେ ଅନେକ ପ୍ରାର୍ଥୀଙ୍କ ଜୀବନ ଅନ୍ଧକାରକୁ ଠେଲି ହୋଇଯାଇଛ । ଏହାପୂର୍ବରୁ ୨୦୨୫ରେ ମଧ ଶିକ୍ଷକ ଯୋଗ୍ୟତା ପରୀକ୍ଷା ମଧ ଲିକ୍ ହୋଇଥିଲା ।

# ଡିଆର କଙ୍ଗୋରେ ଭୟଙ୍କର ରୂପ ନେଉଛି 'ଇବୋଲା': ସଂକ୍ରମିତଙ୍କ ସଂଖ୍ୟା ୧୨୦୦ ପାର୍

ନୂଆଦିଲ୍ଲୀ : କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ (ଡିଆରସି) ପୁଣି ଥରେ ଘାତକ ଇବୋଲା ଭାଇରସ କବଳରେ ପଡ଼ିଥିବା ବେଳେ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇ ୧,୨୦୦ ଅତିକ୍ରମ କରିସାରିଛି । ସରକାରୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧,୨୦୩ ଜଣ ଏହି ଜୀବାଣୁରେ ଆକ୍ରାନ୍ତ ହୋଇଥିବା ନିଶ୍ଚିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୨୧ ଜଣଙ୍କର ମୃତ୍ୟୁ ଘଟିଛି । ଜନସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ, ୪୧୯ ଜଣ ରୋଗୀ ବିଭିନ୍ନ ପ୍ରତିଷ୍ଠିତ ହସ୍ପିଟାଲର ଆଇସୋଲେସନରେ ଜୀବନ ପାଇଁ ଲଢୁଛନ୍ତି ଏବଂ ୧୪୮ ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏହା ବ୍ୟତୀତ ଆଉ ୨୬୫ ଜଣ ସନ୍ଦିଗ୍ଧ ମାମଲା ଚିହ୍ନଟ କରାଯାଇଛି, ଯେଉଁଥିରୁ ୭୭ ଜଣଙ୍କର ମୃତ୍ୟୁ ହୋଇସାରିଥିବାରୁ ପ୍ରକୃତ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି ଆଶଙ୍କା କରାଯାଉଛି ।

ବର୍ତ୍ତମାନ ଇଟୁରି ଅଞ୍ଚଳରେ ଥିବା ଚିକିତ୍ସା କେନ୍ଦ୍ରଗୁଡ଼ିକ ସମ୍ପୂର୍ଣ୍ଣ ଭରିଯାଇଥିବା ବେଳେ ଔଷଧ ଏବଂ ସଂକ୍ରମଣ ପ୍ରତିରୋଧ ସାମଗ୍ରୀର ଘୋର ଅଭାବ ଦେଖାଦେଇଛି । ଏହି ସ୍ଥିତିରେ ଜରୁରୀକାଳୀନ ଭାବେ ପ୍ରାୟ ୨୦ଟି ନୂତନ ଆଇସୋଲେସନ କେନ୍ଦ୍ରର ଆବଶ୍ୟକତା ରହିଛି । ଗତ ମେ' ୧୫ ତାରିଖରେ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିବା ଏହି ''ବୁଣ୍ଡିବୁଗିଓ ଇବୋଲା ଭାଇରସ'' ପ୍ରକୋପ ୫ ସପ୍ତାହ ପରେ ମଧ୍ୟ ଶୀର୍ଷରେ ପହଞ୍ଚି ନାହିଁ ବୋଲି ଆଫ୍ରିକା ସେଣ୍ଟର ଫର ଡିଜିଜ୍ କ□ୋଲ ଆଣ୍ଡ ପ୍ରିଭେନସନ୍ ର ନିର୍ଦ୍ଦେଶକ ଜିନ୍ କାସେୟା ସତର୍କ କରାଇଛନ୍ତି । ଆଫ୍ରିକା 'ସିଡିସି' ଏହି ସଙ୍କଟର ମୁକାବିଲା ପାଇଁ ୧.୪ ବିଲିୟନ ଆମେରିକୀୟ ଡଲାର ସହାୟତା ପାଇଁ ଆବେଦନ କରିଥିଲେ ହେଁ, ବର୍ତ୍ତମାନ ପ୍ରତିକ୍ରିୟା କାର୍ଯ୍ୟ ପାଇଁ କେବଳ ୨୦ ମିଲିୟନ୍ ଡଲାରର ଏକ ବଡ଼ ପାଣ୍ଠି ଅଭାବର ସମ୍ମୁଖୀନ ହେଉଛି ।

## ଗୃହଯୁଦ୍ଧ ଗ୍ରସ୍ତ ସୁଦାନକୁ ଅସ୍ତ୍ରଶସ୍ତ୍ର-ବିସ୍ଫୋରକ ପଠାଇବା ଅଭିଯୋଗ ଭାରତୀୟ କମ୍ପାନି ଏବଂ ସିଇଓଙ୍କ ଉପରେ ଆମେରିକାର ପ୍ରତିବନ୍ଧକ ଲାଗୁ

ନୂଆଦିଲ୍ଲୀ : ଆମେରିକା ପକ୍ଷରୁ ଜଣେ ଭାରତୀୟ ସିଇଓଙ୍କ ସମେତ ଆଠ ଜଣ ବ୍ୟକ୍ତି ଏବଂ ସଂସ୍ଥା ଉପରେ ପ୍ରତିବନ୍ଧକ ଲଗାଯାଇଛି । ସେମାନଙ୍କ ବିରୋଧରେ ଗୃହଯୁଦ୍ଧଗ୍ରସ୍ତ ସୁଦାନକୁ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ପଠାଇବା ତଥା ଗୃହଯୁଦ୍ଧକୁ ବଢ଼ାଇବା ଅଭିଯୋଗ ରହିଛି । ଆମେରିକାର ଟ୍ରେଜେରୀ ବିଭାଗର ବୈଦେଶିକ ସମ୍ପତ୍ତି ନିୟନ୍ତ୍ରଣ କାର୍ଯ୍ୟାଳୟ ଏହି ସୂଚନା ଦେଇଛି । ଏହି ପ୍ରତିବନ୍ଧକ ବିଷୟରେ ସୂଚନା ଦେଇ, ଆମେରିକୀୟ ବିଦେଶ ବିଭାଗ କହିଛି ଯେ, ଯେଉଁ ନେଟୱାର୍କଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେମାନେ ସୁଦାନ ସଶସ୍ତ୍ର ବାହିନୀ ଏବଂ ରାପିଡ୍ ସପୋର୍ଟ ଫୋର୍ସେସ୍ ଉଭୟ ପକ୍ଷରୁ ସଂଘର୍ଷ ବଢ଼ାଇବାରେ ସହାୟତା କରିଛନ୍ତି । ଆମେରିକୀୟ ବିଦେଶ ବିଭାଗ ମୁଖପାତ୍ର ଟମି ପିଗଟ୍ ଏକ ବିବୃତିରେ କହିଛନ୍ତି, ଏହି ନେଟୱାର୍କଗୁଡ଼ିକ ସୁଦାନ ସଶସ୍ତ୍ର ବାହିନୀ ଏବଂ ରାପିଡ୍ ସପୋର୍ଟ ଫୋର୍ସେସ୍ ଉଭୟକୁ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ଲଢ଼ିବା ପାଇଁ ବିଦେଶୀରୁ ସଦସ୍ୟ ଯୋଗାଇଥିବା ଅଭିଯୋଗ ହୋଇଛି । ସେମାନଙ୍କ ଯୋଗୁଁ ବିଶ୍ୱରେ ମାନବିକ ସଙ୍କଟ ସୃଷ୍ଟି ହୋଇଛି ତଥା ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ଆକ୍ରମଣ



କରିବାର ସୁଯୋଗ ଦେଇଛି । ଆମେରିକା ଦ୍ୱାରା ନିଷିଦ୍ଧ କରାଯାଇଥିବା ସଂସ୍ଥାମାନଙ୍କ ମଧ୍ୟରେ ଭାରତୀୟ ଫାର୍ମ ଏସବିଏଲ ଏନର୍ଜି ଲିମିଟେଡର ସିଇଓ ଆଲୋକ ଚୌଧୁରୀ ମଧ୍ୟ ଅଛନ୍ତି । ଏସବିଏଲ ଏନର୍ଜି ଆମେମ୍ ଏକ୍ସପ୍ଲୋସିଭ୍ସ ପ୍ରାଇଭେଟ୍ ଲିମିଟେଡ୍ ଭାବରେ ମଧ୍ୟ ଜଣାଶୁଣା । ଆମେରିକା ଦାବି କରିଛି ଯେ ଏସବିଏଲ ଏନର୍ଜି ସୁଦାନର ସଶସ୍ତ୍ର ବାହିନୀ ପାଇଁ ଅସ୍ତ୍ରଶସ୍ତ୍ର ଭଣ୍ଡାର ରକ୍ଷଣାବେକ୍ଷଣ କରୁଥିବା ଏକ କମ୍ପାନିକୁ ୨୦୦ ରୁ ଅଧିକ ବିସ୍ଫୋରକ ଏବଂ ସମ୍ପର୍କିତ ସାମଗ୍ରୀ ଯୋଗାଇଥିଲା । ଆମେରିକାର ଟ୍ରେଜେରୀ ବିଭାଗ ଏସବିଏଲ ଏନର୍ଜି ଲିମିଟେଡ୍ ସହିତ ସୁଦାନ ଏବଂ ଇଜିପ୍ଟରେ ଥିବା ଅନ୍ୟ କମ୍ପାନିଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଇଛି । ଆମେରିକାର ଟ୍ରେଜେରୀ ବିଭାଗ ଅନୁଯାୟୀ, ଏସବିଏଲ ଏନର୍ଜି ସୁଦାନର ଟାର୍ଗେଟ ମଲ୍ଟି ଆକ୍ଟିଭିଟିଜ୍ କମ୍ପାନି(ଟିଏମଏସି)କୁ ବିସ୍ଫୋରକ ଏବଂ ସମ୍ପର୍କିତ ସାମଗ୍ରୀ ଯୋଗାଇଥିଲା, ଯାହା ସୁଦାନର ସଶସ୍ତ୍ର ବାହିନୀ ଦ୍ୱାରା ନିର୍ମିତ ବୋମାରେ ବ୍ୟବହୃତ ହେଉଥିଲା । ଟିଏମଏସି ଏବଂ ଏହାର ଜେନେରାଲ ମ୍ୟାନେଜର ତାରିକ ହୁସେନ ମହମ୍ମଦ ମଦନିଙ୍କୁ ମଧ୍ୟ କଳା ତାଲିକାଭୁକ୍ତ କରାଯାଇଛି । ମଦନି ସୁଦାନର ସର୍ବବୃହତ ପ୍ରତିରକ୍ଷା କମ୍ପାନି ଡିଫେନ୍ସ ଇଣ୍ଡଷ୍ଟ୍ରିଜ୍ ସିଷ୍ଟମ୍ସ (ଡିଆଇଏସ)ର ଜଣେ କାର୍ଯ୍ୟନିର୍ବାହୀ ।

# ଭାରତ-ବାଂଲାଦେଶ ସୀମାରେ ଉତ୍ତେଜନା ଜିରୋ ଲାଇନରେ ସଶସ୍ତ୍ର ଭିଡ଼ ଜମା

ଆସାମ : ଆସାମର ଶ୍ରୀଭୂମି ଜିଲ୍ଲାର ଭାରତ-ବାଂଲାଦେଶ ସୀମାରେ ଅନୁପ୍ରବେଶ ନେଇ ଉତ୍ତେଜନା ଦେଖାଦେଇଛି । ଯାହା ଫଳରେ ସୀମା ସୁରକ୍ଷା ବଳ(ବିଏସଏଫ) ଏବଂ ସୀମା ସୁରକ୍ଷା ବାଂଲାଦେଶ (ବିଜିବି) ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ବିଜିବି ଭାରତୀୟ ପାର୍ଶ୍ୱକୁ ବନ୍ଧୁକ ଦେଖାଇଥିବା ସୂଚନା ମିଳିଛି । ବହୁ ସଂଖ୍ୟକ ବାଂଲାଦେଶୀ ଅସ୍ତ୍ରଶସ୍ତ୍ର ଧରି ସୀମାରେ ବିଏସଏଫକୁ ବାରମ୍ବାର ଧମକ ଦେଇଥିବା କୁହାଯାଉଛି । ଏହି ଘଟଣା ବିଲାବାରୀ ସୀମାନ୍ତ ଅଞ୍ଚଳରେ ଘଟିଛି । ଫଳରେ ଉତ୍ତେଜନା ସୃଷ୍ଟି ହୋଇଛି । ରିପୋର୍ଟ ଅନୁଯାୟୀ, ନ୍ୟୁ ପଲ୍ଲାଥଲ ଅଞ୍ଚଳରେ ସୀମାରେ ବାଂଲାଦେଶୀ ଅନୁପ୍ରବେଶ ରୋକାଯିବା ପରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା ।

ସୀମା ନିକଟବର୍ତ୍ତୀ ଗ୍ରାମଗୁଡ଼ିକର ଗ୍ରାମବାସୀମାନେ ଛୁରୀ, ଲାଠି ଏବଂ ବାଉଁଶ ବାଡ଼ି ଧରି ବିଜିବିର ସମର୍ଥନରେ ଏକତ୍ରିତ ହୋଇଥି ଅସ୍ତ୍ରଶସ୍ତ୍ର ଦେଖାଇ ବିଏସଏଫକୁ



ଧମକ ଦେଇଥିବା କୁହାଯାଉଛି । ରିପୋର୍ଟ ଅନୁଯାୟୀ, ବିଜିବିର ପଲ୍ଲାଥଲ ସୀମା ଆଉଟପୋଷ୍ଟର ସୈନିକମାନେ ଲାଉଡସ୍ପିକର ମାଧ୍ୟମରେ ବିଏସଏଫକୁ ବାରମ୍ବାର ଚେତାବନୀ ଦେଇଥିଲେ । ସେମାନଙ୍କୁ ସୀମାରୁ ଦୂରେଇ ଯିବାକୁ ଅନୁରୋଧ କରିଥିଲେ । ବିଜିବି ଏହା ମଧ୍ୟ ଚେତାବନୀ ଦେଇଥିଲା ଯେ ଯଦି ପରିସ୍ଥିତି ଆହୁରି ବିଗିଡ଼ିଯାଏ ଏବଂ ଲୋକଙ୍କୁ ହଟା ନଯାଏ ନାହିଁ, ତେବେ ସେମାନଙ୍କୁ ଗୁଳି ଚଳାଇବାକୁ ପଡ଼ିପାରେ । ଏହି ଘଟଣା ଶ୍ରୀଭୂମି ଜିଲ୍ଲାରେ ଅନ୍ତର୍ଜାତୀୟ ସୀମାରେ ଉତ୍ତେଜନାକୁ ବୃଦ୍ଧି କରିଛି ।

ସୂଚନା ଅନୁଯାୟୀ, ଏହି ଘଟଣା ଆସାମର ଶ୍ରୀଭୂମି ଜିଲ୍ଲାର ବିଲାବାରୀ ସୀମାରେ ଘଟିଛି, ଯେଉଁଠାରେ ଭାରତୀୟ ସୁରକ୍ଷା କର୍ମୀମାନେ ବାଂଲାଦେଶୀ ନାଗରିକଙ୍କ ଏକ ଗୋଷ୍ଠୀକୁ ନ୍ୟୁ ପାଲାଥୋଲ ଅଞ୍ଚଳ ଆଡ଼କୁ ବାଂଲାଦେଶ ଭିତରକୁ ଠେଲି ଦେବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି । ବିଜିବି ଏହି ପଦକ୍ଷେପର ପ୍ରତିବାଦ କରିଥିଲା ଏବଂ ଏହି ଗୋଷ୍ଠୀକୁ ନିଜ ଅଞ୍ଚଳରେ ପ୍ରବେଶ କରିବାକୁ ଅନୁମତି ଦେବାକୁ ମନା କରିଥିଲା ।

ବାଂଲାଦେଶୀମାନେ ଲାଠି ଏବଂ ଅସ୍ତ୍ରଶସ୍ତ୍ର ଧରି ଜିରୋ ଲାଇନକୁ ଆସିଥିଲେ । କିଛି ଘଣ୍ଟା ଧରି ଚାଲିଥିବା ଏହି ଅଚଳାବସ୍ଥା ମଧ୍ୟରେ ଉଭୟ ପକ୍ଷର ସୁରକ୍ଷା କର୍ମୀ ସୀମାରେ ମୁତୟନ ରହିଥିଲେ । ଗୁଳି ବିନିମୟ କିମ୍ବା ମୃତାହତର କୌଣସି ରିପୋର୍ଟ ମିଳିନାହିଁ । ବିଲାବାରୀ ସୀମାରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ଏହି ଘଟଣା ସମ୍ପର୍କରେ ବିଏସଏଫ କିମ୍ବା ବିଜିବି ପକ୍ଷରୁ କୌଣସି ସରକାରୀ ବିବୃତି ଦିଆଯାଇ ନାହିଁ । ସୁରକ୍ଷା ସୂତ୍ରଗୁଡ଼ିକ କହିଛନ୍ତି ଯେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ନ ଯିବା ପାଇଁ ବିଏସଏଫ ସୈନିକମାନେ ସଂଯମତା ଅବଲମ୍ବନ କରିଥିଲେ ଏବଂ ସମନ୍ୱୟ ବଜାୟ ରଖିଥିଲେ । ପରେ, ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଉଭୟ ପାର୍ଶ୍ୱରୁ ଅତିରିକ୍ତ ସୁରକ୍ଷାକର୍ମୀଙ୍କୁ ଘଟଣାସ୍ଥଳକୁ ପଠାଯାଇଥିଲା । ସ୍ଥାନୀୟ ପ୍ରଶାସନ ଏବଂ ଆସାମ ପୁଲିସ ୟୁନିଟଗୁଡ଼ିକୁ ମଧ୍ୟ ସତର୍କ କରାଯାଇଥିଲା । ତେବେ ଘଟଣା କିମ୍ବା ପ୍ରତ୍ୟାବର୍ତ୍ତନ କାର୍ଯ୍ୟରେ ସାମିଲ ଲୋକଙ୍କ ସଂଖ୍ୟା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତି ଜାରି କରାଯାଇ ନାହିଁ ।

# ଭାରତ ବିପକ୍ଷରେ ଆର୍ୟଲାଣ୍ଡର ଐତିହାସିକ ବିଜୟ

**ବେଲଫାଷ୍ଟ,୨୭।୬ :** ଆର୍ୟଲାଣ୍ଡ ଘରୋଇ ମାଟିରେ ଦମଦାର ପ୍ରଦର୍ଶନ କରିଛି। ଦଳ ପ୍ରଥମେ ନିର୍ଦ୍ଧାରିତ ୨୦ ଓଭରରେ ୯ୱିକେଟ୍ ହରାଇ ୧୮୨ ରନ୍ କରିଛି। ପରେ ବୋଲିଂ କ୍ଷେତ୍ରରେ ଦମଦାର ପ୍ରଦର୍ଶନ କରି ଭାରତକୁ ୧୪୮ ରନ୍‌ରେ ଅଟକାଇଛି। ୧୮୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଭାରତ ୧୮.୫ ଓଭରରେ ସମସ୍ତ ୱିକେଟ୍ ହରାଇଛି। ଫଳରେ ଘରୋଇ ଦଳ ଏହି ମ୍ୟାଚ୍‌କୁ ୩୪ ରନରେ ବିଜୟ ହାସଲ କରିଛି। ଏଥି ସହିତ ଭାରତ ବିପକ୍ଷରେ ଆର୍ୟଲାଣ୍ଡ ଐତିହାସିକ ବିଜୟ ହାସଲ କରିଛି।

ଦୁଇ ମ୍ୟାଚ ବିଶିଷ୍ଟ ଟି୨୦ ଶଙ୍ଖଳାର ପ୍ରଥମ ମୁକାବିଲା ସ୍ଥାନୀୟ ସିଭିଲ ସର୍ଭିସ କ୍ରିକେଟ୍ କ୍ଲବରେ ଖେଳାଯାଇଛି। ଏହି ମ୍ୟାଚ୍‌ରେ ଭାରତୀୟ କ୍ରିକେଟ୍ ଟିମ୍ ଟସ୍ ଜଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ଆର୍ୟଲାଣ୍ଡ ପାଇଁ ଅଧିନାୟକ ଲୋର୍କନ ଟକର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୩୬ଟି ବଲ୍ ଖେଳି ଥିଲେ ଏବଂ ୫ଟି ଚୌକା ଓ ୨ଟି ଛକା ବଳରେ ୫୦ ରନ୍ କରିତିଲେ।

ଆର୍ୟଲାଣ୍ଡର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଦଳ ୫୧ ରନ୍ ବେଳକୁ ଆଗଧାଡିର ୪ଜଣ ଖେଳାଳିଙ୍କୁ ହରାଇ ସାରିଥିଲା। ସ୍କୋର ୨୦ ରନ୍‌ରେ ପ୍ରାରମ୍ଭିକ ବ୍ୟାଟର ଟିମ୍ ଟେକଟର ଏବଂ ରସ ଆଦାଇର ଆଉଟ୍ ହୋଇଥିଲେ। ଉଭୟ ବ୍ୟାଟର ଯଥାକ୍ରମେ ୧୭ ଏବଂ ୧୨ ରନ୍ କରିଥିଲେ। ଭାରତର ତୃତୀୟ ଶିକାର ହୋଇଥିଲେ ଟିମ କେଟକଟର, ଯିଏ କି ଖାତା



ଖୋଲିପାରି ନଥିଲେ। ଆର୍ୟଲାଣ୍ଡ ନିଜର ଚତୁର୍ଥ ୱିକେଟ ଭାବେ ବେଞ୍ଜାମିନ୍ (୧୫ରନ୍)ଙ୍କୁ ହରାଇଥିଲା।

ସେହିପରି ଲୋର୍କାନ ଟକର ଅର୍ଦ୍ଧଶତକ ଏବଂ ଜର୍ଜ ଡକରେଲ୍ ବ୍ୟକ୍ତିଗତ ଭାବେ ୧୯ ରନ୍ କରି ପାଭିଲିନ ଫେରି ଆସିଥିଲେ। ଆର୍ୟଲାଣ୍ଡ ପଞ୍ଚମ ଏବଂ ଷଷ୍ଠ ୱିକେଟ୍‌ରେ ଯଥାକ୍ରମେ ୬୪ ଏବଂ ୪୯ ରନ୍ ସଂଗ୍ରହ କରିଥିଲା। ଭାରତର ସପ୍ତମ ଶିକାର ହୋଇଥିଲେ ଗରେଥ ଡେଲାନି, ଯିଏକି ବ୍ୟକ୍ତିଗତ ଭାବେ ଦଳ ପାଇଁ ୪୯ ରନ୍ ଯୋଗଦାନ ଦେଇଥିଲେ। ସେ ୩୨ଟି ବଲ୍ ଖେଳି ୨ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଲିଆମ ମ୍ୟାକକାର୍ଥି ୭ ରନ୍ ସଂଗ୍ରହ କରି ଆଉଟ୍ ହାଇଥିଲେ। ଭାରତୀୟ ଯୁବ ବୋଲର ହର୍ଷିତ ରାଣା ଭାରତ ପକ୍ଷରୁ ୩ଟି ୱିକେଟ୍ ନେଇଛନ୍ତି। ଦ୍ରୁତ ବୋଲର ଅର୍ଶଦୀପ ସିଂହ ଏବଂ ସ୍ପିନର ଅକ୍ଷର ପଟେଲ ୨-୨ ୱିକେଟ୍ ଅକ୍ତିଆର କରିଥିଲେ। ଶିଭମ ଦୁବେଙ୍କୁ ଗୋଟିଏ ୱିକେଟ ମିଳିଥିଲା।

# ଆହୁରି ଅପେକ୍ଷା କରିବେ ବୈଭବ

**ବେଲଫାଷ୍ଟ,୨୭।୬ :** ଭାରତ ଏବଂ ଆର୍ୟଲାଣ୍ଡ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟି୨୦ ଶଙ୍ଖଳାର ପ୍ରଥମ ମୁକାବିଲା ଆଜି ଖେଳାଯାଉଛି। ଉଭୟ ଟିମ୍ ମଧ୍ୟରେ ଏହି ମୁକାବିଲା ସିଭିଲ ସର୍ଭିସ କ୍ରିକେଟ୍ କ୍ଲବରେ ଖେଳାଯାଉଛି। ମୁକାବିଲାରେ ଭାରତୀୟ କ୍ରିକେଟ୍ ଟିମ ଟସ୍ ଜଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଛି। ଏହି ମୁକାବିଲାରେ ବୈଭବ ସୂର୍ଯ୍ୟବଂଶୀ ପଦାର୍ପଣ କରୁ ନାହାନ୍ତି। ଅର୍ଥାତ ବୈଭବଙ୍କୁ ଅନ୍ତର୍ଜାତୀୟ ପଦାର୍ପଣ ପାଇଁ ଆହୁରି ଅପେକ୍ଷା କରିବାକୁ ପଡିବ। ଆଜିର ମ୍ୟାଚରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ସାମିଲ କରାଯିବ ନାହିଁ ବୋଲି ପୂର୍ବରୁ ସୂଚନା ମିଳି ସାରିଥିଲା। ଭାରତୀୟ କ୍ରିକେଟ୍ ଟିମ୍‌ର ବ୍ୟାଟିଂ କୋଚ୍ ସୀତାଂଶୁ କୋଟକ ପରୋକ୍ଷରେ ବୟାନ ଦେଇଥିଲେ। ସେ କହିଥିଲେ ଯେ, ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ଦେବା ପାଇଁ ଟିମ୍ ? ପରିଚାଳନା କାହାରିକୁ ଡ୍ରପ୍ କରିପାରିବ ନାହିଁ। ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ, ମୋର ସଂପୂର୍ଣ୍ଣ ଭରସା ଯେ, ତାଙ୍କୁ ଶକ୍ତି ପ୍ରଦର୍ଶନ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ମିଳିବ। ଆର୍ୟଲାଣ୍ଡ ବିପକ୍ଷ ଭାରତୀୟ ଟି-୨୦ ଟିମ୍‌ରେ ଅଭିଷେକ ଶର୍ମା, ସଂଜୁ ସାମସନ (ୱିକେଟ୍‌କିପର), ଈଶାନ କିଶନ, ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା, ଶିଭମ ଦୁବେ, ଅକ୍ଷର ପଟେଲ, ୱାସିଂଟନ ସୁନ୍ଦର, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରସିଦ୍ଧ କୃଷ୍ଣା, ସୂର୍ଯ୍ୟାଂଶ ଶେଡ୍‌ଗେ,



ବୈଭବ ସୂର୍ଯ୍ୟବଂଶୀ, ରବି ବିଶ୍ନୋୟୀ ଏବଂ ପ୍ରିନ୍ସ ଯାଦବ ଅଛନ୍ତି। କିନ୍ତୁ ଆଜିର ମ୍ୟାଚ୍‌ରେ ସୂର୍ଯ୍ୟାଂଶ ଶେଡ୍‌ଗେ, ବୈଭବ ସୂର୍ଯ୍ୟବଂଶୀ, ରବି ବିଶ୍ନୋୟୀ ଏବଂ ପ୍ରିନ୍ସ ଯାଦବ ସାମିଲ ହୋଇପାରି ନାହାନ୍ତି।

### ଜାତୀୟ ଅନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍

# ୨୦୦ ମିଟରରେ ଅନିମେଶଙ୍କୁ ଏସିଆଡ୍ ଟିକେଟ

**ଭୁବନେଶ୍ୱର,୨୭।୬ :** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଜାତୀୟ ଅନ୍ତଃ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଦ୍ୱିତୀୟ ଦିନରେ ପୁରୁଷ ୨୦୦ ମିଟରରେ ଓଡିଶାକୁ ୨ଟି ପଦକ ମିଳିଛି। ଅନିମେଶ କୁଜୁର ୨୦୦ ମିଟରରେ ସ୍ୱର୍ଣ୍ଣ ଜିତିବା ସହ ଆଗାମୀ ଏସୀୟ କ୍ରୀଡାକୁ ଯୋଗ୍ୟତା ହାସଲ କରିଛନ୍ତି। ସେ ନିର୍ଦ୍ଧାରିତ ଦୂରତାକୁ ୨୦.୭୪ ସେକେଣ୍ଡ ନେଇଥିଲେ। ଏସୀୟ କ୍ରୀଡା ପାଇଁ ଯୋଗ୍ୟତା ଟାଇମିଂ ରହିଛି ୨୦.୮୮ ସେକେଣ୍ଡ। ଡିଏମ୍ ଜୟରାମ ୨୦.୯୭ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଥିଲେ ।

ମହିଳା ପୋଲଭଲ୍ଟରେ କର୍ଣ୍ଣାଟକର ସିନ୍ଧୁଶ୍ରୀ ୪.୨୫ ମିଟର ସହ ନୂଆ ଜାତୀୟ ରେକର୍ଡ (୪.୨୩ ମିଟର) ଓ ମିଟ୍ ରେକର୍ଡ କରିବା ସହ ଏସୀୟ କ୍ରୀଡାକୁ (୪.୧୦ ମିଟର) ଯୋଗ୍ୟତା ହାସଲ କରିଛନ୍ତି । ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିବ ବାରନିକା ଏଲନଗୋଭାନ (୪.୨୦ ମିଟର), ନିତିକା ଅକାରେ (୪.୧୦ ମିଟର) ଏସୀୟ କ୍ରୀଡା ଟିକେଟ ହାସଲ କରିଛନ୍ତି। ପୁରୁଷ ହାଫ୍ ? ମାରାଥନରେ ତାମିଲନାଡୁର ସେରଭିନ (୧:୩୧:୪୯.୦୦) ସ୍ୱର୍ଣ୍ଣ ଜିତିଥିଲେ। ପୁରୁଷ ଡିସ୍କସ ଥ୍ରୋରେ କିରପାଲ ସ(୫୭.୩୭ ମିଟର) ସ୍ୱର୍ଣ୍ଣ ପଦକ ପାଇଥିଲେ । ମହିଳା ସଟପୁଟରେ ପ୍ରଥମରୁ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଏସିଆଡ୍ ଟିକେଟ୍ (୧୬.୨୫ ମିଟର) ପାଇଛନ୍ତି। ମନପ୍ରୀତ କୌର (୧୭.୭୫ ମିଟର), କ୍ରିଷ୍ଣା ଜୟ ଶଙ୍କର (୧୬.୯୬ ମିଟର) ଓ ସ୍ରିଷ୍ଟି ଭିଜ (୧୬.୯୬ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ । ମହିଳା ୮୦୦ ମିଟରରେ ପ୍ରଥମରୁ ତୃତୀୟ ସ୍ଥାନ ହାସଲ କରିଥିବା ଗୋମତୀ ଜୟରାମନ, ପୂଜା ଓ ଲିଲି ଦାସ ଏସୀୟ କ୍ରୀଡାକୁ (୨:୦୫.୨୧) ଯୋଗ୍ୟତା ହାସଲ କରିଛନ୍ତି।

# ୭-୧ ଗୋଲ୍‌ରେ ପାକିସ୍ତାନକୁ ଧୂଳି ଚଟାଇଲା ଭାରତ

**ନୂଆଦିଲ୍ଲୀ,୨୭।୬ :** ଲଣ୍ଡନର ଲି ଭ୍ୟାଲି ହକି ଆଣ୍ଡ ଟେନିସ ସେଣ୍ଟରରେ ଖେଳାଯାଇଥିବା ହାଇଭୋଲ୍‌ଟେଜ୍ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମହାମୁକାବିଲାରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଶୋଚନୀୟ ଭାବେ ପରାସ୍ତ କରିଛି ଭାରତୀୟ ପୁରୁଷ ହକି ଟିମ୍। ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ ଗୋଲ୍‌ରେ ପଛୁଆ ରହିବା ସତ୍ତ୍ୱେ ଭାରତୀୟ ଦଳ ଏଭଳି ପ୍ରତ୍ୟାବର୍ତ୍ତନ କରିଥିଲା ଯେ ପାକିସ୍ତାନ ଦଳକୁ ସମାଳିବାକୁ ସୁଯୋଗ ମଧ ମିଳିନଥିଲା। ଶେଷରେ ମ୍ୟାଚକୁ ୭-୧ ର ବୃହତ୍ ବ୍ୟବଧାନରେ ଜିତି ଏକ ନୂଆ ଇତିହାସ ରଚିଛି ଟିମ୍ ଇଣ୍ଡିଆ।

ଭାରତ ପକ୍ଷରୁ ସୁଖଜିତ ସିଂ, ହରମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ଜୁଗରାଜ ସିଂ, ଅଭିଷେକ, ରାଜ କୁମାର ପାଲ ଏବଂ ଦିଲପ୍ରୀତ ସିଂ ଜବରଦସ୍ତ ପ୍ରଦର୍ଶନ କରି ଗୋଟିଏ ଲେଖାଏଁ ଗୋଲ୍ ସ୍କ ?ର କରିଥିଲେ। ସୂଚନାଯୋଗ୍ୟ ଯେ, ଏହାପୂର୍ବରୁ ଜୁନ୍ ୨୩ରେ ଅନୁଷ୍ଠିତ ମ୍ୟାଚ୍‌ରେ ମଧ ଭାରତ ୪-୩ ଗୋଲ୍‌ରେ ପାକିସ୍ତାନକୁ ମାତ୍ ଦେଇଥିଲା।

ମ୍ୟାଚ୍ ଆରମ୍ଭରୁ ହିଁ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦଳ ପଡ଼ିଆକୁ ଆକ୍ରାମକ ମୁଦ୍ରାରେ



ଓହ୍ଲାଇଥିଲେ। ପ୍ରଥମ ଦୁଇ ମିନିଟ୍ ଭିତରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲେ ବି ଦଳ ତାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲା। ଏହାର ସୁଯୋଗ ନେଇ ପାକିସ୍ତାନ କାଉଣ୍ଟର ଆଟାକ୍ କରିଥିଲା। ମ୍ୟାଚର ୧୩ତମ ମିନିଟରେ ପାକିସ୍ତାନକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଦଳର ଅଧିନାୟକ ଆବୁ ବକର ମହମୁଦ୍ ଏକ ଚମତ୍କାର ଡ୍ରାଗ୍ ଫ୍ଲିକ୍ ଜରିଆରେ ଗୋଲ୍ କରି ଦଳକୁ ୧-୦ ରେ ଆଗୁଆ କରିଦେଇଥିଲେ। ପ୍ରଥମ କ୍ୱାର୍ଟରର ଶେଷ ସୁଦ୍ଧା ପାକିସ୍ତାନ ୧-୦ରେ ଆଗରେ ରହିଥିଲା।

ତେବେ ଦ୍ୱିତୀୟ କ୍ୱାର୍ଟରରେ ଭାରତୀୟ ଖେଳାଳିମାନେ ଖେଳର ଦିଗ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲେ। ୨୦ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରରେ ଅଧିନାୟକ ହରମନପ୍ରୀତ ସିଂଙ୍କ ସଟକୁ ସୁଖଜିତ ସିଂ ଚମତ୍କାର ଭାବେ ଡିଫ୍‌ଲେକ୍ଟ କରି ଗୋଲ୍ ପୋଷ୍ଟ ଭିତରକୁ ପଠାଇ ଦେଇଥିଲେ। ଏହାସହ ସ୍କ ?ର ୧-୧ ସମାନ ସ୍ଥିତିକୁ ଆସିଥିଲା। ଏହାର ଠିକ୍ ୬ ମିନିଟ୍ ପରେ ଅର୍ଥାତ୍ ୨ ୬ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ହରମନପ୍ରୀତ ଭାରତକୁ ୨-୧ ରେ ଆଗୁଆ କରିଦେଇଥିଲେ। ହାଫ୍-ଟାଇମ୍ ସୁଦ୍ଧା ମ୍ୟାଚ୍ ଉପରେ ଭାରତ ସମ୍ପୂର୍ଣ୍ଣ କବଜା କରିସାରିଥିଲା।

ହାଫ୍-ଟାଇମ୍ ପରେ ତ ଭାରତୀୟ ଆଟାକିଂ ଲାଇନ୍ ପାକିସ୍ତାନ ରକ୍ଷଣଭାଗକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲା। ଭାରତକୁ ଏକ ପେନାଲ୍ଟି ଷ୍ଟ୍ରୋକ ମିଳିବାରୁ ଷ୍ଟାର୍ ଖେଳାଳି ହାର୍ଦ୍ଦିକ ସିଂ କୌଣସି ଭୁଲ୍ ନକରି ଗୋଲ୍ କରି ସ୍କ ?ରକୁ ୩-୧ କରିଥିଲେ। ଏହାପରେ ପାକିସ୍ତାନୀ ଖେଳାଳି କିଛି ବୁଝିବା ଆଗରୁ ଜୁଗରାଜ ସିଂ ଏକ ଦ୍ରୁତ କାଉଣ୍ଟର ଆଟାକ୍ ବଳରେ ଦଳ ପାଇଁ ଚତୁର୍ଥ ଗୋଲ୍ ସ୍କ ?ର କରିଥିଲେ। ୪୧ତମ ମିନିଟରେ ସୁଖଜିତଙ୍କ ଏକ ସୁନ୍ଦର ପାସକୁ ଗୋଲରେ ପରିଣତ କରି ଅଭିଷେକ ଭାରତର ସ୍କୋରକୁ ୫-୧ ରେ ପହଞ୍ଚାଇଥିଲେ।

# ସୋଏବଙ୍କ ଘରେ ଲଶ୍କର-ଏ-ତୋଏବାର ଟପ୍ ଆତଙ୍କବାଦୀ

**ଲାହୋର,୨୭।୬ :** କମୁନି ପାକିସ୍ତାନର ଆତଙ୍କୀ ପ୍ରୀତି । ବର୍ତ୍ତମାନ ସମୟରେ ସବୁ ବିଶିଷ୍ଟ ପାକିସ୍ତାନୀଙ୍କ ସମ୍ପର୍କୀୟ ହେଉଛନ୍ତି ଆତଙ୍କବାଦୀ । ଏକଥା ଆମେ ନୁହେଁ ବରଂ ଗୋଟିଏ ଫଟୋ କହୁଛି। ଭାରତ ପ୍ରତି ସମବେଦନା ଜଣାଉଥିବା ଏବଂ ଭାରତୀୟ କ୍ରିକେଟରଙ୍କୁ ପ୍ରଶଂସା କରୁଥିବା ପାକ୍ କ୍ରିକେଟର ଘରକୁ ଆତଙ୍କବାଦୀଙ୍କୁ ନିମନ୍ତ୍ରଣ କରିଛନ୍ତି । ପାକ୍ ଦ୍ରୁତ ବୋଲର ସୋଏବ ଅଖତାରଙ୍କଘରକୁଲଶ୍କରର ଟପ୍ ଆତଙ୍କବାଦୀ ଆସିବାକୁ ନେଇ ଜୋରଦାର ଚର୍ଚ୍ଚା ହେଉଛି । ଯାହାର ଫଟୋ ଭାଇରାଲ ହେବାରେ ଲାଗିଛି ।





ରିପୋର୍ଟ ଅନୁସାରେ, କିଛି ଦିନ ତଳେ ସୋଏବ ଅଖତାରଙ୍କ ଭାଇ ସାହିଦ ଅଖତାର ପ୍ରାଣ ହରାଇଥିଲେ । ତାଙ୍କୁ ଇସଲାମାବାଦର ଏଚ୍-୮ କବରସ୍ତାନରେ କବର ଦିଆଯାଇଥିଲା । ଏଥିରେ ଅନେକ ବ୍ୟକ୍ତି ସାମିଲ ହୋଇଥିଲେ । ଏପରିକି ପାକିସ୍ତାନୀ ମରକଜୀ ମୁସଲିମ୍ ଲିଗର ଅଧକ୍ଷ ଇନାମ-ଉର-ରେହମାନ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯାହାର ଫଟୋ ଏବଂ ଭିଡିଓ ଭାଇରାଲ ହେଉଛି । ପିଏମଏମଏଲ ନିଜ ସୋସିଆଲ ମିଡିଆରେ ଏହାକୁ ସେୟାର କରିଛି । ଇନାମଙ୍କ ନାଁ ପୂର୍ବରୁ ଚର୍ଚ୍ଚାରେ ରହିଛି । ସେ ଯେଉଁ ଦଳର ଅଧକ୍ଷ ଅଛନ୍ତି ତାହା ହେଉଛି ଲଶ୍କର ଏ ତୋଏବା ସମର୍ଥିତ ରାଜନୈତିକ ପାର୍ଟି । ତାଙ୍କ ମୁଣ୍ଡ ଉପରେ ହାଫିଜ୍ ସୟିଦର ଆଶୀର୍ବାଦ ମଧ ରହିଛି । ଅନେକ ଥର ଇନାମ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ୍ ସୈଫୁଲ୍ଲହା କସୁରୀଙ୍କୁ ସାକ୍ଷାତ କରିଛନ୍ତି ।

କେବଳ ଇନାମ ନୁହେଁ ସୋଏବଙ୍କ ଘରେ ପାକ୍ ନ୍ୟାଶନାଲ ଆସେମ୍ବଲୀର ସ୍ପିକର ଅୟାଜ ସାଦିକ ସାମିଲ ହୋଇଥିଲେ । ତାଙ୍କର ମଧ ଅନେକ ଟପ୍ ଆତଙ୍କବାଦୀଙ୍କ ସହ ସମ୍ପର୍କ ରହିଛି । ତେବେ ସୋଏବଙ୍କ ଭାଇଙ୍କ ଶେଷ ଦର୍ଶନ ବେଳେ ଅନେକ ଭାରତ ବିରୋଧୀ ତତ୍ତ୍ୱଙ୍କ ସାମିଲ ଏବେ ଚର୍ଚ୍ଚାର ଖୋରାକ ଯୋଗାଉଛି ।

# ହାର୍ଦ୍ଦିକ ଓ ମହିକାଙ୍କ ବିବାହ ଗୁଜବ

**ମୁମ୍ବାଇ,୨୭।୬ :** ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ତାଙ୍କ ଗର୍ଲଫ୍ରେଣ୍ଡ୍, ମଡେଲ୍ ମାହିକା ଶର୍ମାଙ୍କୁ ନେଇ ସୋସିଆଲ୍ ମିଡ଼ିଆରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ଏକ ଭାଇରାଲ୍ ଫଟୋକୁ ଆଧାର କରି କଳ୍ପନାଜଳ୍ପନା କରାଯାଉଛି ଯେ ଏହି ଦମ୍ପତି ନିଭୃତରେ ବିବାହ କରିନେଇଛନ୍ତି।

ସୋସିଆଲ୍ ମିଡ଼ିଆରେ ବ୍ୟାପକ ଭାବେ ପ୍ରସାରିତ ହେଉଥିବା ଏକ ଫଟୋରେ ମାହିକାଙ୍କ ମଥାରେ ସିନ୍ଦୂର ଥିବା ଦେଖିବାକୁ ମିଳୁଛି। ଫଟୋରେ ହାର୍ଦ୍ଦିକ ଏବଂ ମାହିକାଙ୍କ ସହ ଜଣେ ବୟସ୍କା ମହିଳା ମଧ ଅଛନ୍ତି, ଯିଏ ଦୁହିଁଙ୍କ ହାତ ଧରିଥିବା ପରି ଦେଖାଯାଉଛନ୍ତି। ଏହି ଫଟୋକୁ ଦେଖି ଅନେକ ୟୁଜର୍ସ ଦାବି କରୁଛନ୍ତି ଯେ ଏହା ଏକ ଗୋପନ ବିବାହ ଉତ୍ସବର ଚିତ୍ର।

ହାର୍ଦ୍ଦିକ କିମ୍ବା ମାହିକାଙ୍କ ପକ୍ଷରୁ ଏହି ଚର୍ଚ୍ଚା ଉପରେ କୌଣସି ପ୍ରତିକ୍ରିୟା ମିଳିନାହିଁ। ସୋସିଆଲ୍ ମିଡ଼ିଆର କିଛି ୟୁଜର୍ସ ଏହି ଫଟୋ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି ।



କେତେକଙ୍କ ମତରେ ଏହା ଏକଆଇଓ-ଜେନେରେଟେଡ୍ଫଟୋ ହୋଇଥାଇପାରେ। ବର୍ତ୍ତମାନ ପାଇଁ ଏହା କେବଳ ଏକ କଳ୍ପନାଜଳ୍ପନା ମାତ୍ର।

ସେପ୍ଟେମ୍ବର ୨୦୨୫ରେ ହାର୍ଦ୍ଦିକ ଏବଂ ମାହିକାଙ୍କ ଡେଟିଂ ଚର୍ଚ୍ଚା ପ୍ରଥମେ ସାମ୍ନାକୁ ଆସିଥିଲା। ଏହାର ଏକ ମାସ ପରେ ଦୁହେଁ ସୋସିଆଲ୍ ମିଡ଼ିଆରେ ନିଜ ସମ୍ପର୍କକୁ ସ୍ୱୀକାର କରିଥିଲେ। ୨୦୨୬ ଆଇପିଏଲ୍ ଏବଂ ଆଇସିସି ଟି-୨୦ ବିଶ୍ୱକପ୍ ସମୟରେ ମାହିକାଙ୍କୁ ହାର୍ଦ୍ଦିକଙ୍କୁ ସମର୍ଥନ କରିବା ପଡିଆ ବାହାରେ ଚିୟର କରୁଥିବା ଅନେକ ଥର ଦେଖିବାକୁ ମିଳିଛି।

ମାହିକାଙ୍କୁ ଡେଟିଂ କରିବା ପୂର୍ବରୁ ହାର୍ଦ୍ଦିକ ପାଣ୍ଡ୍ୟା ଅଭିନେତ୍ରୀ ନତାଶା ଷ୍ଟାଙ୍କ ?ଭିକ୍‌ଙ୍କୁ ବିବାହ କରିଥିଲେ। ଜୁଲାଇ ୨୦୨୪ରେ ଦୁହେଁ ପରସ୍ପରଠାରୁ ଅଲଗା ହେବାର ଘୋଷଣା କରିଥିଲେ। ତଥାପି, ସେମାନେ ଉଭୟ ନିଜ ପୁଅ ଅଗସ୍ତ୍ୟଙ୍କର ଯତ୍ନ ନେଉଛନ୍ତି। ଭାଇରାଲ୍ ହେଉଥିବା ଫଟୋ ଏବଂ ବିବାହର ଚର୍ଚ୍ଚା ଏବେ ସୁଦ୍ଧା କେବଳ ଗୁଜବ ବୋଲି କୁହାଯାଉଛି।


## ନେକ୍ସସ ଏସପ୍ଲାନେଡ ‘ଏଣ୍ଡ ଅଫ ସ୍ୟାଡ଼ନେସ ସେଲ’ର ଶୁଭାରମ୍ଭ

**ଭୁବନେଶ୍ୱର,୨୭।୬ :** ଚ଼ଳିତ ଋତୁରେ ପ୍ରତିଦିନର ଖୁସିର ମୁହୂର୍ତ୍ତ ଗୁଡ଼ିକୁ ପାଳନ କରିବା ପାଇଁ ନେକ୍ସସ ଏସପ୍ଲାନେଡ଼ ପକ୍ଷରୁ ‘ଏଣ୍ଡ ଅଫ ସ୍ୟାଡ଼ନେସ ସେଲ’ର ଶୁଭାରମ୍ଭ କରାଯାଇଛି ଏବଂ ଏଥିରେ ସାମିଲ ହେବା ପାଇଁ ଭୁବନେଶ୍ୱରବାସୀଙ୍କୁ ଆମନ୍ତ୍ରଣ କରାଯାଇଛି। ଏହା କେବଳ ଏକ ସେଲ ନୁହେଁ, ବରଂ ଏହି ଅଭିଯାନ ଏକ ସହଜ ସତ୍ୟ ଉପରେ ଆଧାରିତ ଯେ, ଲୋକମାନେ କେବଳ ସପିଙ୍ଗ କରିବା ପାଇଁ ମଲକୁ ଆସନ୍ତି ନାହିଁ। ସେମାନେ ନିଜ ଜୀବନର ସଫଳତାକୁ ସେଲିବ୍ରେଟ କରିବାକୁ, ସାଙ୍ଗ ମାନଙ୍କ ସହ ଦେଖା କରିବାକୁ, ପରିବାର ସହ ସମୟ ବିତାଇବାକୁ, ସ୍ମୃତି ଗଢ଼ିବାକୁ, ନୂଆ ଅନୁଭୂତି ସାଉଁଟିବାକୁ ଏବଂ ଅନେକ ସମୟରେ କେବଳ ନିଜ ମନକୁ ହାଲୁକା କରିବା ପାଇଁ ଏଠାକୁ ଆସିଥାନ୍ତି। ଆମେ ସମସ୍ତେ କେବେ ନା କେବେ ଏମିତି ପରିସ୍ଥିତି ଦେଇ ଗତିକରିଛେ - ଅଫିସରେ ଏକ ଖରାପ ଦିନ, କୌଣସି ଯୋଜନା ବାତିଲ ହୋଇଯିବା, ମନମୁତାବକ ଫଳ ନ ମିଳିବା, ହାତରୁ ସୁଯୋଗ ଚାଲିଯିବା କିମ୍ବା ଏମିତି ଏକ ଦିନ ଯେତେବେଳେ କୌଣସି ଜିନିଷ ଆପଣଙ୍କ ଇଚ୍ଛା ଅନୁସାରେ ହୋଇନଥାଏ।


# ଡେବ୍ୟୁରେ କମାଲ କଲା କେପ ଭର୍ଡେ

**ନୂଆଦିଲ୍ଲୀ,୨୭।୬ :** ଫିଫା ବିଶ୍ୱକପରେ କମାଲ କରିଛି ଡେବ୍ୟୁଟାଣ୍ଟ କେପ ଭର୍ଡେ। ଚଳିତ ବର୍ଷ ପ୍ରଥମ ଥର ପାଇଁ ବିଶ୍ୱର ସବୁଠାରୁ ଛୋଟ ପଶ୍ଚିମ ଆଫ୍ରିକୀୟ ଦେଶ କେପ ଭର୍ଡେ ଫିଫା ବିଶ୍ୱକପରେ ଡେବ୍ୟୁ କରିଥିଲା। ଏବେ ଦଳ ଐତିହାସିକ ସଫଳତା ସହ ଉରୁଗୁଏ ଭଳି ଦେଶକୁ ପଛରେ ପକାଇ ନକଆଉଟରେ ପ୍ରବେଶ କରିଛି। ଗ୍ରୁପ ଏଚ୍‌ର ଶେଷ ଲଢ଼େଇରେ ଅପେକ୍ଷାକୃତ ଶକ୍ତିଶାଳୀ ସାଉଦି ଆରବ ସହ ମ୍ୟାଚକୁ ୦-୦ରେ ଡ୍ର ରଖି କାପେ ଭର୍ଡେ ଏହି ଐତିହାସିକ ସଫଳତା ହାସଲ କରିଛି। ସେହିପରି ସ୍ପେନ ଠାରୁ ୦-୧ରେ ହାରି ଉରୁଗୁଏ ଚଳିତ ବିଶ୍ୱକପରୁ ବାଦ ପଡିଛି।



ବିଶ୍ୱକପରେ ପ୍ରଥମଥର ପାଇଁ ଖେଳୁଥିବା କେପ୍ ଭର୍ଡେ ଗ୍ରୁପ୍ ପର୍ଯ୍ୟାୟରେ ତିନୋଟି ମ୍ୟାଚ୍‌ରେ ଡ୍ର କରି ମୋଟ ୩ ପଏଣ୍ଟ ସହ ଗ୍ରୁପ୍ ଏଚ୍‌ରୁ ଦ୍ୱିତୀୟ ଦଳ ଭାବେ ରାଉଣ୍ଡ ଅଫ୍ ୩୨କୁ ପ୍ରବେଶ କରିଛି। ଜୁଲାଇ ୩ରେ କାପେ ଭାର୍ଡେ ମିଆମିରେ ଡିଫେଣ୍ଡିଂ ଚାମ୍ପିୟନ୍ ଆର୍ଜେଣ୍ଟିନାକୁ ଭେଟିବ। ଏହି ଗ୍ରୁପରେ ସ୍ପେନ୍ ୭ ପଏଣ୍ଟ ସହ ଶୀର୍ଷ ସ୍ଥାନ ଦଖଲ କରିଛି। ଉରୁଗୁଏ ଓ ସାଉଦି ଆରବ ୨ ପଏଣ୍ଟ ଲେଖାଏ ପାଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି। ଶେଷ ଗ୍ରୁପ୍ ମ୍ୟାଚ୍ ପୂର୍ବରୁ କେପ୍ ଭର୍ଡେ ଜାଣିଥିଲା ଯେ ଉରୁଗୁଏକୁ ଯଦି ସ୍ପ ?ନ୍ ? ହରାଇ ଦେଉଛି, ତା’ହେଲେ ପରବର୍ତ୍ତୀ ରାଉଣ୍ଡକୁ ଯିବା ପାଇଁ ଦଳକୁ ସାଉଦି ବିପକ୍ଷରେ କେବଳ ଡ୍ର ଦରକାର।


## ‘ଇସୁଜୁ ଆଇ-କେୟାର ପ୍ରି-ମନସୁନ୍ ସର୍ଭିସ୍ କ୍ୟାମ୍ପ’

**ଭୁବନେଶ୍ୱର,୨୭।୬ :** ସର୍ବୋତମ ସେବା ଏବଂ ମାଲିକାନା ଅଭିଜ୍ଞତା ପ୍ରଦାନ କରିବା ପାଇଁ ଇସୁଜୁର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିବା ପାଇଁ ଏକ ନିରନ୍ତର ପ୍ରୟାସରେ, ଇସୁଜୁ ମୋଟର୍ସ ଇଣ୍ଡିଆ ଏହାର ଇସୁଜୁ ଡି-ମାକ୍ସ ପିକ୍-ଅପ୍ସ ଏବଂ ଏସୟୁଭି ପାଇଁ ଏକ ଦେଶବ୍ୟାପୀ ‘ଇସୁଜୁ ଆଇ-କେୟାର ପ୍ରି-ମନସୁଆନ୍ କ୍ୟାମ୍ପ’ ଆୟୋଜନ କରିବ। ଶିବିରର ଲକ୍ଷ୍ୟ ହେଉଛି ଦେଶବ୍ୟାପୀ ଋତୁରେ ଗ୍ରାହକମାନଙ୍କୁ ଏକ ଅସୁବିଧାମୁକ୍ତ ଡ୍ରାଇଭିଂ ଅଭିଜ୍ଞତା ପାଇଁ ଆକର୍ଷଣୀୟ ସୁବିଧା ଏବଂ ପ୍ରତିରୋଧକ ରକ୍ଷଣାବେକ୍ଷଣ ଯାଂଚ ପ୍ରଦାନ କରିବା। ‘ଇସୁଜୁ କେୟାର’ର ଏକ ପ୍ରୟାସ, ପ୍ରାକ୍-ମନସୁନ୍ କ୍ୟାମ୍ପ ୧୮ ରୁ ୨୪ ଜୁନ୍ ୨୦୨୬ ମଧ୍ୟରେ ସମସ୍ତ ଇସୁଜୁ ଅନୁମୋଦିତ ଡିଲର ସର୍ଭିସ୍ ଆଉଟଲେଟ୍‌ରେ ଆୟୋଜିତ ହେବ। ଗ୍ରାହକମାନେ ସେମାନଙ୍କ ଯାନ ପାଇଁ ସ୍ୱତନ୍ତ୍ର ଅଫର ଏବଂ ସୁବିଧା ମଧ୍ୟ ପାଇପାରିବେ। ଆଗ୍ରା, ଅହଲ୍ୟାନଗର, ଅହମ୍ମଦାବାଦ, ଅମ୍ବିକାପୁର, ଅନନ୍ତପୁର, ବାରାମୁଲ୍ଲା, ବରେଲି, ବାରମେର, ବାରୁଚ, ଭଟିଣ୍ଡା, ବେଙ୍ଗାଲୁରୁ, ଭୋପାଳ, ଭୁବନେଶ୍ୱର, ବିକାନପୁର, ଚେନ୍ନାଇ, ଚିକମାଗାଲୁରୁ କୋଏମ୍ବାଟୁର, ଧୁଲେ, ଦିଲ୍ଲୀ, ଦିବ୍ରୁଗଡ, ଦିମାପୁର, ଦୁର୍ଗାପୁର, ଏର୍ନାକୁଲମ, ଗାନ୍ଧୀଧାମ, ଗୋରଖପୁର ଆଦି ସହରରେ ପ୍ରି-ମନସୁନ୍ କ୍ୟାମ୍ପର ଆୟୋଜନ କରାଯିବ।


## ବେଦାନ୍ତ ପକ୍ଷରୁ ରାଜକୋଷକୁ ୫ଲକ୍ଷ କୋଟି ଟଙ୍କା ପ୍ରଦାନ

**ଭୁବନେଶ୍ୱର,୨୭।୬ :** ଭାରତର ଅଗ୍ରଣୀ ବିବିଧ ପ୍ରାକୃତିକ ସଂପଦ କମ୍ପାନି ବେଦାନ୍ତ ଲିମିଟେଡ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ସରକାରୀ ରାଜକୋଷକୁ ୬୨,୭୨୨ କୋଟି ଟଙ୍କାର ଅବଦାନ ପ୍ରଦାନ କରାଯାଇଛି। କମ୍ପାନି ପକ୍ଷରୁ ଜାରି କରାଯାଇଥିବା ୧୧ତମ ଟିକସ ସ୍ୱଚ୍ଛତା ରିପୋର୍ଟ ଅନୁସାରେ ଏହି ଅବଦାନ ହେଉଛି କମ୍ପାନିର ପରିଚାଳନା ରାଜସ୍ୱର ୩୬ ପ୍ରତିଶତ ଯାହା ଭାରତର ଅର୍ଥନେ ?ତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହି ଅବଦାନ ୧୩.୩ ପ୍ରତିଶତ ଅଧିକ ରହିଛି। ଏଥି ସହିତ ବିଗତ ୧୦ ବର୍ଷରେ ସରକାରୀ ରାଜକୋଷକୁ ବେଦାନ୍ତର ଅବଦାନ ପରିମାଣ ୪,୮୩,୦୩୪ କୋଟି ଟଙ୍କାରୁ ଅଧିକ ହୋଇଛି। ଆର୍ଥିକ ଶୃଙ୍ଖଳା, ରାଷ୍ଟ୍ର ଗଠନ ଓ ବିକଶିତ ଭାରତ ପ୍ରତି ସହାୟତା ପ୍ରତି କମ୍ପାନି ଅତୁଟ ଗୁରୁତ୍ୱ ପ୍ରଦାନ କରିଛି। ଜାତୀୟ ରାଜକୋଷକୁ ଅବଦାନ ଦେଉଥିବା ଶ୍ରେଷ୍ଠ ତିନି ଘରୋଇ କ୍ଷେତ୍ର କମ୍ପାନି ମଧ୍ୟରେ ବେଦାନ୍ତ ଗ୍ରୁପ ରହିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବେଦାନ୍ତ ଐତିହାସିକ ଆର୍ଥିକ ପ୍ରଦର୍ଶନ କରିଥିଲା। କମ୍ପାନିର ରାଜସ୍ୱ ୧୫ ପ୍ରତିଶତ ବୃଦ୍ଧି ପାଇ ୧,୭୪,୦୭୫ କୋଟି ଟଙ୍କା ହୋଇଥିଲା ଯାହା ତାହାର ଇତିହାସରେ ସର୍ବାଧିକ। ଏବିଟଡା ୨୯ ପ୍ରତିଶତ ବୃଦ୍ଧି ପାଇ ୫୫,୯୭୬ କୋଟି ଟଙ୍କା ଓ ଟିକସ ପରବର୍ତ୍ତୀ ଲାଭ (ପିଏଟି) ୨୨ ପ୍ରତିଶତ ବୃଦ୍ଧି ପାଇ ୨୫,୦୯୬ କୋଟି ଟଙ୍କା ହୋଇଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ